

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୪ ଅପ୍ରେଲ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 24 APRIL 2021

Vol.No. 32 ■ No. 104 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର୍ ଅବସାନ ଘଟାଇ ପ୍ରକାଶ ପାଇଛି ବିଷୁବ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଆଜିଠାରୁ ଦୁଇ ଦିନିଆ ସଟଡାଉନ୍

### କଟକଣାରେ ଅତ୍ୟାବଶ୍ୟକ ସେବାକୁ ଛାଡ଼ି ସବୁ ରହିବ ବନ୍ଦ



ଭୁବନେଶ୍ୱର,୨୩/୦୪ (ନି.ପ୍ର): ସକାଳୁ ଘଂଟାଏ କୋହଳ ହେବ ସପ୍ତାହନ୍ତ ସଟଡାଉନ୍। ପ୍ରାତଃ ଭ୍ରମଣ ଓ ବ୍ୟାୟମ ପାଇଁ କଟକଣାକୁ ଘଂଟାଏ ପାଇଁ କୋହଳ କରାଯିବ । ତେବେ ଶନି ଓ ରବିବାର ସକାଳ ୫ଟାରୁ ୬ ଯାଏଁ ଲୋକମାନେ ମର୍ଣ୍ଣିଂ ୱାକ୍, ଜଗିଂ ଓ ସାଇକେଲିଂ କରିପାରିବେ । ଆସନ୍ତାକାଲିଠାରୁ ରାଜ୍ୟରେ ଆରମ୍ଭ ସପ୍ତାହାନ୍ତ ସଟଡାଉନ । ଆଜିର ନାଇଟ୍ କର୍ଫ୍ୟୁ ସମୟରୁ ସୋମବାର ସକାଳ ଯାଏଁ ଦୋକାନ ବଜାର ବନ୍ଦ ରହିବ । ଅର୍ଥାତ୍ ଆଜି ରାତି ୯ଟାରୁ ସୋମବାର ସକାଳ ୫ଟା ଯାଏଁ ଦୋକାନ ବଜାର, ଗାଡି ଚଳାଚଳ ସବୁ ବନ୍ଦ ରହିବ । କେବଳ ଅତ୍ୟାବଶ୍ୟକ ଓ ଅତିଜରୁରୀ ସେବା ଜାରି ରହିବ । ଆଜି ରାତି ୯ଟାରୁ ସୋମବାର ସକାଳ ୫ ଟା ଯାଏଁ ଦୋକାନ ବଜାର ଓ ଗାଡି ଚଳାଚଳ ବନ୍ଦ, ସକାଳୁ ଘଂଟାଏ କୋହଳ ହେବ ସପ୍ତାହନ୍ତ ସଟଡାଉନ୍, ପ୍ରାତଃ ଭ୍ରମଣ ଓ ବ୍ୟାୟମ ପାଇଁ କଟକଣାକୁ ସକାଳ ୫ଟାରୁ ୬ଟା ଯାଏଁ କୋହଳ । ସଟଡାଉନ ବେଳେ କଣ ଖୋଲା ରହିବ ଓ କଣ ବନ୍ଦ ରହିବ ? ଏହି ସମୟରେ ଅତ୍ୟାବଶ୍ୟକ ସେବା ଜାରି ରହିବ । ଡାକ୍ତରଖାନା, ନର୍ସିଂହୋମ, ଔଷଧ ଦୋକାନ ଖୋଲିବ । ଅଗ୍ନିଶମ, ପୁଲିସ, ପେଟ୍ରୋଲ ପମ୍ପ, ବିଦ୍ୟୁତ ଯୋଗାଣ, ଜଳ, ଏଲପିଜି, ଖବର କାଗଜ ଯୋଗାଣ, କ୍ଷୀର ଦୋକାନ ଖୋଲା ରହିବ । ରେଳ, ବିମାନ ଯାତ୍ରୀଙ୍କୁ ନେଇ ଯାଉଥିବା ଗାଡି ଚଳାଚଳ କରିବ । ତେବେ ମଲ, ସିନେମା ହଲ, ସାଧାରଣ ଯାତାୟାତ, ସ୍କୁଲ, କଲେଜ, ମନ୍ଦିର , ପାର୍କ, ଦୋକାନ ବଜାର, ପନିପରିବା ବଜାର, ବନ୍ଦ ରହିବ । ତେବେ ସଟଡାଉନ ସମୟରେ କଟକ ଓ ଭୁବନେଶ୍ୱରରେ କିଛି ସ୍ଥାନରେ ମୋ ବସ ସେବା ଜାରି ରହିବ । ରେଳଷ୍ଟେସନରୁ ବସ ଚଳାଚଳ କରିବ ଏବଂ ଏୟାରପୋର୍ଟ ଓ ରେଳଷ୍ଟେସନ ମଧ୍ୟରେ ମୋ ବସ ଚଳାଚଳ କରିବ । ସଟଡାଉନ ପାଇଁ କୌଣସି ପ୍ରକାର ପାସ ବ୍ୟବସ୍ଥା ହୋଇନାହିଁ । ଅତ୍ୟାବଶ୍ୟକ ଓ ଜରୁରୀକାଳୀ ସେବାର କର୍ମଚାରୀ ନିଜ ସଂସ୍ଥାର ପରିଚୟପତ୍ର ଦେଖାଇ ଯିବା ଆସିବା କରିପାରିବେ ।

## ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ କରୋନାରେ ୮ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୨୩/୦୪ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ କରୋନାରେ ୮ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହିତ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୧୯୭୩ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାର ଜଣେ ୩୮ ବର୍ଷୀୟା କରୋନା ସଂକ୍ରମିତ ମହିଳାଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ବଲାଙ୍ଗୀର ଜିଲ୍ଲାର ଜଣେ ୫୦ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣେ ୫୯ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଗଂଜାମ ଜିଲ୍ଲାର ଜଣେ ୭୫ ବର୍ଷୀୟ କରୋନା ସଂକ୍ରମିତ ମହିଳାଙ୍କ ମୃତ୍ୟୁ ଘଟିଛି । ଗଂଜାମ ଜିଲ୍ଲାର ଜଣେ ୫୦ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । କନ୍ଧମାଳ ଜିଲ୍ଲାର ଜଣେ ୪୨ ବର୍ଷୀୟ କରୋନା ସଂକ୍ରମିତ ମହିଳାଙ୍କ ମୃତ୍ୟୁ ଘଟିଛି । କଳାହାଣ୍ଡି ଜିଲ୍ଲାର ଜଣେ ୪୫ ବର୍ଷୀୟ କରୋନା ସଂକ୍ରମିତ ମହିଳାଙ୍କ ମୃତ୍ୟୁ ଘଟିଛି ।

## ୨ ମାସ ପାଇଁ ୮୦ କୋଟି ଲୋକଙ୍କୁ ଖାଦ୍ୟାନ୍ନ ଯୋଗାଯିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର,୨୩/୦୪ (ନି.ପ୍ର): ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା(ପିଏମଜିକେଏୱାଇ) ଅଧୀନରେ ଚଳିତବର୍ଷ ମଇ ଏବଂ ଜୁନ ମାସରେ ଦେଶର ୮୦ କୋଟି ଲୋକଙ୍କୁ ମାଗଣାରେ ମାସିକ ୫ କେଜି ଖାଦ୍ୟାନ୍ନ ଯୋଗାଇ ଦିଆଯିବାର ନିଷ୍ପତି ନେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି କଠିନ ସମୟରେ ଭାରତ ସରକାର ୨୬,୦୦୦ କୋଟି ଟଙ୍କା ଖର୍ଚ୍ଚରେ ଦେଶର ୮୦ କୋଟି ଲୋକଙ୍କୁ ଖାଦ୍ୟାନ୍ନ ଯୋଗାଯିବାର ନିଷ୍ପତି ସ୍ୱାଗତଯୋଗ୍ୟ । ମୋଦି ସରକାର ବର୍ତ୍ତମାନର କୋଭିଡ୍ ସଂକଟରେ ସମସ୍ତଙ୍କୁ ସହାୟତା ଦେବା ସହ ଖାଦ୍ୟ ନିରାପତା ସୁନିଶ୍ଚିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ।

## ରାଜ୍ୟରେ ଟ୍ରିପଲ ମ୍ୟୁଟାଣ୍ଟ ଚିହ୍ନଟ ହୋଇଥିବା ଜଣାପଡ଼ିନାହିଁ

ଭୁବନେଶ୍ୱର,୨୩/୦୪ (ନି.ପ୍ର): ଆମ ରାଜ୍ୟରେ ବର୍ତମାନ ଟ୍ରିପଲ ମ୍ୟୁଟାଣ୍ଟ ଚିହ୍ନଟ ହୋଇଥିବା ଜଣାପଡ଼ିନାହିଁ । ପଶ୍ଚିମବଙ୍ଗ, ଦିଲ୍ଲୀ, ଛତିଶଗଡ଼ରେ ଚିହ୍ନଟ ହୋଇଛି । ଏହି ନୂଆ ଭୁତାଣୁ ଶିଘ୍ର ବ୍ୟାପୁଛି । ଏହି ନୂଆ ଭୁତାଣୁକୁ କୋଭିଡ଼ ଟିକା ରୋକିବ କି ନାହିଁ ତାର ଅନୁଧ୍ୟାନ ଚାଲିଛି । ଦିତୀୟ ଡ଼ୋଜ ନେବା ପରେ ସଂକ୍ରମଣ କମ୍ ହେବା ଆଶଙ୍କା ରହିଛି । ସେ ଆହୁରି

▶▶ପୃଷ୍ଠା ୭

## ଆସିଲା କରୋନାର ନୂଆ ଔଷଧ ଭିରାଫିନ ଇଂଜେକ୍ସନ୍



ଭୁବନେଶ୍ୱର,୨୩/୦୪ (ନି.ପ୍ର): କ୍ରମାଗତ ଦୁଇ ଦିନ ଧରି ଦେଶରେ ରେକର୍ଡ ଭାଙ୍ଗୁଥିବା ଦୈନିକ ସଂକ୍ରମଣ ଭୟ ବଢ଼ାଉଥିବା ବେଳେ ଟିକିଏ ଆଶ୍ୱସ୍ତି କଲାଭଳି ଖବର ଆସିଛି । କରୋନା ମୁକାବିଲାକୁ ଜୋରଦାର କରିବା ପାଇଁ ଜାଇଡସ୍ କାଡିଲା ଫାର୍ମା କଂପାନୀ ନିର୍ମିତ 'ଭିରାଫିନ୍' ଇଂଜେକ୍ସନକୁ ଅନୁମତି ଦେଇଛନ୍ତି ଡ୍ରଗ୍ସ କଂଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ ବା ଡିଜିସିଆଇ । ସୀମିତ ଜରୁରିକାଳୀନ ବ୍ୟବହାର ପାଇଁ ମିଳିଛି ଏହି ଅନୁମତି । ଜାଇଡସ୍ କାଡିଲା ପକ୍ଷରୁ କୁହାଯାଇଛି, ମଧ୍ୟମ ଧରଣର କରୋନା ରୋଗୀଙ୍କ ଚିକିତ୍ସା ପାଇଁ ଏହି ଭାଇରାଲ ଔଷଧ ବେଶ ଫଳପ୍ରଦ ସାବ୍ୟସ୍ତ ହେଉଛି । ଏହା ସିଙ୍ଗଲ ଡୋଜର ଭାଇରାଲ୍ ଇଂଜେକ୍ସନ୍ ମଧ୍ୟମ ଧରଣର କରୋନା ଆକ୍ରାନ୍ତଙ୍କ ଚିକିତ୍ସା କ୍ଷେତ୍ରରେ ବିଶେଷ ଫଳପ୍ରଦ, ପ୍ରାରମ୍ଭିକ ପର୍ଯ୍ୟାୟରେ ଦିଆଗଲେ ଶୀଘ୍ର ସୁସ୍ଥ ହେବାରେ ସହାୟକ ହୋଇଥାଏ, ଭୂତାଣୁ ବିରୋଧରେ ଲଢ଼ିବା ପାଇଁ

▶▶ପୃଷ୍ଠା ୭

## ପ୍ରଧାନମନ୍ତ୍ରୀଙ୍କ ସହ ବୈଠକ ବେଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଦାବି : କହିଲେ, ଦେଶର ଅକ୍ସିଜେନ୍ ପ୍ଲାଂଟକୁ ନିୟନ୍ତ୍ରଣକୁ ନେଉ ସେନା

ନୂଆଦିଲ୍ଲୀ,୨୩/୦୪ (ନି.ପ୍ର): ୧୦ଟି ସର୍ବାଧିକ ସଂକ୍ରମିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । କରୋନାର ଦ୍ରୁତ ସଂକ୍ରମଣ ଓ ହସ୍ପିଟାଲ ବେଡରୁ ଆରମ୍ଭ କରି ଅକ୍ସିଜେନ୍ ସିଲିଣ୍ଡରର ଅଭାବ ଅଭିଯୋଗ ଭିତରେ ସ୍ଥିତିର ସମୀକ୍ଷା କରିଛନ୍ତି ମୋଦି ।

▶▶ପୃଷ୍ଠା ୭

## ସୁପ୍ରିମକୋର୍ଟଙ୍କ କୋଭିଡ ମାମଲାର ଶୁଣାଣି : ଓହରିଗଲେ 'ଆମିକସ୍ କ୍ୟୁରି' ନିଯୁକ୍ତ ହରିଶ ସାଲଭେ



ନୂଆଦିଲ୍ଲୀ,୨୩/୦୪ (ନି.ପ୍ର): ଭାରତରେ କୋଭିଡ-୧୯ ସଂକଟର ମୁକାବିଲା କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଭୂମିକାକୁ ନେଇ ଜନସ୍ୱାର୍ଥ ମାମଲାର ଶୁଣାଣିରେ କୋର୍ଟଙ୍କୁ ସହଯୋଗ କରିବା ନିମନ୍ତେ 'ଆମିକସ୍ କ୍ୟୁରି' ଭାବେ ନିଯୁକ୍ତ ଆଡଭୋକେଟ୍ ହରିଶ ସାଲଭେ ଏଥିରୁ ଓହରିଯିବାକୁ ନିବେଦନ କରିଛନ୍ତି । ସେ ତାଙ୍କ ଆବେଦନରେ କହିଛନ୍ତି କି କୋର୍ଟ ଶୁଣାଣି କରିବାକୁ ଯାଉଥିବା ଏହି ମାମଲା ସ୍ୱର୍ଶକାତର ମାମଲାଗୁଡିକ ଭିତରୁ ଅନ୍ୟତମ । ଦେଶ ଏବେ କରୋନା ସଂକ୍ରମଣକୁ ନେଇ ଉଦବେଗଜନକ ସ୍ଥିତିରେ ରହିଛି । ପୂର୍ବରୁ କେବେ ବି କୋର୍ଟ ଏଭଳି ସ୍ୱର୍ଶକାତର ମାମଲାର ପରିଚାଳନା କରି ନ ଥିବେ । ମୁଖ୍ୟ ବିଚାରପତିଙ୍କ ସହ ମୋର ସଂପର୍କ ଥିବାରୁ ମୋତେ 'ଆମିକସ୍ କ୍ୟୁରି' ଭାବେ ନିଯୁକ୍ତି ମିଳିଛି । ହେଲେ ଏଭଳି ଗୁରୁତ୍ୱହୀନ ନିଯୁକ୍ତି ଗ୍ରହଣ କରିବାକୁ ସେ ପ୍ରସ୍ତୁତ ନଥିବା କଥା କହିଛନ୍ତି । କହିରଖୁ କି ହରିଶ୍ ଙ୍କୁ 'ଆମିକସ୍ କ୍ୟୁରି' ଭାବେ ନିଯୁକ୍ତି ମିଳିବା ପ୍ରସଙ୍ଗକୁ ନେଇ ବିରୋଧୀ ଦଳମାନେ ଆପତ୍ତି ଉଠାଇଥିଲେ । ହେଲେ ପ୍ରଧାନ ବିଚାରପତି କହିଥିଲେ କି ସାଲଭେଙ୍କୁ ନିଯୁକ୍ତ କରିବା ଖଣ୍ଡପୀଠଙ୍କର ସାମୁହିକ ନିଷ୍ପତ୍ତି ଥିଲା । ଅନ୍ୟପଟେ ତାଙ୍କ ନିଯୁକ୍ତିକୁ ନେଇ ଅଯଥା ଅଭିଯୋଗ ଆସୁଥିବାରୁ

▶▶ପୃଷ୍ଠା ୭

## ଗୋଟିଏ ଦିନରେ ୬୨୧୫ କରୋନା ଆକ୍ରାନ୍ତ ଚିହ୍ନଟ



ଭୁବନେଶ୍ୱର,୨୩/୦୪ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୬୨୧୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୯୪୬୯୪ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୩୫୩୫୫୧ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୩୯୧୧୭ ରହିଛି। ଆଜି ଚିହ୍ନଟ ହୋଇଥିବା ୬୨୧୫ ଜଣଙ୍କ ମଧ୍ୟରୁ ୩୬୦୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୬୧୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୯୫୦ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧୭୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୭୯ ଜଣ, ବରଗଡ଼ରୁ ୨୬୮ ଜଣ, ଭଦ୍ରକରୁ ୮୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୨୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୨୦, କଟକରୁ ୩୮୩ ଜଣ, ଦେବଗଡ ଜିଲ୍ଲାରୁ ୩୩ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୬ ଜଣ, ଗଜପତି ଜିଲ୍ଲାରୁ ୪୭,

▶▶ପୃଷ୍ଠା ୭

## ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ପୁଣି ମିଳିବ ମାଗଣା ରାସନ

### ୮୦ କୋଟି ଲୋକ ହେବେ ଲାଭାନ୍ୱିତ



ନୂଆଦିଲ୍ଲୀ,୨୩/୦୪ (ନି.ପ୍ର): କରୋନା ମହାମାରୀକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର 'ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା' ମାଧ୍ୟମରେ ପୁଣି ଗରିବ ଲୋକମାନଙ୍କୁ ରାସନ ଯୋଗାଇବାକୁ ଘୋଷଣା କରିଛନ୍ତି । ଏଥର ୨ ମାସ ପର୍ଯ୍ୟନ୍ତ ପ୍ରତି ଲୋକକୁ ୫ କେଜି ଲେଖାଏଁ ରାସନ ଦିଆଯିବ ବୋଲି କୁହାଯାଇଛି । ଏହି ରାସନ ମେ ଓ ଜୁନ ମାସରେ ପ୍ରଦାନ କରାଯିବ । କେନ୍ଦ୍ର ସରକାରଙ୍କର ଏହି ମାଗଣା ରାସନ ମାଧ୍ୟମରେ ଦେଶରେ ୮୦ କୋଟି ଲୋକ ଲାଭାନ୍ୱିତ ହେବେ ବୋଲି ଆଶା କରାଯାଇଛି । କହିରଖୁ କି ପୂର୍ବ ବର୍ଷ ବି ଲକଡାଉନ ସମୟରେ ଏହି ଯୋଜନା ମାଧ୍ୟମରେ ଗରିବ ଲୋକଙ୍କୁ ମାଗଣା ରାସନ ଯୋଗାଇଥିଲେ କେନ୍ଦ୍ର ସରକାର । ଶୁକ୍ରବାର ଦିନ ପ୍ରଧାନମନ୍ତ୍ରୀ ଏହା ଘୋଷଣା କରିବା ସହ ଗରିବ ଲୋକଙ୍କୁ ପୋଷଣଯୁକ୍ତ ଆହାର ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ କି ଏହି ଯୋଜନାରେ କେନ୍ଦ୍ର ସରକାର ୨୬ ହଜାର କୋଟି ଟଙ୍କା ଖର୍ଚ୍ଚ କରିବେ । ଶୁକ୍ରବାର ଦିନ ପ୍ରଧାନମନ୍ତ୍ରୀ କରେନା ବିରୋଧ ଲଢେଇରେ ରାଜ୍ୟ ମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ଆଶ୍ୱସନା ଦେଇଛନ୍ତି । ସେ କହିଛନ୍ତି କି ଯଦି ଆମେ ଏକ ରାଷ୍ଟ୍ର ରୂପରେ କାମ କରିବା ତେବେ କରୋନା ଲଢେଇରେ ନିଶ୍ଚିନ୍ତ ସଫଳ ହେବା । କୋଭିଡ-୧୯ ର ତାଜା ଲହରରେ ସବୁଠାରୁ ଅଧିକ ପ୍ରଭାବିତ ହୋଇଥିବା ୧୦ ଟି ରାଜ୍ୟର ମୁଖ୍ୟମନ୍ତ୍ରୀ ମାନଙ୍କ ସହ ଭର୍ଚୁଆଲ ବୈଠକ କରି ରାଜ୍ୟ ମାନଙ୍କର ସ୍ଥିତି ଉପରେ ସମୀକ୍ଷା କରିଥିଲେ । ଏହାପରେ ପ୍ରଧାନମନ୍ତ୍ରୀ କହିଥିଲେ କି କରୋନାର ପ୍ରଥମ ଲହର ବେଳେ ସଂଯୁକ୍ତ ପ୍ରୟାସ ଓ ସଂଯୁକ୍ତ ରଣନୀତି ମାଧ୍ୟମରେ ସଫଳତା ମିଳିଥିଲା । ଏଥର ବି ସେହି ସିଦ୍ଧାନ୍ତରେ କାମକଲେ ଏଥର ବି କରୋନା ବିରୋଧରେ ମୁକାବିଲା କରାଯାଇପାରିବ ବୋଲି ସେ ଆଶ୍ୱସନା ଦେଇଛନ୍ତି ।

### ଇସ୍ପାତ କାରଖାନାରୁ ମେଡିକାଲ ଅକ୍ସିଜେନ ଯୋଗାଣ ନେଇ କେନ୍ଦ୍ରମନ୍ତ୍ରୀଙ୍କ ଟ୍ୱିଟ୍

## ଏପର୍ଯ୍ୟନ୍ତ ଯୋଗାଇ ଦିଆଗଲାଣି ୩୯ ହଜାର ମେଟ୍ରିକ୍ ଟନରୁ ଅଧିକ ଅକ୍ସିଜେନ



ଭୁବନେଶ୍ୱର,୨୩/୦୪ (ନି.ପ୍ର): ସାରା ଭାରତବର୍ଷର ଇସ୍ପାତ କାରଖାନା ଗୁଡିକ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ୧.୪୩ ଲକ୍ଷ ମେଟ୍ରିକ୍ ଟନ୍ ଲିକ୍ୟୁଇଡ୍ ମେଡିକାଲ ଅକ୍ସିଜେନ ଉପଲବ୍ଧ କରାଯାଇଥିବା ବେଳେ କେବଳ ରାଷ୍ଟ୍ରାୟତ ଇସ୍ପାତ ଉଦ୍ୟୋଗ ଗୁଡିକ ୩୯ ହଜାର ମେଟ୍ରିକ ଟନରୁ ଅଧିକ ଅକ୍ସିଜେନ ଯୋଗାଇ ଦେଇଥିବା କଥା ଟ୍ୱିଟ୍ କରି ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ତାଙ୍କ ଟ୍ୱିଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କୋଭିଡ-୧୯ ମହାମାରୀ ବିରୋଧରେ ଲଢେଇ କରିବା ପାଇଁ ଦେଶ ଏକାଠି ହୋଇଛି ବୋଲି କହିଛନ୍ତି । ଇସ୍ପାତ କ୍ଷେତ୍ର ମଧ୍ୟ ଏହି ଲଢେଇରେ ଦେଶବାସୀଙ୍କ ସହିତ ରହିଛି । ସାରାଦେଶରେ ଇସ୍ପାତ କାରଖାନାଗୁଡିକ ମେଡିକାଲ ଅକ୍ସିଜେନ ଯୋଗାଉଛନ୍ତି । ଏହାସହ ଓଡିଶାର ରାଉରକେଲା ଇସ୍ପାତ

▶▶ପୃଷ୍ଠା ୭

## କରାଳ ରୂପ ଦେଖାଉଛି କରୋନା : ଗଂଜାମରେ ୪ଦିନରେ ୩ ସାମ୍ବାଦିକଙ୍କ ମୃତ୍ୟୁ



ଗଞ୍ଜାମ,୨୩/୦୪ (ନି.ପ୍ର): କରୋନା ତାର କରାଳ ରୂପ ଦେଖାଇବାରେ ଲାଗିଛି । ଗଞ୍ଜାମ ଜିଲ୍ଲାରେ ଗତ ୪ ଦିନରେ କରୋନାରେ ଆଖି ବୁଜିଲେଣି ୩ ଜଣ ସାମ୍ବାଦିକ । ଏମାନେ ହେଲେ ଯୁବ ସାମ୍ବାଦିକ ଗୋବିନ୍ଦ ବେହେରା, ମନୋଜ ସାହୁ ଓ କରୁଣାକର ସାହୁ । ନ୍ୟୁଜ-୬ ଏବଂ ଓଡିଶା ଏକ୍ସପ୍ରେସ ଭଳି ୱେବ ପୋର୍ଟାଲରେ କାମ କରୁଥିବା କୁକୁଡାଖଣ୍ଡିର ଯୁବ ସାମ୍ବାଦିକ ଗୋବିନ୍ଦ ବେହେରାଙ୍କ କରୋନାରେ ମୃତ୍ୟୁ ହୋଇଛି । ଦୁଇଦିନ ହେଲା ସେ ବ୍ରହ୍ମପୁର ଏମକେସିଜି କୋଭିଡ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ଶ୍ୱାସକ୍ରିୟାରେ

▶▶ପୃଷ୍ଠା ୭

## ଶନିବାର, ରବିବାର ବନ୍ଦ ରହିବ ମୋ ବସ୍

ଭୁବନେଶ୍ୱର,୨୩/୦୪ (ନି.ପ୍ର): କରୋନା ସଂକ୍ରମଣ ବଢୁଥିବା ଯୋଗୁଁ ଆସନ୍ତାକାଲିଠାରୁ ଭୁବନେଶ୍ୱର କଟକ ସମେତ ରାଜ୍ୟର ସମସ୍ତ ସହରାଂଚଳରେ ସପ୍ତାହାନ୍ତ ଶଟ୍ଡାଉନ୍ ଘୋଷଣା କରିଛନ୍ତି ସରକାର। ଏହି ସପ୍ତାହାନ୍ତ ଶଟ୍ ଡାଉନ୍ ବେଳେ ରାଜଧାନୀ ଭୁବନେଶ୍ୱରରେ 'ମୋ ବସ୍ 'ର ନିୟମିତ ସେବା ବନ୍ଦ ରହିବ। ଦି କ୍ୟାପିଟାଲ୍ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପର୍ଟ (କ୍ରୁଟ୍) ପକ୍ଷରୁ ଏହି ସୂଚନା ଦିଆଯାଇଛି। କ୍ରୁଟ୍ କହିଛି, ସପ୍ତାହାନ୍ତ ଶଟ୍ ଡାଉନ୍ ବେଳେ ମୋ ବସ୍ ର ନିୟମିତ ସେବା ବନ୍ଦ ରହିଲେ ମଧ୍ୟ ରେଲୱେ ଷ୍ଟେସନ୍ ରୁ ଯାତ୍ରୀଙ୍କୁ ନେବା ପାଇଁ ଏହା ଚାଲିବ। ରେଲୱେ ଷ୍ଟେସନ୍ ରୁ କଟକ ଓ ଖୋର୍ଦ୍ଧା ପର୍ଯ୍ୟନ୍ତ ଚାଲିବ 'ମୋ ବସ୍ '। ସେହିପରି ଭୁବନେଶ୍ୱର ବିମାନବନ୍ଦରରୁ ଷ୍ଟେସନକୁ ସଟଲ ସେବା ମିଳିବ।

## ଗାଁ ମୁହାଁ ଚିଲିକା ପକ୍ଷୀ

କଣାସ,୨୩/୪ (ନି.ପ୍ର): ଶୀତରତୁ ଆରମ୍ଭ ହେଲେ ବିଦେଶୀ ପକ୍ଷୀମାନେ ହଜାର ହଜାର କି.ମି. ଅତିକ୍ରମ କରି ରୂପଲାବନ୍ୟ ପରିପାଟିରେ ପରିପୂର୍ଣ୍ଣ ଚିଲିକା ହ୍ରଦରେ ଆସି ଜମା ହୁଅନ୍ତି । ବିଦେଶୀ ପକ୍ଷୀମାନଙ୍କ କଳରବରେ ମୁଖରିତ ହୋଇ ଉଠିଥାଏ ଚିଲିକା ଓ ଏହାର ଆଖପାଖ ଅଂଚଳ । ପ୍ରତ୍ୟେକ ବର୍ଷ ଜୈବବିବିଧତାର ଭଣ୍ଡାର ଚିଲିକାକୁ କେନ୍ଦ୍ରୀୟ ଏସିଆ, ଆଫଗାନିସ୍ଥାନ, ସାଇବେରିଆ, ରୁଷିଆ, ଇରାନ୍, କାଜଗିସ୍ତାନ ଅଂଚଳରୁ ଲକ୍ଷଲକ୍ଷ ବିଭିନ୍ନ ଜାତିର ବିଦେଶୀ ପକ୍ଷୀ ଆସି ଚିଲିକାରେ ଆସ୍ଥାନ ଜମାନ୍ତି । ଚଳିତ ବର୍ଷ ଶୀତରତୁର ପ୍ରସ୍ଥାନ ହୋଇ ଗ୍ରୀଷ୍ମରତୁର ଆଗମନ ହୋଇଥିଲେ ମଧ୍ୟ ଅନେକ ବିଦେଶୀପକ୍ଷୀ ନିଜନିଜ ଦେଶକୁ ଫେରିନଯାଇ ଚିଲିକା ହ୍ରଦର ଉତରନାଶି ଅଂଚଳ କଣାସ ବ୍ଲକର ବିଭିନ୍ନ ଗ୍ରାମର ଧାନଜମିରେ ପାଚିଲାଧାନ, ପୋକଜୋକ ଖାଇବାକୁ ବର୍ତମାନ ବିଚରଣ କରୁଥିବା ଦେଖିବାକୁ ମିଳୁଛି ।

## ମାଙ୍କଡାପଥର ବୋଝେଇ ଟ୍ରକ ଜବତ

ଭୁବନ,୨୩/୪ (ନି.ପ୍ର):ଭୁବନ ବ୍ଲକ ଅନ୍ତର୍ଗତ ମାର୍ଥାପୁର ଅଂଚଳରେ ପ୍ରବଳ ମାତ୍ରାରେ ବେଆଇନ ମାଙ୍କଡାପଥର ଚାଲାଣ ହେଉଥିବା ସଂପର୍କରେ ସୂଚନା ପାଇ ସୁରପ୍ରତାପପୁର ଫାଣ୍ଡି ଅଧିକାରୀ ମୁରଲୀଧର ନାୟକ ଆଜି ସକାଳ ସାଢେ ୮ ଘଟିକା ସମୟରେ ପେଟ୍ରୋଲିଂରେ ଯାଇ ମାର୍ଥାପୁର ଛକରୁ ଓଆର ୦୯ ଜି-୮୧୦୬ ନମ୍ବର ବିଶିଷ୍ଟ ୬ ଚକିଆ ଟ୍ରକ କୁ ଜବତ କରି ଭୁବନ ଥାନାକୁ ହସ୍ତାନ୍ତର କରିଥିଲେ । ଟ୍ରକ ଡ୍ରାଇଭର ଉମାକାନ୍ତ ସେଠୀ କୁ ଭୁବନ ଥାନାରେ ଅଟକ ରଖାଯାଇଥିବା ଜଣାପଡିଛି । ଏ ସଂପର୍କରେ କେଶ ନଂ- ୧୫୧/୨୧ ରେ ମାମଲା ରୁଜ୍କୁ କରାଯାଇଥିବା ବେଳେ ଏସଆଇ ବିକାଶ ବେହେରା ତଦନ୍ତ ଚଳାଇଛନ୍ତି ।

# ବ୍ରହ୍ମପୁର ସହରରେ ଘରକୁ ଘର ବୁଲି ସ୍ୱାସ୍ଥ୍ୟ ଯାଂଚ୍ କାର୍ଯ୍ୟକ୍ରମ: ସ୍ଥିତି ଅନୁଧାନ କଲେ ବିଏମସି କମିଶନର

ଗଞ୍ଜାମ,୨୩/୪ (ନି.ପ୍ର): କରୋନାର ଦ୍ୱିତୀୟ ଲହରରେ ଗଞ୍ଜାମ ଜିଲ୍ଲାରେ ସଂକ୍ରମଣର ସ୍ଥିତି ସଙ୍ଗିନ ହେବାକୁ ବସିଥିବା ବେଳେ ପ୍ରବାସୀ ମାନେ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଫେରୁଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାରେ କଟକଣାକୁ କଡ଼ାକଡ଼ି କରାଯାଇଛି । ପୂର୍ବଥର ଜିଲ୍ଲାକୁ ସବୁଠାରୁ ଅଧିକ ପ୍ରବାସୀ ଫେରିଥିଲେ। ସଂକ୍ରମିତ ରାଜ୍ୟରୁ ପ୍ରବାସୀ ଫେରିବା ଫଳରେ ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଥିଲା । ବର୍ତମାନ ମଧ ଗଞ୍ଜାମ ଜିଲ୍ଲାରେ ସ୍ଥିତି ଅଣାୟାତ ହେବାକୁ ଯାଉଛି । ପୂର୍ବ ତୁଳନାରେ ଗଞ୍ଜାମ ଜିଲ୍ଲାରେ ସଂକ୍ରମଣ ହାର କମ୍ ରହିଥିଲେ ମଧ ଜିଲ୍ଲା ପ୍ରଶାସନ ଏଥର ଆଗୁଆ ସଚେତନ ହୋଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି । ପ୍ରଶାସନ ପକ୍ଷରୁ ପୁଣି ଥରେ ଦୁଇ ଦିନ ହେଲା ବ୍ରହ୍ମପୁର ସହରାଂଚଳରେ ଘରକୁ ଘର ବୁଲି ଟେଷ୍ଟିଂ ଓ ସ୍କ୍ରିନିଂ ଆରମ୍ଭ ହୋଇଛି । ଏଥିପାଇଁ ଜିଲ୍ଲାରେ ସ୍ୱତନ୍ତ୍ର ଟିମ୍ ପ୍ରସ୍ତୁତି କରାଯାଇଛି । ବ୍ରହ୍ମପୁର ସହରରେ ଘରକୁ ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟ ଯାଂଚ୍ ପ୍ରକ୍ରିୟା ପାଇଁ ଅଙ୍ଗନବାଡ଼ି କର୍ମୀ ଓ ଆଶା କର୍ମୀଙ୍କୁ ନେଇ ୧୧୨ଟି ଟିମ୍ ଗଠନ କରାଯାଇଛି । ଏହି ଟିମ୍ ସହରରେ ଘରକୁ ଘର ବୁଲି ଥର୍ମାଲ୍ ସ୍କ୍ରିନିଂ, ଅକ୍ସିଜେନ୍ ଯାଂଚ୍ ଆଦି କରିବା ସହ କରୋନା ଲକ୍ଷଣ ନେଇ ଲୋକଙ୍କୁ ସଚେତନ କରୁଛନ୍ତି । ଗତକାଲି ୩୮ ନଂ ୱାର୍ଡ଼ରେ ଅଙ୍ଗନବାଡ଼ି କର୍ମୀ ଓ ଆଶା ଦିଦି ମାନେ ଘରକୁ ଘର ବୁଲି ସ୍କ୍ରିନିଂ କରୁଥିବା ବେଳେ ୧୨ ନଂ ୱାର୍ଡ଼ରେ ଥର୍ମାଲ ସ୍କ୍ରିନିଂ ଓ ଅକ୍ସିଜେନ ଯାଂଚ୍ କାର୍ଯ୍ୟକ୍ରମକୁ ତଦାରଖ କରୁଛନ୍ତି । ବ୍ରହ୍ମପୁର ମହାନଗର ନିଗମ କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ଅଙ୍ଗନବାଡ଼ି କର୍ମୀ ଓ ଆଶା ଦିଦି ମାନେ କିପରି ହେଲଥ ସ୍କ୍ରିନିଂ କରୁଛନ୍ତି ତାହାର ପ୍ରତ୍ୟେକ୍ଷ ଅନୁଧାନ କରୁଛନ୍ତି । ଏହି ପ୍ରକ୍ରିୟା ୭ ଦିନ ଧରି ଚାଲିବ ।

# ଗଙ୍ଗା ମା'ଙ୍କ ଘଟ ଯାତ୍ରା ଆରମ୍ଭ

ଜୟପୁର,୨୩/୪ (ନି.ପ୍ର): ଜୟପୁର ଗଙ୍ଗାନଗରେ ଥିବା ଗଙ୍ଗା ମା ଙ୍କ ଘଟ ଯାତ୍ରା ଗୁରୁବାର ଆରମ୍ଭ ହୋଇଛି । ସବୁ ବର୍ଷ ପରି ଚଳିତ ବର୍ଷ ମଧ କୋଭିଡ ନିୟମ ଅନୁଯାଇ ଯାତ୍ରା ଆରମ୍ଭ ହୋଇଛି । ରୀତିନୀତି ଅନୁଯାଇ ପ୍ରଥମେ ବାଜା ବଜାଇ ସ୍ଥାନୀୟ ଅଧିଷ୍ଠାତ୍ରୀ ଦେବୀ ମା ଭଗବତୀଙ୍କ ନିକଟକୁ ଯାଇ ପୂଜା ପାଠ କରାଯାଇ ଆଜ୍ଞାମାଳ ଅଣାଯାଇଥାଏ । ପରେ ନୂତନ କଳସ ଆଣାଯାଇ ପୂଜା ପାଠ କରାଯାଇ ଥାଏ । ଚୈତ୍ର ଦଶମିରେ ଯାତ୍ରା ଆରମ୍ଭ ହୋଇ ୫ ଦିନ ଏହି ଯାତ୍ରା ଚାଲିଥାଏ । ମନ୍ଦିର ସମ୍ମୁଖରେ ଆକର୍ଷଣିୟ ତୋରଣରେ ମନ୍ଦିରକୁ ସାଜସଜ୍ଜା କରାଯାଇଛି । ଏହି ୫ ଦିନ ବାଜା ବଜାଇ ମାଙ୍କ ପ୍ରତିକ ଘଂଟ ହାଣ୍ଡି ଓ ଫୁଲ ଚାଙ୍ଗୁଡି ମୁଣ୍ଡରେ ଧରି ଭକ୍ତ ମାନେ ସାହି ସାହି ପରିକ୍ରମା କରନ୍ତି । ରାଷ୍ଟ୍ର ମଙ୍ଗଳ ପାଇଁ ମା ସାହି ସାହି ଘର ଘର ବୁଲନ୍ତି । ଏହି ସମୟରେ ଭକ୍ତ ମାନେ ଘର ସମ୍ମୁଖରେ ଲିପା ପୋଛା କରି ଭୋଗ ଲାଗି କରିଥାନ୍ତି । ପରେ ବିଳମ୍ବିତ ରାତ୍ରରେ ମାଙ୍କ ପ୍ରତୀକ ଘଂଟହାଣ୍ଡି ମନ୍ଦିରକୁ ଫେରିଥାଏ । ସେହି ସମୟରେ ଘଂଟକୁ ଧରିଥିବା ଭକ୍ତକୁ ଖଣ୍ଡାରେ ଝୁଲାଯାଇ ଶାନ୍ତି କରାଯାଇ ମନ୍ଦିରକୁ ନିଆଯାଏ । ଏପରି ଭାବେ ୫ ଦିନ ଧରି ଯାତ୍ରା ଚାଲିଥାଏ । ଯାତ୍ରା ସମୟରେ ଯୁବକ ଓ ଯୁବତୀ ମାନେ ଆନନ୍ଦର ସହ ମଜା ଉଠାଇ ସାମିଲ ହୋଇଥାନ୍ତି । ପ୍ରତ୍ୟେକ ବର୍ଷ ସଂନ୍ଧ୍ୟାରେ ମାଙ୍କ ପ୍ରତିକ ସହର ପରିକ୍ରମା କରୁଥିବା ବେଳେ ଚଳିତ ବର୍ଷ ନାଇଟ କର୍ଫ୍ୟୁ ଥିବାରୁ ୫ଟା ସମୟରେ ବିଧି ରଖିବା ପାଇଁ ସାହି ପରିକ୍ରମା କରାଯାଇଥିଲା । ସେତେ ଧୁମ ଧାମରେ ପାଳନ କରାଯାଇନଥିଲେ ବି ନୀତିକାନ୍ତ ଭିତରେ ଯାତ୍ରା କରାଯିବ ବୋଲି ପୂଜା କମିଟି ସୂଚନା ଦେଇଛି ।

# ସୂଚନା ଅଧିକାର କର୍ମୀଙ୍କ ଉପରେ ବୋମାମାଡ ଘଟଣା: ପୋଲିସ ରିମାଣ୍ଡରେ ଅଭିଯୁକ୍ତ

ଧର୍ମଶାଳା,୨୩/୪ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ଇମାନଗରଠାରେ ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରାଙ୍କ ଉପରେ ଦୃଦୃତମାନେ ତାଙ୍କ କାର ଉପରକୁ ବୋମା ମାଡ କରି ଫେରାର ହୋଇଯାଇଥିଲେ । ସର୍ବେଶ୍ୱରଙ୍କ ସହ ତାଙ୍କର ଅନ୍ୟ ୨ ଜଣ ସହଯୋଗୀ ଗୁରୁତର ଆହତ ହୋଇଥିଲେ । ଅଭିଯୁକ୍ତଙ୍କୁ ଗିରଫ କରିବା ଘଟଣାରେ ପୋଲିସ ଉପରେ ଚାପ ପଡିବା ସହ ବିଜେପି ପକ୍ଷରୁ ଥାନା ଆଗରେ ଧାରଣା ମଧ୍ୟ ଦେଇଥିଲା । ଫଳରେ ପୋଲିସ ବିଭିନ୍ନ ସ୍ଥାନରୁ ଚଢାଉ କରି ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଅଭିଯୁକ୍ତଙ୍କ ଟିଆଇ ପ୍ୟାରେଡ କରାଯାଇଥିବା ବେଳେ ବିଚାର ବିଭାଗୀୟ ହାଜତରେ ଥିବା ରିଂଟୁଙ୍କୁ ଆଜିଠାରୁ ୩ ଦିନିଆ ରିମାଣ୍ଡରେ ଆଣିବା ପାଇଁ ପୋଲିସ ଚଣ୍ଡିଖୋଲ ଜେଏମଏଫସି କୋର୍ଟରେ ଆବେଦନ କରିଥିଲେ । ତେବେ କୋର୍ଟ ରିମାଣ୍ଡରେ ନେବା ପାଇଁ ଅନୁମତି ଦେଇଛନ୍ତି । ରିମାଣ୍ଡ ଅବଧି ସମୟରେ ପୋଲିସ ରିଂଟୁ ଦ୍ୱାରା କ୍ରାଇମ୍ ରିକ୍ରିଏସନ୍ କରାଇ ପାରେ ବୋଲି ଜଣାପଡିଛି ।

# ଆନ୍ଧ୍ର ଓ ତେଲେଙ୍ଗାନାକୁ ଚାଲିଛି ରାତି ଅଧିଆ ଯାତାୟତ

ମାଲକାନଗିରି,୨୩/୪ (ନି.ପ୍ର): ଓଡିଶା ସରକାର ପଡୋଶୀ ଛତିଶଗଡ ରାଜ୍ୟର ମହାମାରୀ କରୋନାର ଦ୍ୱିତୀୟ ଲହରୀର ଭୟାବହତାକୁ ଦୃଷ୍ଟିରେ ରଖି ଗତ ୧୯ରୁ ଛତିଶଗଡ ସମେତ ସମସ୍ତ ପଡୋଶି ରାଜ୍ୟକୁ ଚଳାଚଳ କରୁଥିବା ଆନ୍ତଃରାଜ୍ୟ ବସ୍ ଚଳାଚଳ ଉପରେ ନିଷେଧାଦେଶ ଜାରି କରିଛନ୍ତି । ଏହାଦ୍ୱାରା ପଡୋଶୀ ଛତିଶଗଡ ସମେତ ଆନ୍ଧ୍ର ଓ ତେଲେଙ୍ଗାନା ସମେତ ଅନ୍ୟାନ୍ୟ ରାଜ୍ୟକୁ ସମସ୍ତ ଆନ୍ତଃରାଜ୍ୟ ଓ ଅଲ୍ ଇଣ୍ଡିଆ ଟୁରିଷ୍ଟ ପରମିଟ ବସ ଚଳାଚଳ ବନ୍ଦ ରହିଛି । ତେବେ ଯାତ୍ରୀ ନେଇ ଯାତାୟତ କରୁଥିବା ସମସ୍ତ ବସ ଚଳାଚଳ ସମ୍ପୂର୍ଣ୍ଣ ରୁପେ ବନ୍ଦ ରହିଥିଲେମଧ ନବରଙ୍ଗପୁର ଜିଲା ସମେତ ନୂଆପଡା ଓ କଳାହାଣ୍ଡି ଜିଲାରୁ ଜୟପୁର ଓ ମାଲକାନଗିରି ଦେଇ ଆନ୍ଧ୍ରର ବିଜୟୱାଡା ଓ ତେଲେଙ୍ଗାନାର ହାଇଦ୍ରାବାଦକୁ ରାତିଅଧିଆ ଯାତ୍ରୀଙ୍କ ଯାତାୟତ ପ୍ରାୟ ସ୍ୱାଭାବିକ ରହିଥିବା ଜଣାଯାଇଛି । ମାଲକାନଗିରି ଜିଲାର ମୋଟୁ ତହସିଲଦାର ଓ ପୁଲିସର କଡା ଯାଂଚ ସାଙ୍ଗକୁ କଡା ଆଭିମୁଖ୍ୟରେ ଭୟଭୀତ ରାଜ୍ୟ ବାହାରେ ପଞ୍ଜୀକୃତ କିଛି ବସ୍ ଆନ୍ତଃରାଜ୍ୟ ଯାତ୍ରୀ ପରିବହନରେ ସେମାନଙ୍କ କୌଶଳ ବଦଳାଇଥିବା ଅଭିଯୋଗ ହେଉଛି । ଅଲ ଇଣ୍ଡିଆ ଟୁରିଷ୍ଟ ପରମିଟ ବଳରେ ହାଇଦ୍ରାବାଦ୍ ?କୁ ଯାତାୟତ କରୁଥିବା ଓଡିଶା ପଞ୍ଜୀକୃତ ପ୍ରାୟ ସମସ୍ତ ବେସରକାରୀ ଘରୋଇ ବସ ସରକାରଙ୍କ ନିର୍ଦ୍ଦେଶକୁ ମାନି ଚଳାଚଳ ବନ୍ଦ କରିଥିବା ବେଳେ ଛତିଶଗଡ, ଆନ୍ଧ୍ର, ତେଲେଙ୍ଗାନାରେ ପଞ୍ଜୀକୃତ କିଛି ବସ୍ ? ଓଡିଶା ସୀମାନ୍ତ ମୋଟୁ ନିକଟସ୍ଥ ସିଲେରୁ ନଦୀ ଉପରେ ନିର୍ମିତ ଆନ୍ଧ୍ର ସୀମାନ୍ତ ଚିନ୍ତୁର ବ୍ରିଜ ନିକଟସ୍ଥ ଏକ ଢାବାରେ ଡେରା ପକାଇ ହଇଦ୍ରାବାଦ୍ ଓ ବିଜୟୱାଡା ଯାତ୍ରୀ ଅପେକ୍ଷାରେ ରହିଥିବା ଜଣାଯାଇଛି । ନବରଙ୍ଗପୁର. ନୂଆପଡା, କଳାହାଣ୍ଡି, କୋରାପୁଟ ଓ ମାଲକାନଗିରି ଜିଲାର କାଳିମେଳା, ଏମଭି-୭୯, ଏମଭ- ୮୧ ଇଦ୍ୟାଦି ସ୍ଥାନରୁ ଗୋପନୀୟଭାବେ କେତେକ ନିର୍ଦ୍ଦିଷ୍ଟ ସ୍ଥାନୀୟ ବସରେ ଅତ୍ୟଧିକ ଚଢା ଦରରେ ଦାଦନ ଶ୍ରମିକ ମୋଟୁ ନିକଟସ୍ଥ ଓଡିଶା-ଆନ୍ଧ୍ର ସୀମାନ୍ତରେ ଅଟକିଥିବା ଏକାଧିକ ବସ ସକାଶେ ବୁହା ଚାଲିଥିବାବେଳେ ହାଇଦ୍ରାବାଦ୍, ବିଜୟୱାଡାରୁ ଆସିଥିବା ଯାତ୍ରୀଙ୍କୁ ମୋଟୁରୁ ନେଇ ମାଲକାନଗିରି, ଜୟପୁର ଦେଇ ନବରଙ୍ଗପୁର, ଉମରକୋଟ, ନୂଆପଡା ଓ କଳାହାଣ୍ଡି ବୋହି ଆଣୁଥିବା ଅଭିଯୋଗ ହେଉଛି । ହାଇଦ୍ରାବାଦ୍, ବିଜୟୱାଡାରୁ ଆସିଥିବା ଯାତ୍ରୀ ଜୟପୁରରେ ଅଟକି ଶୌଚ, ଚାହା-ଜଳଖିଆ ସାଙ୍ଗକୁ ନିଜନିଜର ଗନ୍ତବ୍ୟ ସ୍ଥାନ ସକାଶେ ବସ ବଦଳାଉଥିବାରୁ ବରିଷ୍ଠ ନାଗରିକ ମହଲରେ ଏହା ଚିନ୍ତାର ବିଷୟ ପାଲଟିଥିବାବେଳେ ମାଲକାନଗିରି ସମେତ କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡା ଜିଲା ନିମନ୍ତେ ଭବିଷ୍ୟତରେ ଏହା ବିଷମ ପରିସ୍ଥିତି ସୃଷ୍ଟି କରିବା ସମ୍ଭାବନାକୁ ଏଡାଇ ଦେଇହେବନାହିଁ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି । ମୋଟୁ ପୁଲିସ ତରଫରୁ ମୋଟୁ ସୀମାନ୍ତ ଚିନ୍ତୁର ବ୍ରିଜ୍‌କୁ ଲାଗି ଫାଟକ ବ୍ୟବସ୍ଥା କରାଗଲେ ହାଇଦ୍ରାବାଦ୍ ଓ ବିଜୟୱାଡାରୁ ରାତିଅଧିଆ ମୋଟୁରେ ପହଂଚି ଆବଶ୍ୟକୀୟ ପଞ୍ଜୀକରଣ ନକରାଇ ଅବୈଧଭାବେ ମୋଟୁରୁ ଭୋରରୁ ବାହାରୁଥିବା କିଛି ସରକାରୀ ଓ ବେସରକାରୀ ବସରେ ଲୁଚିଛପି ଏହି ଅଂଚଳରେ ଆସୁଥିବା ଯାତ୍ରୀଙ୍କୁ ପଞ୍ଜୀକରଣ ଓ ଯାଂଚ ଉଦ୍ଦେଶ୍ୟରେ ଅଟକାଇ ଯାଇପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଉଛି । ସରକାରଙ୍କ ନିଷେଧାଦେଶକୁ ଅମାନ୍ୟକରି ଚଢାଦରରେ ଆନ୍ତଃରାଜ୍ୟ ଯାତ୍ରୀ ପରିବହନ ସାଙ୍ଗକୁ ଦାଦନ ବୋହି ଯାତାୟତ କରୁଥିବା ବସ ଉପରେ ବେଳଥାଉଣୁ କୋଭିଡ-୧୯ ନିୟମାନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାସହ ନବରଙ୍ଗପୁର, ବୋରିଗୁମ୍ମା, ଜୟପୁର, ବୈପାରୀଗୁଡା, ମାଥିଲି, ମାଲକାନଗିରି, କାଳିମେଳା, ପଡିଆ, ମୋଟୁ ଆଦି ସ୍ଥାନରେ ଯାତ୍ରୀ ଯାଂଚ ବ୍ୟବସ୍ଥା କଡାକଡି କରାଯିବାକୁ ସାଧାରଣରେ ଦାବୀ ହେଉଛି । ରାଜ୍ୟସରକାର କୋରନାର ମୁକାବିଲା ପାଇଁ ଆନ୍ତରାଜ୍ୟ ବସ ଚଳାଚଳକୁ ନିଷେଧ କରିଥିଲେ ହେଁ ଗଳାବାଟ ଦେଇ ଲୋକମାନେ ଯାତାୟତ କରୁଥିବାବେଳେ ଏଥିପ୍ରତି କୋଠର ପଦକ୍ଷେପ ନେବା ଓ ଯାଂଚ ପ୍ରକ୍ରିୟାକୁ କଡାକଡି କରିବାର ଜରୁରୀ ଆବଶ୍ୟକତା ଦେଖା ଦେଇଛି ।

# ପାନୀୟ ଜଳ ପାଇଁ ମହିଳାଙ୍କ ପ୍ରତିବାଦ

ଧର୍ମଶାଳା,୨୩/୪ (ନି.ପ୍ର): ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ପାଳନୀୟ ଜଳର ଘୋର ସମସ୍ୟା ଦେଖାଦେଲାଣି । ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଂଟିଆ ପଂଚାୟତ ଖରିଲୋ ଗ୍ରାମରେ ଦେଖା ଦେଇଛି ପାନୀୟ ଜଳ ସମସ୍ୟା । ସ୍ଥାୟୀ ସମାଧାନ ପାଇଁ ମହିଳାମାନେ ଗରା,ମାଣ୍ଡିଆ ଓ ବାଲଟି ଧରି ଅବିନବ ଉପାୟରେ ପ୍ରତିବାଦ କରିଛନ୍ତି । ଏହି ଗ୍ରାମରେ ୨ଶହରୁ ଉର୍ଦ୍ଧ ପରିବାର ବସବାସ କରନ୍ତି । ୭ଶହ ଲୋକଙ୍କୁ ୩ ଗୋଟି ନଳକୂପ ଅଛି । ସେଥିମଧ୍ୟରୁ ୨ଟି ଅଚଳ । ଗ୍ରୀଷ୍ମପ୍ରବାହରେ ଗଡିଆ ପୋଖରୀ ଶୁଖିଗଲାଣି । ଫଳରେ ଅନ୍ୟଗୋଟି ନଳକୂପରେ ସାମାନ୍ୟ ପାଣି ବାହାରୁଛି । ଫଳରେ ପାନୀୟ ଜଳ ପାଇଁ ଲୋକେ ନଦୀ ଓ ଚୂଆ ପାଣି ଉପରେ ଭରସା କରିବା ପାଇଁ ବାଧ୍ୟ ହେଉଛନ୍ତି । ଫଳରେ ଏହି ପାଣି ପିଇ ଅନେକ ଲୋକ ଚର୍ମ ରୋଗରେ ଆକ୍ରାନ୍ତ ହେଲେଣି । ଏହି ସମସ୍ୟାକୁ ନେଇ ବାରମ୍ବାର ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ଲୋକପ୍ରତିନିଧିଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷେ ଅଂଟିଆସ୍ଥିତ ଶ୍ୟାମସୁନ୍ଦରପୁରଠାରେ ଏକ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା । ହେଲେ ତାହା ଅତି ନିମ୍ନମାନର କାର୍ଯ୍ୟ ହୋଇଥିବାରୁ ଏହା ମଧ୍ୟ ଅଚଳ ହୋଇପଡିଛି । ଏହାର ପ୍ରତିବାଦରେ ଶତାଧିକ ମହିଳାମାନେ ଏହି ପାନୀୟ ପ୍ରକଳ୍ପ ଆଗରେ ପ୍ରତିବାଦ କରି ପ୍ରକଳ୍ପରେ ତାଲା ପକାଇ ଦେଇଥିବା ଜଣାପଡିଛି । ତେବେ ଏହି ଅଂଚଳ ପ୍ରତି ଜିଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଶତାଧିକ ମହିଳାମାନେ ଦାବି କରିଛନ୍ତି ।

# କଣାସ ବ୍ଲକରେ ସମସ୍ତ ଗୋଚର ଓ ଅନାବାଦି ଜମି ଜବରଦଖଲ : ଗୋ-ସମ୍ପଦ ବିଲୁପ୍ତ ହେବାକୁ ବସିଲାଣି

କଣାସ,୨୩/୪ (ନି.ପ୍ର): ପୁରୀ ଜିଲ୍ଲାର ଚିଲିକା ଉପକୂଳରେ ଅବସ୍ଥାପିତ କଣାସ ବ୍ଲକର ୨୫ଟି ଗ୍ରାମପଚାଂୟତର ୧୩୯ଟି ରାଜସ୍ୱ ଓ ୧୦୮ଟି ପଡାଗ୍ରାମରେ ଥିବା ୫୪୩୪ ହେକ୍ଟର ଗୋଚର ଓ ଅନାବାଦି ଜମି ଜବରଦଖଲରେ ଥିବାରୁ କଣାସ ବ୍ଲକର ଗୋ ସମ୍ପଦ ଦିନକୁ ଦିନ କମିଯାଉଥିବା ଏକ ସର୍ଭେରୁ ଜଣାପଡିଛି । ବିଭିନ୍ନ ଗ୍ରାମପଚାଂୟତରେ ବିଭିନ୍ନ ଯୋଜନାର ସରକାରୀ କାର୍ଯ୍ୟାଳୟ ଅନାବାଦି ଜମିରେ ନିର୍ମାଣ ହୋଇପାରୁ ନାହିଁ କାରଣ ଅନାବାଦି ଜମିଗୁଡିକ ପ୍ରଭାବଶାଳୀ ବ୍ୟକ୍ତିମାନେ ନିଜ ଅକ୍ତିଆରକୁ ନେଇ ବାଡି, ବଗିଚା, ପୋଖରୀ, ବାସଗୃହ ତିଆରି କରିଦେଇଥିବାରୁ ସରକାରୀ ଜାଗା ମିଳୁନାହିଁ । ତହସିଲଦାର ଲକ୍ଷ୍ମଧରଙ୍କ ମାହାରଣାଙ୍କ ନିକଟରେ କେତେକ ଗ୍ରାମବାସୀ ଗୋଚର ଓ ଅନାବାଦି ଦଖଲକାରୀଙ୍କ ଠାରୁ ମୁକ୍ତ କରିବାପାଇଁ ଅଭିଯୋଗ କରିଥିବା ଜଣାପଡିଛି । ଅଭିଯୋଗ ପାଇବାପରେ କଣାସ ତହସିଲଦାର ଶ୍ରୀ ମହାରଣା ବିଭିନ୍ନ ପଚାଂୟତର ଜବରଦଖଲରେ ଥିବା ଅନାବାଦି ଓ ଗୋଚର ଜମି ସମ୍ପର୍କରେ ଟିକିନିଖି ତଥ୍ୟ ସଂଗ୍ରହ କରୁଥିବା ଜଣାପଡିଛି । ଏ ସମ୍ପର୍କରେ କଣାସ ତହସିଲଦାର ଲକ୍ଷ୍ମୀଧର ମହାରଣାଙ୍କୁ ପଚାରିବାରୁ ସେ କୁହନ୍ତି, ମୁଁ ବର୍ତମାନ ବିଭିନ୍ନ ଗ୍ରାମପଚାଂୟତରେ ଜବରଦଖଲ ହୋଇଥିବା ସରକାରୀ ଓ ଅନାବାଦି ଗୋଚର ଜମି ସମ୍ପର୍କରେ ତଥ୍ୟ ସଂଗ୍ରହ କରୁଛି । ଯେଉଁମାନେ ଗୋଚର ଓ ଅନାବାଦୀ ସମ୍ପତିକୁ ଜବରଦଖଲରେ ରଖିଛନ୍ତି ସେମାନଙ୍କୁ ପ୍ରଥମେ ସରକାରୀ ଜାଗା ଛାଡିଦେବା ପାଇଁ ନୋଟିସ୍ କରାଯିବ ନ ଛାଡିଲେ ଆଇନ ଅନୁଯାଇ ଉକ୍ତ ସ୍ଥାନରୁ ବାହାର କରିଦିଆଯିବ ।

# ଭୁବନର ପ୍ରସିଦ୍ଧ ଶକ୍ତିପୀଠ ମା' ହିଙ୍ଗୁଳା

ଭୁବନ,୨୩/୪ (ନି.ପ୍ର): ମନ୍ଦିର ମାଳିନୀ ଦେବଭୂମୀ ଏଇ ଭାରତ । ହଜାର ହଜାର ବର୍ଷ ଧରି ଭାରତୀୟ ସନାତନ ସଂସ୍କୃତି ବିଶ୍ୱର ଜନମାନସକୁ ଭାବ ଓ ରସ ଚେତନାରେ ଆକୃଷ୍ଟ କରି ଆସିଛି । ସେହି ସୃଷ୍ଟିର ଆଦିଉସ୍ ପ୍ରକୃତି ଓ ପୁରୁଷର ରହସ୍ୟମୟ ସୃଷ୍ଟି । ସେହି ପ୍ରକୃତିକୁ ଆଦିମାତା ରୂପରେ ଆରାଧନା କରିବାକୁ ଯାଇ ସହସ୍ର ଶକ୍ତିପୀଠ ଆଜି ଭାରତ ଭୂମିରେ ମୁଣ୍ଡ ଟେକିଛି । ପ୍ରତିଟି ଶକ୍ତିପୀଠ ନିଜର ଐତିହ୍ୟ ,ପରମ୍ପରା ଓ ଧର୍ମଧାରାର ଗୌରବରେ ଗରୀୟାନ । ତନ୍ମଧ୍ୟରୁ ଢେଙ୍କାନାଳ ଜିଲ୍ଲା ଭୁବନର ପବିତ୍ର ହିଙ୍ଗୁଳା ପୀଠ ଅନ୍ୟତମ । ମା' ଙ୍କ ଆବିର୍ଭାବ ସଂପର୍କରେ ଲୋକ ମୁଖରୁ ଶୁଣାଯାଏ ଯେ,୧୯୫୯ ମସିହା ଚୈତ୍ରମାସରେ ଭୁବନ ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ ଘଟି ଅର୍ଦ୍ଧାଧିକ ଘର ଭସ୍ମ ହୋଇଯାଇଥିଲା । ପ୍ରକୃତିରୁପିଣୀ ଆଦ୍ୟାଶକ୍ତି ମା' ହିଙ୍ଗୁଳା ଅରୁପା ଅଜନ୍ମା ହେଲେ ମଧ ଆମ ପାଇଁ ଅଗ୍ନି ରୂପେଣ ସଂସ୍ଥିତା । ପ୍ରଥମ କରି ମା ନିଜକୁ ଲେଲିହାନ ଅଗ୍ନିରୂପେ ଭୁବନର ଏ ସାହିରୁ ସେ ସାହିକୁ ବୁଲି ନିଜର ଆବିର୍ଭାବ ସମ୍ବନ୍ଧରେ ସୂଚନା ଦେଇଥିଲେ ବୋଲି ବିଶ୍ୱାସ କରି ଭୁବନ ବାସୀ ପୂଣ୍ୟତୋୟା ବ୍ରାହ୍ମଣୀନଦୀ କୂଳରେ ଏକ ବାଲିମେଳା ମହାଯଜ୍ଞ ର ଆୟୋଜନ କରି ମା ହିଙ୍ଗୁଳା ଦେବୀ ଙ୍କୁ ଆହ୍ୱାନ କରିଥିଲେ । ଯଜ୍ଞର ଅନ୍ତିମ ଦିବସ ମଧ୍ୟ ରାତ୍ରରେ ଯଜ୍ଞର କର୍ତା ସ୍ୱର୍ଗତ ଧ୍ରୁବ ଚରଣ ନାୟକ ଙ୍କୁ ସ୍ୱପ୍ନାଦେଶ ହୋଇଥିଲା ଯେ,ମୁଁ ତୁମ ଭକ୍ତି ଓ ସମର୍ପଣରେ ସନ୍ତୁଷ୍ଟ ହୋଇ ମୋର ମୁଖ୍ୟଧାମ ତାଳଚେରରୁ ବ୍ରାହ୍ମଣୀ ନଦୀରେ ଭାସିଆସି ଦୌଡେଶ୍ୱର ମହାଦେବ ମନ୍ଦିର ନିକଟରେ ଅଟକି ରହିଛି । ଏକଥା ବିଜୁଳିବେଗରେ ଗାଁ ସାରା ପ୍ରଚାରିତ ହେବାପରେ ଦୌଡେଶ୍ୱର ମନ୍ଦିର ନିକଟକୁ ଶହଶହ ଲୋକଙ୍କ ସୁଅ ଛୁଟିଥିଲା । ପରବର୍ତି ସମୟରେ ହଜାର ହଜାର ନରନାରୀ ହରିବୋଲ ହୁଳହୁଳି ଧ୍ୱନୀ ଦେଇ ଶଙ୍ଖ,ବାଜା,ବାଣ ଘଂଟ,ଘଂଟା ବଜାଇ ସଂକୀର୍ତନ କରି ମା ଙ୍କୁ ଏକ ସୁସଜ୍ଜିତ ପାଲିଙ୍କିରେ ଆଣି ଗ୍ରାମ ପରିକ୍ରମା କରି ପୂଣ୍ୟତୋୟା ବ୍ରାହ୍ମଣୀ ନଦୀ କୂଳ ବାଲିମେଳା ଯଜ୍ଞସ୍ଥଳ ଆମ୍ରବନରେ ସ୍ଥାପନ କରିଥିଲେ । ମା ହିଙ୍ଗୁଳା ଦେବୀ ଙ୍କ ସ୍ଥାପନାର ପାଂଚବର୍ଷ ପରେ ପୁନର୍ବାର ଏକ ସ୍ୱପ୍ନାଦେଶ ଫଳରେ ସ୍ୱର୍ଗତ ଭୁଲୁ ସାହୁଙ୍କ ନେତୃତ୍ୱରେ ମଉଡମଣି ମହାଲକ୍ଷ୍ମୀ ଯୁବକ ସଂଘ ଙ୍କ ଦ୍ୱାରା ମା ଶାରଳାଦେବୀ ପ୍ରତିଷ୍ଠା ହୋଇଛନ୍ତି । ୧୯୮୭ ମସିହା ଅପ୍ରେଲ ୬ ତାରିଖ ସମଗ୍ର ଭୁବନରେ ଭୟାବହ ଅଗ୍ନିକାଣ୍ଡ ଘଟି ୧୬ ଜଣ ଲୋକଙ୍କ ଜୀବନ ହାନୀ ଘଟିବା ସହ ପ୍ରାୟ କୋଟିଏ ରୁ ଉର୍ଦ୍ଧ୍ୱ ଟଙ୍କାର କ୍ଷୟକ୍ଷତି ହୋଇଥିଲା । ମା ଙ୍କ କୋପ ମନେକରି ଭୁବନବାସୀ ବିଦ୍ୱାନ ଓ ପଣ୍ଡିତମଣ୍ଡଳୀ ଙ୍କ ପରାମର୍ଶ ଅନୁଯାୟୀ ହିଙ୍ଗୁଳାପୀଠରେ ମା ହିଙ୍ଗୁଳା,ମା ଶାରଳା,ମା ମଙ୍ଗଳା ଙ୍କୁ ଏକତ୍ର ପୂଜାର୍ଚ୍ଚନା କରିବା ସହିତ ଦେବୀମିଳନ କରିଆସୁଛନ୍ତି । ୧୯୫୯ ମସିହାରେ ପ୍ରତିଷ୍ଠା କରାଯାଇଥିବା ହିଙ୍ଗୁଳା ପୀଠର ୫୦ ତମ ବାର୍ଷିକ ଝାମୁଯାତ୍ରା,ମହାଯଜ୍ଞ ଅବ୍ୟବହିତ ପୂର୍ବରୁ ୨୦୦୮ ମସିହାରେ ପୂର୍ବ ପରିଚାଳନା କମିଟି କୁ ସଂପ୍ରସାରଣ କରାଯାଇ ନୂତନ ପୂର୍ଣ୍ଣାଙ୍ଗ କମିଟି ଗଠନ କରାଯାଇ ଶଶୀଭୂଷଣ ପୃଷ୍ଟି ଙ୍କୁ ସଭାପତି,କୁଞ୍ଜବିହାରୀ ଚିନରା ଙ୍କୁ ସମ୍ପାଦକ ଓ ଦିଲ୍ଲୀପ କୁମାର ଦାସ ଙ୍କୁ ମୁଖ୍ୟ ଉପଦେଷ୍ଟା ଭାବେ ଚୟନ କରାଯାଇଥିଲା । ମା ହିଙ୍ଗୁଳାଦେବୀ ଙ୍କ ବାର୍ଷିକ ଆୟବ୍ୟୟ କୁ ପ୍ରତିବର୍ଷ ଏକ କ୍ଷୁଦ୍ର ପତ୍ରିକା ମାଧ୍ୟମରେ ବାର୍ଷିକ ବିବରଣୀ ଲୋପାର୍ପଣ କରାଯାଇ ସ୍ୱଚ୍ଛତା ଅବଲମ୍ବନ କରାଯାଉଛି । କମିଟି ର ନିଷ୍ପତି ଅନୁଯାୟୀ ୫୦ ଟଙ୍କା ତଦୁର୍ଦ୍ଧ୍ୱ ଦାନ ଦେଉଥିବା ବ୍ୟକ୍ତିଙ୍କ ନାମ ଉକ୍ତ ପୁସ୍ତକରେ ସ୍ଥାନ ପାଉଛି । ସ୍ୱର୍ଣ୍ଣଜୟନ୍ତୀ ପରେ ଏହି କମିଟି କୁ ଏକ ଟ୍ରଷ୍ଟରେ ପରିଣତ କରାଯାଇଥିଲା । ୨୦୧୪ ମସିହା ଚୈତ୍ରପୂର୍ଣ୍ଣମା ତିଥିରେ ମା ହିଙ୍ଗୁଳାଦେବୀ ଓ ମା ଶାରଳାଦେବୀ ଙ୍କ ପ୍ରତିମା ଓ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ପାଳିତ ହେବାସହ ମା ହିଙ୍ଗୁଳାଦେବୀ ଚାରିଟେବୁଲ ଟ୍ରଷ୍ଟ ରେ.ନଂ- ୧୦୫୪୧୪୦୦୫୭୨ ତା୨୬.୦୩.୨୦୧୪ ଗଠିତ ହୋଇଥିଲା ।

## ବଜ୍ରପାତରେ ଜଳିଗଲା ଘର

କୋରେଇ,୨୩/୪ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଂଚାୟତର ମିର୍ଜାପୁର ଗ୍ରାମର ସମ୍ବରା ମୁଣ୍ଡାଙ୍କ ୨ ବଖରା ଚାଳଘର । ଆଜି ବର୍ଷା ସହିତ ବଜ୍ରପାତରେ ସମ୍ବରାରଙ୍କ ଘରେ ଅଗ୍ନିକାଣ୍ଡ ଘଟିଥିଲା । ଫଳରେ ଘରର ସମସ୍ତ ଆସବାସ ପତ୍ର ପୋଡି ଜଳି ପାଉଁଶ ହୋଇଯାଇଥିଲା । ଖବରପାଇ ଘଟଣାସ୍ଥଳେ ଦମକଳ ବାହିନୀ ପହଂଚିଥିଲେ ହେ ସେତେବେଳକୁ ଘରଟି ସମ୍ପୂର୍ଣ୍ଣ ଜଳିଯାଇଥିଲା । ବିପନ୍ନ ପରିବାରୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି ।

# ସରକାରଙ୍କ ରବି ଧାନ କିଣା ମଣ୍ଡି ବନ୍ଦ: ଆନ୍ଧ୍ର ବେପାରୀ ଓ ଦଲାଲଙ୍କ ପୁଷମାସ, ଚାଷୀଙ୍କ ସର୍ବନାଶ

କଣାସ,୨୩/୪ (ନି.ପ୍ର): ଚାଷୀମାନଙ୍କର ପ୍ରଗତି ହେଲେ ଦେଶର ପ୍ରଗତି ସମ୍ଭବ ବୋଲି କେନ୍ଦ୍ର ଓ ରାଜ୍ୟ ସରକାର ଗଣମାଧ୍ୟମରେ କୁମ୍ଭୀରକାନ୍ଦଣା କାନ୍ଦୁଥିବା ବେଳେ ଚାଷୀମାନଙ୍କ ଠାରୁ ଉତ୍ପାଦିତ ଖରାଟିଆ ଧାନ କିଣିବା ପାଇଁ ରାଜ୍ୟ ସରକାର ମଣ୍ଡି ଖୋଲି ନଥିବା ବେଳେ ଆନ୍ଧ୍ର ବେପାରୀ ଓ ଦଲାଲମାନେ ପୁରୀ ଜିଲ୍ଲା କଣାସ ବ୍ଲକର ବିଭିନ୍ନ ଗ୍ରାମରୁ ଶାଗମାଛ ଦରରେ ଧାନ କିଣିନେଉଥିବାରୁ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି । ଖବର ନେବାରେ ଜଣାପଡିଛି, କଣାସ ବ୍ଲକର ମା କୁଞ୍ଜେଶ୍ୱରୀ ସେବା ସମବାୟ ସମିତି, ସିରେଇ ସେବା ସମବାୟ ସମିତି, ତ୍ରିଲୋଚନପୁର ସେବା ସମବାୟ ସମିତି, ଗଡସାନପୁଟ ସେବା ସମବାୟ ସମିତି, ବାଙ୍କେଶ୍ୱର ସେବା ସମବାୟ ସମିତି, ମନ୍ଦାକିନୀ ସେବା ସମବାୟ ସମିତି, ଖଣ୍ଡହତା ସେବା ସମବାୟ ସମିତି, ଯାମଳଗୋଦା ସେବା ସମବାୟ ସମିତି, ଭରଷା ସେବା ସମବାୟ ସମିତି ପତିବର୍ଷ ସରକାରୀ ଧାନମଣ୍ଡି ଖୋଲି ଧାନ ଚାଷୀମାନଙ୍କ ଠାରୁ ଧାନକିଣିଆସୁଥିବା ବେଳେ ଚଳିତ ରବିରତୁରେ ଖରାଟିଆ ଧାନ କିଣିବାପାଇଁ ଉକ୍ତ ସମବାୟ ସମିତିକୁ ଆଦେଶ ଆସିନଥିବା ସମ୍ପାଦକମାନଙ୍କଠାରୁ ପ୍ରକାଶ । ଚାଷୀମାନେ ବିଭିନ୍ନ ବ୍ୟାଙ୍କ, ସମବାୟ ସମିତି, ଗାଁ ମହାଜନଙ୍କ ଠାରୁ, ଚଢା ଦରରେ ଋଣ ଆଣି ନିଜ ନିଜ ଜମିରେ ଧାନ କରିଥିଲେ । ବ୍ୟାଙ୍କ ଓ ସମବାୟ ସମିତି ଓ ଗାଁ ମହାଜନମାନେ ଋଣ ସୁଝିବାପାଇଁ ବାରମ୍ବାର୍ ତାଗିଦ କରିବାରୁ ଚାଷୀମାନେ ଶାଗମାଛ ଦରରେ ଧାନ ବିକ୍ରି କରିବାକୁ ବାଧ ହେଉଛନ୍ତି । ଏପରି ସ୍ଥିତିରେ ତୁରନ୍ତ ଧାନମଣ୍ଡି ଖୋଲିବା ପାଇଁ ଚାଷୀମାନେ ଦାବି କରିଛନ୍ତି ।

# ପାଣି ପାଇପ ଲାଇନ୍ ବିଛାଇବାକୁ ଯାଇ କୋଟି କୋଟି ଟଙ୍କାର ଗ୍ରାମ୍ୟରାସ୍ତା ନଷ୍ଟ

କଣାସ,୨୩/୪ (ନି.ପ୍ର):ପୁରୀ ଜିଲ୍ଲା କଣାସ ବ୍ଲକର ବିଭିନ୍ନ ଗ୍ରାମପଚାଂୟତରେ ପାଇପ୍ ଯୋଗେ ଜଳ ଯୋଗାଣ ପାଇଁ ପାଇପ୍ ବିଛାଇବା କାର୍ଯ୍ୟ ଚାଲିଥିବା ବେଳେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ପ୍ରଧାନମନ୍ତ୍ରୀ ସଡ଼କ ଏବଂ ଗ୍ରାମ୍ୟ ଢଳେଇ ପିଚୁରାସ୍ତାକୁ କାଟି ଦିଆଯାଉଥିବାରୁ ଗାଁ ଗହଳିରେ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଖବର ନେବାର ଜଣାପଡିଛି, ଗୋପିନାଥପୁର, କାଦୁଆ ଗ୍ରାମପଚାଂୟତରେ ମେଘା ଜଳପ୍ରକଳ୍ପ ପାଇଁ ଠିକାଦାର କଂକ୍ରିଟ୍ ରାସ୍ତା ଖୋଲି ପାଇପ୍ ପକାଇବା କାର୍ଯ୍ୟ ଚାଲୁରଖିଥିବା ବେଳେ ରାସ୍ତା ଗୁଡିକୁ ଖୋଳି ନଷ୍ଟ କରିଥିବାରୁ ଗ୍ରାମାବାସୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ରାସ୍ତା ନିର୍ମାଣ କରିଥିବା ପୁରୀ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ସରୋଜ କୁମାର ପଣ୍ଡାଙ୍କୁ ଏନେଇ ପଚାରିବାରୁ ସେ କୁହନ୍ତି, ରାସ୍ତା ନିର୍ମାଣ କରୁଥିବା ଠିକାଦାରଙ୍କୁ କଂକ୍ରିଟ୍ ରାସ୍ତା ନ ଖୋଳି ରାସ୍ତାକଡରେ ମାଟିଖୋଳି ପାଇପ୍ ପକାଇବା ପାଇଁ ଅନୁମତି ଦିଆଯାଇଥିବେଳେ ଉକ୍ତ ଠିକାଦାର ଆମ ନିର୍ଦ୍ଦେ ନ ମାନି ଅନେକ ସ୍ଥାନରେ ଢଳେଇ ରାସ୍ତାମାନ ଖୋଲି ଦେଇଥିବା ଖବର ମିଳିଛି । ଖବର ପାଇବା ପରେ ଉଚ୍ଚ ଅଧିକାରୀଙ୍କୁ ଏ ବିଷୟରେ ଜଣାଇଛି । ଉକ୍ତ ଠିକା ସଂସ୍ଥା ନାମରେ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ବ୍ରହ୍ମପୁର ପୋଲିସ ପକ୍ଷରୁ ଅମାନିଆଙ୍କୁ ସାବାଡ଼ କରିବାକୁ ଅଭିଯାନ

ଗଞ୍ଜାମ,୨୩/୪ (ନି.ପ୍ର): ବ୍ରହ୍ମପୁର ପୋଲିସ ପକ୍ଷରୁ ଲୋକଙ୍କୁ କରୋନାଜନିତ ସଚେତନତା ସହ ଅମାନିଆଙ୍କୁ ସାବାଡ଼ କରିବା ପାଇଁ ଚଢ଼ଉ ଜାରୀ ରହିଛି । ପ୍ରତିଦିନ ମାସ୍କ ପରିଧାନ କରିନଥିବା, ସାମାଜିକ ଦୂରତାକୁ ଉଲ୍ଲଘଂନ କରିବା ସମେତ ଯାନବାହନ ଯାଂଚ୍ କରାଯାଇ ଲକ୍ଷାଧିକ ଟଙ୍କାର ଚାଲାଣ କଟାଯାଉଛି । ରାତ୍ରିକାଳୀନ କର୍ଫ୍ୟୁକୁ କଡ଼ାକଡ଼ି କରିବା ପାଇଁ ପୋଲିସ ସହର ସାରା ପଇଁତରା ମାରୁଥିଲେ ହେଁ କିଛି ଅମାନିଆ ବିନା କାରଣରେ ଘୁରି ବୁଲୁଥିବା ଦେଖିବାକୁ ମିଳିଛି । ଏଭଳି ଅମାନିଆଙ୍କ ପାଇଁ ପୋଲିସ ଅଧିକ କଠୋର ହୋଇଛି । ଗତ ୨୪ ଘଂଟା ମଧ୍ୟରେ ପୋଲିସ ୨୭୦ଟି ଗାଡ଼ିର କାଗଜପତ୍ର ଯାଂଚ୍ କରି ୧ ଲକ୍ଷ ୩୫ ହଜାର ଚାଲାଣ କାଟିବା ସହ ୧୧ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସକୁ ରଦ୍ଦ କରିଛି ।

# କୁର୍ତ୍ତି ସହ ପିନ୍ଧନ୍ତୁ ଜିନ୍ସ



ଜିନ୍ସର ଫ୍ୟାଶନ୍ ଦିନକୁ ଦିନ ବଢ଼ି ଚାଲିଛି । ଏହାକୁ କ୍ରପଟପ୍ ସହିତ, ଶର୍ଟସ ସହ ମଧ ପିନ୍ଧିପାରିବେ । ଆଜିକାଲି କୁର୍ତ୍ତି ସହିତ ଜିନ୍ସ ପିନ୍ଧିବାର ଫ୍ୟାଶନ୍ ଚାଲିଛି । ଏହି ଲୁକ୍‌ରେ କେବଳ ପାଣ ଷ୍ଟାଇଲିଷ୍ଟ ଦେଖାଯିବା ସହ କୁଲ ମଧ ଲାଗିବେ । ଯଦି ନିଜର ପସନ୍ଦୀୟ କୁର୍ତ୍ତି ସହିତ ଜିନ୍ସ ପିନ୍ଧିବାକୁ ଚାହୁଁଛନ୍ତି ତେବେ ଜାଣନ୍ତୁ ଏ ସମ୍ପର୍କରେ କୋଟୋଟି ଟିପ୍ସ... ।

**ଅନାରକଲୀ କୁର୍ତ୍ତି:**

ଏହି କୁର୍ତ୍ତି ସହ ଆପଣ ଲେଗିନ୍ସ ସହ ମଧ ଡେନିମ କଲର ଜିନ୍ସ ପିନ୍ଧିପାରିବେ ।

**ଫ୍ଲୋରାଲ କୁର୍ତ୍ତା:-**

ଫୁଲର ଡିଜାଇନ୍ ଥିବା କୁର୍ତ୍ତିର ଏବେ ଟ୍ରେଣ୍ଡ ଚାଲିଛି । ଏହାକୁ ଯଦି ଆପଣ ଜିନ୍ସ ସହ ପିନ୍ଧୁଥାନ୍ତି ତେବେ ଆପଣଙ୍କ ପର୍ସନାଲିଟି ଦ୍ୱିଗୁଣିତ ହୋଇଯିବ ।

**ଡିଜାଇନର କୁର୍ତ୍ତା:-**

ଡିଜାଇନ କୁର୍ତ୍ତି ସହ ଜିନ୍ସ ପିନ୍ଧିଲେ ଆପଣଙ୍କୁ ଏହା ପରଫେକ୍ଟ ଲୁକ୍ ଦେବ । ଏହାଦ୍ୱାରା ସମସ୍ତଙ୍କ ନଜର ଆପଣଙ୍କ ଉପରେ ରହିବ ।



**କଲର ଥିବା କୁର୍ତ୍ତି:-**

କଲର ଥିବା କୁର୍ତ୍ତି ସହ ଆପଣ ଗଳ୍ପକୁ ମଧ କ୍ୟାରି କରିପାରିବେ । ଯାହାଦ୍ୱାରା ଆପଣ ବହୁତ କୁଲ ଏବଂ ସେକ୍ସି ଦେଖାଯିବେ ।

## ବୁଟ୍ କିଣିବା ବେଳେ ଧ୍ୟାନ ଦିଅନ୍ତୁ



ବୁଟ୍‌ର ଚାହିଦା ଦିନକୁ ଦିନ ବେଶ୍ ବଢ଼ିବା ସହ ଏହାର ଅନେକ ଭେରାଇଟି ମଧ ବଜାରରେ ଉପଲବ୍ଧ । ଯଦି ଆପଣ ବି ବୁଟ୍ କିଣିବାକୁ ଚାହୁଁଛନ୍ତି, ତେବେ ଏଥିରେ ଶୀଘ୍ରତା ପରିପ୍ରକାଶ କରନ୍ତୁ ନାହିଁ । ନିଜର ଶାରୀରିକ ଆରାମକୁ ନଜରରେ ରଖି ଜୋତା ପସନ୍ଦ କରନ୍ତୁ । ତା ସହିତ ଧ୍ୟାନ ରଖନ୍ତୁ ଯେପରି ସେହି ଜୋତା ଅଧିକ ଦିନ ପର୍ଯ୍ୟନ୍ତ ବ୍ୟବହାରରେ ଆସିବ । ଯଦି ଆପଣ ପ୍ରଥମଥର ଜୋତା କିଣୁଛନ୍ତି, ତେବେ କିଛି କ୍ଲାସି ରଙ୍ଗର ଜୋତା ଚୟନ କରନ୍ତୁ । ଯେପରି ବ୍ଲାଉନ୍, କଳା ଆଦି ରଙ୍ଗ ଚୟନ କରି ପାରିବେ । ଏଭଳି ବୁଟ୍ ସବୁପ୍ରକାର ଡ୍ରେସ୍ ସହିତ ମ୍ୟାଚ କରିବ ।

ଯଦି ଆପଣ ବୁଟ୍ କିଣିବାକୁ ଯାଉଛନ୍ତି, ତେବେ ଗୋଟିଏ କଥା ପ୍ରତି ଧ୍ୟାନ ଦେବା ଉଚିତ୍ । ପ୍ରତିଦିନ ବ୍ୟବହାର କରୁଥିବା ଚପଲ ସହିତ ବୁଟ୍ ସମାନ ସାଇଜର ହୋଇନଥାଏ । ସେଥିପାଇଁ ବୁଟ୍ କିଣିବା ବେଳେ ମୋଜା ପରିଧାନ କରିବାକୁ ଭୁଲନ୍ତୁ ନାହିଁ । ଯାହାଫଳରେ ପାଦ ମଇଳା ହେବନାହିଁ । ଆଉ ଏକ କଥା ପ୍ରତି ନିଶ୍ଚୟ ଧ୍ୟାନ ଦେବେ ବୁଟ୍ କିଣିବାକୁ ଯାଉଥିବା ବେଳେ ଆପଣଙ୍କ ଗୋଡ ନଖ କାଟିବା ଉଚିତ୍ ।



## ଉପକାରୀ ଆମ୍ବ



ଆମ୍ବ ଓ ହଳଦୀକୁ କ୍ଷୀରରେ ମିଶାଇ ପେଷ୍ଟକରି ଫେସ ପ୍ୟାକ ତିଆରି କରନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ରୁ ୨୦ ମିନିଟ ପରେ ଧୋଇ ଦିଅନ୍ତୁ। ଏହାଦ୍ୱାରା ଚେହେରାରେ ଏକ ଅପୂର୍ବ ଉଜ୍ଜ୍ୱଳତା ଆସିଥାଏ।

- କଞ୍ଚା ଆମ୍ବକୁ ସିଝାଇ ତାକୁ ଦେହରେ ଘଷିଲେ ଦେହରେ ମଧ୍ୟ ଉଜ୍ଜ୍ୱଳତା ଆସେ।
- ଆମ୍ବ ଟାକୁଆକୁ କ୍ଷୀରରେ ସିଝାଇ ମୁଣ୍ଡରେ ଲଗାଇଲେ ରୂପି ଦୂର ହୋଇଥାଏ।
- ଆମ୍ବ ପତ୍ର ଓ ଜାମୁପତ୍ରକୁ ଏକାଠି ମିଶାଇ ମୁହଁରେ ଲଗାଇଲେ ବ୍ରଣ ଦୂର ହୋଇଥାଏ।
- ଆମ୍ବରେ ଭିଟାମିନ-ଏ ଭରପୁର ମାତ୍ରାରେ ରହିଥାଏ। ତେଣୁ ଏହାର ଜୁସ ପିଇଲେ ତ୍ୱଚାର ଚମକ ବଢ଼ିଥାଏ।

# ଘରୋଇ ସାନିଟାଇଜର

ଟିଭିରେ ପ୍ରସାରିତ ହେଉଥିବା ବିଜ୍ଞାପନ ତଥା ଡାକ୍ତରଙ୍କ ସ୍ୱସ୍ଥ୍ୟ ସଚେତନତା ମନ୍ତ୍ରରେ ହାତକୁ ସାବୁନ୍‌ରେ ପାଖାପାଖି ୨୦ସେକେଣ୍ଡ ପର୍ଯ୍ୟନ୍ତ ଧୋଇବା ଆବଶ୍ୟକ ବୋଲି କୁହାଯାଉଛି। କିନ୍ତୁ ବେଳେ ଏମିତି ବି ହୁଏ ହାତ ଧୋଇବା ପାଇଁ ସାବୁନ୍ ପାଖରେ ନଥାଏ ତ ଆଉ କେତେବେଳେ ପରିଶ୍ରମ କରି ଗାଧୁଆ ଘରକୁ ଯାଇ ସାବୁନ୍‌ରେ ହାତ ଧୋଇବାକୁ କଷ୍ଟ ଲାଗେ । ଯାହାଫଳରେ ହାତରେ ଜୀବାଣୁ ରହିଯାଏ । ସେଥିପାଇଁ ସବୁନର ବିକଳ୍ପ ଭାବେ ଲୋକମାନେ ସାନିଟାଇଜର ବ୍ୟବହାର କରୁଛନ୍ତି ।






ସାନିଟାଇଜରର ଗୋଟିଏ ବୁନ୍ଦାରେ ହାତ ନିମିଶକରେ ସଫା ହୋଇଯିବ । କିନ୍ତୁ କେବେ ଭାବିଛନ୍ତି ଆପଣ ବ୍ୟବହାର କରୁଥିବା ସାନିଟାଇଜର କେତେ ସୁରକ୍ଷିତ ?

ବିଶେଷଜ୍ଞଙ୍କ ମତରେ ଅଧିକ ସମୟ ପର୍ଯ୍ୟନ୍ତ ସାନିଟାଇଜର ବ୍ୟବହାର କ୍ଷତିକାରକ ସାବ୍ୟସ୍ତ ହୋଇପାରେ । ହ୍ୟାଣ୍ଡ ସାନିଟାଇଜର ସମ୍ବନ୍ଧିତ ଉତ୍ପାଦାନରେ ଟ୍ରିକଲୋଜନ୍ ନାମକ ଏକ ରାସାୟନିକ ପଦାର୍ଥ ଥାଏ, ଯାହା ସ୍ୱାସ୍ଥ୍ୟ ପକ୍ଷେ ଆଦୌ ଭଲ ନୁହେଁ। ସାଇନିଟାଇଜର ଅଧିକ ବ୍ୟବହାର ଫଳରେ ବ୍ୟାକ୍ଟେରିୟା ଉପରେ ଏହାର ପ୍ରଭାବ କମ୍ ହେବାକୁ ଲାଗେ । ସେଥିପାଇଁ ବଜାରେ ମିଳୁଥିବା ସାନିଟାଇଜର୍ ବ୍ୟବହାର ଫଳରେ ବ୍ୟାକ୍ଟେରିୟା ଉପରେ ଏହାର ପ୍ରଭାବ କମ୍ ହେବାକୁ ଲାଗେ । ସେଥିପାଇଁ ବଜାରରେ ମିଳୁଥିବା ସାନିଟାଇଜର ବ୍ୟବହାର ନକରି ଏହାକୁ ଘରେ ପ୍ରସ୍ତୁତ କରିପାରିବେ ।




**ଡାଲଚିନି ଓ ଲବଙ୍ଗ ଯୁକ୍ତ ସାନିଟାଇଜର**

ଉଭୟ ଡାଲଚିନି ଓ ଲବଙ୍ଗ ଆଣ୍ଟିବ୍ୟାକ୍ଟେରିଆଲ ଓ ଆଣ୍ଟିସେପ୍ଟିକ୍ ବିଶେଷତା ଥାଏ । ଏହି ସାନିଟାଇଜରକୁ ବନାଇବା ପାଇଁ ଏକ କପ୍ ପାଣିକୁ ଫୁଟାଇ ଥଣ୍ଡା କରିଦିଅନ୍ତୁ । ସେଥିରେ ଦୁଇ ଚାମଚ ରବିଂ ଆଲକହଲ(ସର୍ଜିକାଲ ସ୍ପିରିଟ୍) ଓ ଭିଟାମିନ - ଇ ଅଏଲ ପାକାଇ ଭଲଭାବରେ ମିଶାନ୍ତୁ । ସେହି ମିଶ୍ରଣରେ ଏକ ଚାମଚ ଡାଲଚିନି ଗୁଣ୍ଡ ଓ ଲବଙ୍ଗ ଗୁଣ୍ଡ ପକାନ୍ତୁ । ସବୁ ସାମଗ୍ରୀକୁ ଭଲଭାବରେ ମିଶାଇ ଏକ ସ୍ପ୍ରେ ବୋତଲରେ ଭର୍ତ୍ତି କରନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କ ସାନିଟାଇଜର ।

**ଏଲୋଭେରା ସାନିଟାଇଜର**

ଏଲୋଭେରା (ଘିକୁଆଁରୀ) ଗେଲରେ ଆଣ୍ଟି ବ୍ୟାକ୍ଟେରିଆଲ ବିଶେଷତା ଥାଏ । ଏହା ତ୍ୱଚାକୁ ନରମ ଓ କୋମଳ ରଖିଥାଏ। ଏଲୋଭେରା ସାନିଟାଇଜର ବନାଇବା ପାଇଁ ଏକକପ୍ ପାଣିକୁ ଫୁଟାଇ ଥଣ୍ଡା କରିଦିଅନ୍ତୁ । ସେଥିରେ ଏକ ଚାମଚ ମିଟାମିନ୍-ଇ ଅଏଲ ମିଶାଇ ଏକ ଚାମଚ ଆଲୋଭେରା ଜେଲ ପକାନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କ ସାନିଟାଇଜର । ଯଦି ଆପଣଙ୍କ ଆଲୋଭେରା ସାନିଟାଇଜରକୁ ସୁଗନ୍ଧିତ କରିବାକୁ ଚାହୁଁଛନ୍ତି ତେବେ ସେଥିରେ କିଛି ରୋଜମେରୀ ତେଲ ମିଶାଇ ପାରନ୍ତି ।

**ୟୁକାଲିପଟାସ ଅଏଲ ସାନିଟାଇଜର**

ଘରେ ପ୍ରସ୍ତୁତ କରାଯାଇ ପାରୁଥିବା ଅତି ସହଜ ଓ ସାଧାରଣ ସାନିଟାଇଜର ହେଉଛି ଏଇଟା । ଏହାକୁ ପ୍ରସ୍ତୁତ କରିବା ପାଇଁ ଏକ କପ୍ ପାଣିକୁ ଫୁଟାଇ ଥଣ୍ଡା କରିଦିଅନ୍ତୁ । ସେଥିରେ ଦୁଇ ଚାମଚ ସର୍ଜିକାଲ ସ୍ପିରିଟ୍ ଓ ଭିଟାମିନ୍-ଇ ଅଏଲ ପକାଇ ଭଲଭାବେରେ ମିଶାନ୍ତୁ । ସେହି ମିଶ୍ରଣରେ ପାଞ୍ଚରୁ ଛଅ ବୁନ୍ଦା ୟୁକାଲିପଟାସ ଅଏଲ ଓ ଲବଙ୍ଗ ତେଲ ମିଶାନ୍ତୁ । ଏବେ ଏହି ମିଶ୍ରଣକୁ ଭଲରେ ମିଶାଇ ସ୍ପ୍ରେ ବୋତଲରେ ରଖନ୍ତୁ।

**ଅର୍ଗାନ୍ ଅଏଲ ହ୍ୟାଣ୍ଡ ସାନିଟାଇଜର**

ହାତରୁ ଝାଳ ବାହାରିବା ସମସ୍ୟା ଅଧିକାଂଶ ବ୍ୟକ୍ତିବିଶେଷଙ୍କର ଥାଏ । ବିଶେଷକରି ଖରା ଦିନେ ଅର୍ଗାନ୍ ସାନିଟାଇଜର ବେଶ ଲାଭକାରୀ ହେବ । ଏହାକୁ ବନାଇବା ପାଇଁ ଫୁଟା ପାଣିକୁ ଥଣ୍ଡା କରି ସେଥିରେ ସର୍ଜିକାଲ ସ୍ପିରିଟ୍, ଅଧା ଚାମଚ ଭିଟାମିନ୍-ଇ ଅଏଲ, ଆଠରୁ ଦଶ ବୁନ୍ଦା ଅର୍ଗାନ୍ ଅଏଲ ଓ ଅଧା ଚାମଚ ଆଲୋଭେରା ଜେଲ ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ ।

## କୁଣ୍ଡରେ କାକୁଡ଼ି ଲଗାନ୍ତୁ



ଛାତ ଉପରେ ବ ଖରା ପଡୁଥିବା ବାଲ୍‌କୋନିରେ କୁଣ୍ଡରେ କାକୁଡ଼ି ଚାଷ କରନ୍ତୁ । ଏଥି ପାଇଁ ପ୍ରଥମେ ଉପଯୁକ୍ତ କିସମର ବିହନ ସଂଗ୍ରହ କରନ୍ତୁ । ତେବେ, ଚାରା ପୋତିବା ଅଧିକ ଉତ୍ତମ । କୁଣ୍ଡରେ ଉପଚାର ହୋଇଥିବା ମାଟି, ଜୈବ ଖତ ଓ ପିଟ୍ ମସ୍ ଭଲ ଭାବେ ମିଶାଇ, ଚାରା ପୋତନ୍ତୁ । କୁଣ୍ଡର ଗଭୀରତା ଆଠ ଇଞ୍ଚ ଏବଂ ମୁହଁର ଚଉଡ଼ା ବାର ଇଞ୍ଚ ରହିବା ଆବଶ୍ୟକ । କାକୁଡ଼ି ଅଧିକ ପାଣି ଲୋଡ଼େ । ତେବେ, ପାଣି ଜମିରହିଲେ ବିପଦ । ତେଣୁ, ଅଧିକ ପାଣି ବହିଯିବା ଲାଗି କୁଣ୍ଡରେ ଛିଦ୍ର ରହିବା ଦରକାର ।

## ଲିପଷ୍ଟିକ୍ ବ୍ୟବହାର କରିବେ କେମିତି ?

ଆପଣଙ୍କ ପାଖରେ ମେକଅପ୍ ରିମୁଭର ନାହିଁ । ହେଲେ ଓଠରୁ ଲିପଷ୍ଟିକ୍ ଛଡ଼େଇବାକୁ ଚାହାନ୍ତି । ଏ କ୍ଷେତ୍ରରେ ଲିପବାମ୍ କାମରେ ଆସିବ । ଯେକୌଣସି ଲିପବାମ୍ ନେଇ ଓଠରେ ମସାଜ କରନ୍ତୁ । ଏହାପରେ ଏକ ଟିସୁ ପେପରରେ ଭଲ କରି ପୋଛି ଦିଅନ୍ତୁ । ପୋଛିବା ପରେ ପୁଣି ଥରେ ସେହିଭଳି କରନ୍ତୁ । ଦେଖିବେ ଅତି ସହଜରେ ଓଠରୁ ଲିପଷ୍ଟିକ୍ ଛାଡ଼ିଯିବ। ଆପଣଙ୍କ ପାଖରେ କାରାଲ ରାଙ୍ଗର ଲିପଷ୍ଟିକ୍ ନଥିଲେ, ପ୍ରଥମେ କମଳା ରଙ୍ଗର ଲିପଷ୍ଟିକ୍ ଲଗାଇ ତା ଉପରେ ଆପଣଙ୍କ ଚେହେରାକୁ ମାନୁଥିବା ଭଳି କୌଣସି ମଧମ ଶେଡର ଲିପଷ୍ଟିକ୍ ଲଗାଇ ଦିଅନ୍ତୁ । ଅଧିକ ସମୟରେ ଆମେ ଏମିତି ଲିପଷ୍ଟିକ୍ କିଣିଥାଉ ଯାହା ଅଧିକ ଫିକା ହୋଇଥାଏ । ଆମ ତ୍ୱଚାକୁ ଖାପ ପଖାଇବାରୁ ରହି ନଷ୍ଟ ହୋଇଥାଏ । ଏବେ ଠାରୁ ଆଉ ନଷ୍ଟ କରନ୍ତୁ ନାହିଁ । ଫିକା ରଙ୍ଗର ଲିପଷ୍ଟକ୍ ଲଗାଇ ତା ଉପରେ ବ୍ରାଉନ୍ ରଙ୍ଗର ଲିପ୍ ଲାଇନରେ ହାଲକା ଏହା ଦେଖିବାକୁ ଖୁବ୍ ସୁନ୍ଦର ଲାଗିବ । ଆଉ ଆପଣଙ୍କ ଲିପଷ୍ଟିକ୍ ନଷ୍ଟ ହେବ ନାହିଁ । ଅଧିକାଂଶ ମହିଳା ପ୍ରଥମେ ଲାଇନର ଲଗାଇ ତା ପରେ ଲିପଷ୍ଟିକ୍ ଲଗାଇଥାନ୍ତି । ଏହିପରି ଲଗାଇବା ପରେ ଯଦି ଆଉଥରେ ଲିପଷ୍ଟିକ୍ ଉପରେ ହାଲକା ଲିପଲାଇନର୍ ସାହାଯ୍ୟରେ ଆଉଟ୍ ଲାଇନ୍ ଦେବେ ତା ହେଲେ ସେଣ୍ଟର ଏରିଆ ଭଲ ଭାବେ ହାଇଲାଇଯଡ୍ ହେବା ସହିତ ଅଧିକ ସୁନ୍ଦର ଲାଗିବ ।





## ସମ୍ଭବ ହେବ ସ୍କିନ୍ କ୍ୟାନ୍ସର ଚିକିତ୍ସା

ତ୍ୱଚାର କର୍କଟ ରୋଗର ସମସ୍ୟାକୁ ଲାଘବ କରିବାକୁ ନେଇ ଏବେ ନୂତନ ଟେକ୍ନୋଲଜି ଆସିଛି । ଏବେ ହର୍ପିଲ ଜୀବାଣୁ ସାହାଯ୍ୟରେ କେନେଟିକ୍ ତ୍ୱଚା କର୍କଟ ଚିକିତ୍ସାରେ ସଫଳତା ମିଳିଛି । ବିଶେଷଜ୍ଞମାନେ ଆଶା ରଖିଛନ୍ତି ଯେ, ଏହି ଅନୁସନ୍ଧାନ ପରେ ତ୍ୱଚା କର୍କଟରେ ଶେଷ ପର୍ଯ୍ୟାୟ ପହଞ୍ଚିଥିବା ଲୋକମାନଙ୍କୁ ବି ଜୀବନ ବଞ୍ଚାଯାଇ ପାରିବ । ଏହି ବିଷାଣୁକୁ ବ୍ରିଟେନର ସ୍ଥିତ ଇନଷ୍ଟିଚ୍ୟୁଟ ଅଫ୍ କ୍ୟାନ୍ସର ରିସର୍ଚ୍ଚ ଏବଂ ଦି ଭୟାଲ ମାର୍ହେସନ ହସପିଟାଲର ସଂଯୁକ୍ତ ରିସର୍ଭରେ ପ୍ରସ୍ତୁତ କରାଯାଇଛି । ରିସର୍ଚ୍ଚବର୍ତ୍ତୀ କେବି ହେରିଙ୍ଗଟନ କହିଛନ୍ତି କି ବିଶ୍ୱର ୬୪ କ୍ୟାନ୍ସର ସଂସ୍ଥାମାନଙ୍କରେ ଏହା କ୍ଲିନିକାଲି ଟ୍ରାଏଲ ହୋଇଗଲାଣି ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସଦୁପଯୋଗ ଜରୁରୀ...

ଓଡ଼ିଶାରେ ଜଳସମ୍ପଦ କମ୍ ନୁହେଁ, କିନ୍ତୁ ଏଇ ରାଜ୍ୟ ଭିତର ଦେଇ ପ୍ରବାହିତ ହେଉଥିବା ନଦୀମାନଙ୍କରେ ଉଦ୍‌ବୃତ୍ତ ଜଳ ସମୁଦ୍ରରେ ପଡୁଥିବାରୁ ଏହାର ସୁବିନିଯୋଗ ପାଇଁ ଯଦି ପୂର୍ବରୁ ଦୃଷ୍ଟି ଦିଆଯାଇଥାନ୍ତା ତେବେ ଜଳସମ୍ପଦର ସଠିକ୍ ବିନିଯୋଗ ହୋଇନାହିଁ ବୋଲି କହିବାର ସୁଯୋଗ ନଥାନ୍ତା। ଓଡ଼ିଶାର ବଡ଼ ବଡ଼ ନଦୀମାନଙ୍କ ମଧ୍ୟରେ ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା, ଇନ୍ଦ୍ରାବତୀ, ବୁଢ଼ାବଳଙ୍ଗ, ବଂଶଧାରା, ଋଷିକୁଲ୍ୟା, ସିଲେରୁ ପ୍ରଭୃତି ନଦୀ ଓଡ଼ିଶା ଭିତର ଦେଇ ସମୁଦ୍ରରେ ପଡ଼ିଛି। ପୂର୍ବରୁ ବସୁନ୍ଧରା ଓ ଋଷିକୁଲ୍ୟା ପ୍ରଭୃତି ନଦୀର ତଳମୁଣ୍ଡରେ ଆନ୍ଧ୍ରପ୍ରଦେଶ ଏକାଧିକ ଜଳଭଣ୍ଡାର ନିର୍ମାଣ କରିବାପାଇଁ ପଦକ୍ଷେପ ନେଇଥିଲେ ମଧ୍ୟ ଓଡ଼ିଶା ପକ୍ଷରୁ ସେଭଳି କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇନାହିଁ। ବ୍ରହ୍ମପୁରର ଉପରମୁଣ୍ଡରେ ବସୁନ୍ଧରା ଉପରେ ବନ୍ଧ ବାନ୍ଧିଥିଲେ ବ୍ରହ୍ମପୁର, ଛତ୍ରପୁର, ଗୋପାଳପୁର ପ୍ରଭୃତି ସହରରେ ଲାଗି ରହିଥିବା ଜଳାଭାବର ସମାଧାନ ଅନେକ ପୂର୍ବରୁ ହୋଇଥାନ୍ତା। ଆମ ଦୁର୍ବଳତା ଜାଣି ଆନ୍ଧ୍ର ନିଜ ଇଲାକାରେ ଆଡ଼ିବନ୍ଧ ବାନ୍ଧୁଥିବାରୁ ଏଠାରେ ମଧ୍ୟ ଆମର ଅନୁପସ୍ଥିତି ପାଇଁ ପଡ଼ୋଶୀ ରାଜ୍ୟ ନିଜର ଆବଶ୍ୟକତା ପୂର୍ଣ୍ଣ ପାଇଁ କାର୍ଯ୍ୟ କରୁଛି। ଇନ୍ଦ୍ରାବତୀ ନଦୀ କୋଡ଼ିଏ ବର୍ଷ ହେଲା ସମ୍ପୂର୍ଣ୍ଣ ହେଉନାହିଁ। ସେହିପରି ସୁବର୍ଣ୍ଣରେଖା ମଧ୍ୟ ପଚିଶ ବର୍ଷ ହେଲା ସମ୍ପୂର୍ଣ୍ଣ ହେଉନାହିଁ। ସିଲେରୁ କାହିଁକି ବିଳମ୍ବ ହେଉଛି ସେହି ଅଂଚଳର ଲୋକ ଓ ପ୍ରଶାସକ ଜାଣନ୍ତି। ଜଳ ସମ୍ପଦର ବିନିଯୋଗ ନେଇ ଆମର ଶିଥିଳତା ସତ୍ତ୍ୱେ ପଡ଼ୋଶୀ ରାଜ୍ୟମାନଙ୍କର ଏ ବିଷୟରେ ତତ୍ପରତା ଉଲ୍ଲେଖଯୋଗ୍ୟ। ଅତୀତରେ ମହାନଦୀର ଉଦ୍‌ବୃତ୍ତ ଜଳ ବିନିଯୋଗ କରିବା ପାଇଁ ଟିକରପଡ଼ା ଓ ଅନ୍ୟାନ୍ୟ ସ୍ଥାନରେ ବନ୍ଧ ବାନ୍ଧିବା ଯେଉଁ ପରିକଳ୍ପନା ଥିଲା ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଏହାର ପ୍ରଧାନ କାରଣ ହେଉଛି ଯେ ବନ୍ଧ ବାନ୍ଧିଲେ ଅନେକ ଜମି ଜଳମଗ୍ନ ହେବ ଏବଂ ସେ ଅଂଚଳରେ ବାସ କରୁଥିବା ଲୋକମାନଙ୍କୁ ଅନ୍ୟତ୍ର ଥଇଥାନ କରିବାକୁ ହେବ। ସିଲେରୁ ଓ ଇନ୍ଦ୍ରାବତୀ ବଂଶଧାରା, ବ୍ରାହ୍ମଣୀ ଓ ବୈତରଣୀ ପ୍ରଭୃତି ନଦୀର ଉଦବୃତ୍ତ ଜଳ ଯଦି ଆମେ ଉପଯୋଗ କରିବାକୁ ସକ୍ଷମ ହୋଇଥିଲେ ଓଡ଼ିଶାରେ ପ୍ରଚୁର ଜଳ ସମ୍ପଦ ସତ୍ତ୍ୱେ ଚାଷ ଜମିର ମାତ୍ର ୩୫ ଭାଗରେ ଜଳସେଚନ ସୁବିଧା ନଥାଉ ଅଧିକ ଜଳସେଚିତ ହୋଇଥାନ୍ତା। ଯଦି ବିଷୟ ଯେ ଜଳସେଚନ ବିଭାଗକୁ ଅଧିକ କ୍ରିୟାଶୀଳ ଓ ବ୍ୟାପକ କରିବା ପାଇଁ ଆସନ୍ତା ପାଂଚ ବର୍ଷ ପାଇଁ ୭୫,୦୦୦ କୋଟି ଟଙ୍କା ବ୍ୟୟ କରାଯାଏ ଏବଂ ଏଇ ଦୃ ନିଷ୍ପତ୍ତି କାର୍ଯ୍ୟକାରୀ ହୁଏ ତେବେ ସୁଜଳା ସୁଫଳ ଓଡ଼ିଶାରୁ ଦାରିଦ୍ର୍ୟ ଦୂର କରିବା ଅସମ୍ଭବ ହେବନାହିଁ। ବଜେଟରେ ଜଳସେଚନ ପାଇଁ ଦିଆଯାଉଥିବା ଅର୍ଥରୁ କିଛି ଫେରସ୍ତ ନଦେଇ ବଜେଟରେ ମିଳୁଥିବା ଅର୍ଥ ସବୁର ସଦୁପଯୋଗ କରିଯାଇଥାନ୍ତା, ତେବେ ଜଳ ସମ୍ପଦର ସଦୁପଯୋଗ ଓ କୃଷି ଉତ୍ପାଦନ ଅଧିକ ସଫଳ ହୋଇଥାନ୍ତା। ଜଳସେଚନ ଓ କୃଷି ବିଭାଗ ଦୀର୍ଘ ବର୍ଷଧରି ସମୟରେ ମୁଖ୍ୟମନ୍ତ୍ରୀଙ୍କ ଦାୟିତ୍ୱରେ ରହିଆସିଛି। ପ୍ରଶାସନିକ ସ୍ତରରେ ମଧ୍ୟ ବରିଷ୍ଠ ଅଫିସରମାନେ ରହିଛି ଏବଂ ଏଇ ବିଭାଗର ଦାୟିତ୍ୱ ବହନ କରିଆସିଛନ୍ତି। ଦେଶର ଜଳସେଚନ ୪୬ ପ୍ରତିଶତରେ ଅଛି। ଏହି ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଏପରିକି ପଂଜାବର ଶହେ ପ୍ରତିଶତ ଜମିରେ ଜଳସେଚନ ବ୍ୟବସ୍ଥାଥିବାବେଳେ ହରିଆଣାର ୯୦ ପ୍ରତିଶତ ଜମିରେ ଏହି ବ୍ୟବସ୍ଥା ରହିଛି। ଓଡ଼ିଶାରେ ଜଳ ସମ୍ପଦର ସୁବିନିଯୋଗ କରିଥିଲେ, ଏହାକୁ ଦେଶର ହାରାହାରି ଜଳସେଚନ ବ୍ୟବସ୍ଥା ସହିତ ସମାନ ସ୍ତରକୁ ଆଣିବା ସମ୍ଭବ ହୋଇଥାନ୍ତା ଏବଂ ତା' ସହିତ ସମାନ୍ତରାଳ ଭାବରେ ଉତ୍ତମ ବିହନ ସାର ଓ କୀଟନାଶକ ଯୋଗାଇଦବାପାଇଁ ସରକାର ପଦକ୍ଷେପ ନେଇଥାନ୍ତେ ତେବେ କୃଷି ଉତ୍ପାଦନ ଅନେକ ଅଧିକ ହୋଇଥାନ୍ତା ଏବଂ କୃଷକମାନଙ୍କର ଦୂରାବସ୍ଥା ସେମାନଙ୍କୁ ଆତ୍ମହତ୍ୟା କରିବା ଅବସ୍ଥାକୁ ଆଣିନଥାନ୍ତା।

## ଟିକି ବିପ୍ଳବୀ : ନୀଳମଣି



ଅକ୍ଷୟ କୁମାର ରାଉତ

ପରାଧିନତାର କଳାବାଦଲ ପବିତ୍ର ଭାରତମାତକୁ କରାଏତ କରିଥାଏ। ଉଜ୍ଜ୍ୱଳମାନ ପ୍ରଚଣ୍ଡ ସୂର୍ଯ୍ୟ ରାହୁଗ୍ରସ୍ତ। ପିଡିତ, ଲାଂଛିତ, ନିଷ୍ପେସିତ, ଅବହେଳିତ ଭାରତୀୟମାନଙ୍କର କରୁଣ ଆର୍ତ୍ତ ଚିତ୍କାର ବିଦେଶୀ ଶାସକଙ୍କ ନିଦକୁ ହଜାଇ ଦେଉଥାଏ। ଲୋକଙ୍କ ମନରେ ସ୍ୱାଧିନତାର ବହ୍ନି ପ୍ରଜ୍ୱୋଳିତ। ଖୋର୍ଦ୍ଧାଗଡ଼ର ପାଇକ ବିଦ୍ରୋହ ସିପାହୀ ବିଦ୍ରୋହ ପରେ ପରେ ଦେଶର ସବୁ ସ୍ଥାନରେ ସ୍ୱାଧୀନତା ସଂଗ୍ରାମ। ଏହିପରି ଏକ ମୂହୁର୍ତ୍ତରେ ବାଲେଶ୍ୱର (ଭଦ୍ରକ) ଜିଲ୍ଲା ତିହିଡି ଥାନା ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମର ଚନ୍ଦ୍ରଶେଖର ରାଉତରାୟ ଓ ମା' କୋଇଲି ଦେବୀଙ୍କ ଅଷ୍ଟମ ଗର୍ଭରେ ୧୯୨୦ ମସିହା ମଇ ୨୪ ତାରିଖରେ ଏକ ସ୍ୱଚ୍ଛଳ ପରିବାରରେ ଜନ୍ମ ଗ୍ରହଣ କଲେ ମହାନ୍ ବିପ୍ଳବି ଜନନାୟକ ନୀଳମଣି। ଅକାଳରେ ମା'କୁ ହରାଇ ନୀଳମଣି ସାବତ ମା ଓ ବଡ଼ ଭଉଣୀମାନଙ୍କର ଯତ୍ନରେ ବଢ଼ିହେଲେ। ପ୍ରାଥମିକ ଶିକ୍ଷା ପାଖ ଗାଁ ଝିଙ୍କିରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆରମ୍ଭ ହୋଇଥିଲା। ତା'ପରେ ତାଙ୍କ ଭିଣୋଇଙ୍କ ପାଖରେ ରହି ବାଲେଶ୍ୱର ଜୁବୁଲି ମଧ ଇଂରାଜୀ ସ୍କୁଲରେ ପାଠ ପଢ଼ିଲେ। ତାଙ୍କ ବଡ଼ଭାଇ ହରେକୃଷ୍ଣଙ୍କ ବନ୍ଧୁ ପ୍ରଧାନ ଶିକ୍ଷକ ଉଦୟ ନାରାୟଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ନାରାୟଣଚନ୍ଦ୍ର ମଧ ଇଂରାଜୀ ବିଦ୍ୟାଳୟର ଛାତ୍ରାବାସରେ ରହି ସେ ମାଇନର ପାଠ ଓ ଭଦ୍ରକ ହାଇସ୍କୁଲର ପାଠ ଶେଷ କରିଥିଲେ।

ଜନ୍ମରୁ ନୀଳମଣି ଦରଦୀ, ସ୍ୱାଧୀନଚେତା ଓ ପରୋପକାରୀ ଥିଲେ। ବିଦ୍ୟାଳୟରେ ପଢ଼ିବା ସମୟରେ ବିହାରରେ ହୋଇଥିବା ଭୂମିକମ୍ପର ପିଡିତ ମାନଙ୍କ ସାହାଯ୍ୟ ନିମନ୍ତେ ଅର୍ଥ ସଂଗ୍ରହ କରି ପଠାଇଥିଲେ। ୧୯୩୦ ମସିହାରେ ସ୍ୱାଧିନତା ସଂଗ୍ରାମର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଥିଲା ଲବଣ ଆନ୍ଦୋଳନ ବା ଦରିଆ ଦଖଲ ଆନ୍ଦୋଳନ। ଏହି ଆନ୍ଦୋଳନ ନୀଳମଣିଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା। ଝିଙ୍କିରିଆର ସଂଗ୍ରାମୀ ଭାଗବତ ସାହୁଙ୍କୁ ପୋଲିସ୍ ହାତକଡା ପକାଇ ନେବାର ଦୃଶ୍ୟ ନୀଳମଣିଙ୍କ ମନରେ ଗଭୀର ରେଖାପାତ କଲା। ସେ ବିଦେଶୀ ଶାସନ ବିରୁଦ୍ଧରେ ସ୍ୱର ଉତୋଳନ କଲେ। ସାଙ୍ଗମାନଙ୍କୁ ଧରି ଗାଁ ପଡିଆରେ ଲୁଣମାରି ଲୁଣ ପୁଡିଆଙ୍କୁ ଗାଁ ଗାଁ ବୁଲି ବାଂଟିଲେ। ଗାନ୍ଧିଙ୍କ ଡାକରାରେ କଂଗ୍ରେସର ନିଶାନିବାରଣ କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ସମସ୍ତ କଂଗ୍ରେସ କର୍ମୀମାନଙ୍କୁ ପୋଲିସ୍ ଗିରଫ କରି ଭଦ୍ରକ ପର୍ଯ୍ୟନ୍ତ ଚଲାଇ ଚଲାଇ ନେଲେ। ନୀଳମଣି ତାଙ୍କର ସହଯୋଗୀ ବାନରସେନାଙ୍କୁ ଧରି ସତ୍ୟାଗ୍ରହୀ କର୍ମୀମାନଙ୍କ ପଛେ ପଛେ ଧ୍ୱନି ଦେଇ ନଅ ମାଇଲ ବାଟ ଚାଲି ଚାଲି ଯିବାରୁ ପୋଲିସ୍ ନୀଳମଣିଙ୍କୁ ଗିରଫ କରି ନେଇ ଭଦ୍ରକ ଜେଲକୁ ସତ୍ୟାଗ୍ରହୀମାନଙ୍କ ସହିତ ପଠାଇଦେଲା। ଗାଁରୁ ବାପା ଓ କଲିକତାରୁ ଭାଇ ଆସି ଭଦ୍ରକରେ ପହଁଚିଲେ। ୧୦ ଦିନ ଜେଲଦଣ୍ଡ ଭୋଗିବା ପରେ ହାକିମ ନୀଳମଣିଙ୍କୁ ଛୋଟ ପିଲା ହୋଇଥିବାରୁ ଖଲାସ୍ କରିଦେଲେ।

ଭଦ୍ରକ ସହରର କୁଆଁସ ପଡିଆରେ ଗୋଟିଏ କଂଗ୍ରେସ ସଭାକୁ ମାଜିଷ୍ଟ୍ରେଟ ନିଷିଦ୍ଧ ଘୋଷଣା କରି ସହରରେ ୧୪୪ ଧାରା ଜାରି କଲେ। ନୀଳମଣି ସ୍କୁଲ ପରେ କିଛି ସାଙ୍ଗସାଥୀଙ୍କୁ ଧରି କୁଆଁସ ପଡ଼ିଆକୁ ଚାଲିଲେ। ସେଠାରେ ଦେଖିଲେ ବହୁ ଲୋକ ଅଛନ୍ତି କିନ୍ତୁ କେହି ନେତା ନଥିବାରୁ ସଭାକାର୍ଯ୍ୟ ହୋଇପାରିଲା ନାହିଁ। ଛାତ୍ରମାନେ ନୀଳମଣିଙ୍କୁ ସଭାପତି ପରି ସଭାକାର୍ଯ୍ୟ ଚଳାଇଲେ। ପୋଲିସ୍ ଫଉଜ ଆସି ସବୁ ଛାତ୍ରଙ୍କୁ ଗିରଫ କରିନେଲେ। ଗିରଫ ଛାତ୍ରଙ୍କ ମଧରେ ଥିଲେ ମାଜିଷ୍ଟ୍ରେଟଙ୍କ ପୁଅ। ତେଣୁ ମାଜିଷ୍ଟ୍ରେଟ ନିଜେ ଥାନାକୁ ଆସି ସବୁ ପିଲାଙ୍କୁ ଛାଡି ଦେଇ କେବଳ ନୀଳମଣିଙ୍କୁ ଜେଲ ପଠାଇଦେଲେ। ନୀଳମଣିଙ୍କ ବାପା ଓ ଭାଇ ଆସି ମୁଚାଲିକା ଲେଖି ନୀଳମଣିଙ୍କୁ ଖଲାସ କରାଇଲେ।

୧୯୩୪ ମସିହାରେ ଗାନ୍ଧିଜୀ ହରିଜନ ପଦଯାତ୍ରା କରି ଭଦ୍ରକର ସାଳନ୍ଦୀ ନଦୀକୂଳରେ ଜୀବରାମଜୀଙ୍କ ଆଶ୍ରମରେ ରହିବା ସମୟରେ ନୀଳମଣିଙ୍କୁ ମିଳିଗଲା ଗାନ୍ଧିଜୀଙ୍କୁ ତାଳପତ୍ର ପଙ୍ଖାରେ ବିଂଚିବାର ସୁଯୋଗ। ପ୍ରଥମ ଥର ଗାନ୍ଧୀଙ୍କ ସଂସ୍ପର୍ଶରେ ଆସିବାରୁ ସେ ନିଜକୁ ଭାଗ୍ୟବାନ୍ ବୋଲି ମନେ କଲେ। ସେହି ଦିନଠାରୁ ସ୍ୱାଧୀନତା ଆନ୍ଦୋଳନ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରୁଥିଲେ। ଜାନୁଆରୀ ୨୬ ତାରିଖ ଦିନ ଘରେ ଘରେ ତ୍ରିରଙ୍ଗ ପତାକା ଉଡାଇବାକୁ କଂଗ୍ରେସ ପକ୍ଷରୁ ସ୍ଥିର କରାଗଲା। ଭଦ୍ରକ ହାଇସ୍କୁଲକୁ ଲାଗି ଦେୱାନୀ ଅଦାଲତ କୋଠାରେ ସରକାରୀ ପତାକା ବଦଳରେ କଂଗ୍ରେସର ତ୍ରିରଙ୍ଗା ପତାକା ଉଡୁଥିବା ଦେଖାଗଲା। ଚାରିଆଡେ ଚହଳ ପଡିଗଲା। ଟିକି ବିପ୍ଳବୀ ନୀଳମଣିର ଏ କାମ। ସରକାରୀ ମହଲରେ ନୀଳମଣି ପତାକା ଉଡାଇଥିବା ସନ୍ଦେହ କରାଯାଇ ଛାତ୍ରାବାସରେ ଖାନତଲାସ୍ ହେଲା। ମାତ୍ର ପୋଲିସ୍ କିଛି ଟେର୍ ପାଇନଥିଲା।

ଟିକି ବିପ୍ଳବୀ ନୀଳମଣି ୧୯୩୬ ମସିହାରେ ଭଦ୍ରକ ହାଇସ୍କୁଲରୁ ମାଟ୍ରିକ ପାସ୍ କରି ରେଭେନ୍‌ସା କଲେଜରେ ବି.ଏ. ଶ୍ରେଣୀରେ ନାମ ଲେଖାଇ ଇଷ୍ଟ ହଷ୍ଟେଲରେ ରହି ପାଠପଢ଼ିଲେ। ସେ ସମୟରେ ଡଃ ପ୍ରାଣକୃଷ୍ଣ ପରିଜା ଥାଆନ୍ତି ରେଭେନ୍‌ସା କଲେଜର ଅଧକ୍ଷ। ନୀଳମଣି ଛାତ୍ର ଅବସ୍ଥାରେ ପ୍ରଦେଶ କଂଗ୍ରେସ କର୍ମକର୍ତା ମାନଙ୍କ ସହିତ ଭଲ ସଂପର୍କ ରଖି କଂଗ୍ରେସ ଦଳର ସ୍ୱେଚ୍ଛାସେବକ ଭାବେ ସବୁ ସଭାସମିତିରେ ଯୋଗ ଦେଉଥିଲେ। ନୀଳମଣି ଦାବି କଲେ ଯେ, ଛାତ୍ର ୟୁନିୟନର ସଭାପତି ଅଧକ୍ଷ ନହୋଇ ଛାତ୍ରମାନଙ୍କ ମଧରୁ ନିର୍ବାଚିତ ହେବା ଉଚିତ୍। ପରିଶେଷରେ ଛାତ୍ରମାନେ ନିର୍ବାଚନ ମାଧମରେ ୟୁନିୟନର ସଭାପତି ଓ କର୍ମକର୍ତା ନିର୍ବାଚନ କଲେ। ମନମୋହନ ମିଶ୍ର ରେଭେନ୍‌ସା କଲେଜ ଛାତ୍ର ୟୁନିୟନର ପ୍ରଥମ ସଭାପତି ଭାବେ ନିର୍ବାଚିତ ହେଲେ। ୧୯୩୮ ମସିହାରେ ଟିକି ବିପ୍ଳବୀ ଛାତ୍ରସଂଘର ସଂପାଦକ ଭାବେ ଧର୍ମଘଟ, ଧାରଣା, ସଭା ଓ ଶୋଭାଯାତ୍ରା ଆୟୋଜନ କରିଥିଲେ। ଗୋରା ଅଧକ୍ଷକଙ୍କ ଆଦେଶକୁ ଅମାନ୍ୟ କରି ନୀଳମଣି ଛାତ୍ରମାନଙ୍କୁ ଧରି କଟକ ମେଡିକାଲ ସ୍କୁଲ କୋଠା ଉପରେ ଜାତୀୟ ପତାକା ଉତୋଳନ କଲେ। (କ୍ରମଶଃ)

+ପାରାଦ୍ୱୀପଗଡ଼, କୁଜଙ୍ଗ,
ଜଗତ୍‌ସିଂହପୁର
ମୋ. : ୯୯୩୭୬୯୧୪୭୫

## କବିତା କୋଣାର୍କ

### କବି ଓ କବିତା...

ଶରତ କୁମାର ଦାସ

ମୋତେ କେହି ଜଣେ
ଥଟ୍ଟାରେ ପଚାରିଲେ
ତମେ କବିତା କେମିତି ଲେଖ
କାହିଁକି ଲେଖ ଓ କେତେ
ବେଳେ ଲେଖ
ତା' ଛଡା ଆଜିକାଲି
କବିତା କିଏ ପଢୁଛି ଯେ !
ଯାହା କେବଳ ସମୟ ଅପଚୟ ଛଡା
ଆଉ କ'ଣ ବା ହୋଇପାରେ !

ସମ୍ମାନର ସହ ମୁଁ ତାକୁ
ଚାହିଁଲି କ୍ଷଣିକ
କି ଉତ୍ତର ଦେବି ଭାବିଲି ଘଡିଏ
କହିଲି ଭାଇ ହେ ଯେତେ ପାର
ନିନ୍ଦା କର ମୋତେ ସହିଯିବି ସବୁ
ମାତ୍ର କବିତାକୁ ନେଇ ଏମିତି କୁହନି
ମରିଯିବ କାଳେ ମୋ ଭିତରେ
ଛିଡାହୋଇଥିବା କବିତା ରୂପି
ଭିନ୍ନ ମଣିଷଟିଏ
ହାତ ଗୋଡ ଲମ୍ବି ।

କେମିତି ବୁଝାଇ ବି ଯେ ତମକୁ
କାହିଁକି ଓ କେତେବେଳେ
ଲେଖେ ମୁଁ କବିତା
କବିତା ଲେଖିବାର କ'ଣ
କିଛି ସମୟ ଥାଏ କି
ସ୍ୱତଃସ୍ଫୁର୍ତ୍ତ ଆବେଗର ମଧୁଝର
ଝରିଆସେ କବିତାର ପଂକ୍ତି ହୋଇ
ଆପଣା ଛାଏଁ ଛାଏଁ ନିଜସ୍ୱ ଇଚ୍ଛା ରେ
ବେଳ ହେଉ ଅବା ଅବେଳରେ ।

କବିଟିଏ ପାଇଁ ଅନ୍ଧାର ବି ଯାହା
ଆଲୋକ ବି ତାହା
ଫରକ ନଥାଏ କିଛି ସୁଖ ଓ
ଦୁଃଖର ଅର୍ଥରେ।

ଢାଳିଦିଏ ନିଜକୁ ସେ ସମାଜର
ହିତ ପାଇଁ
ବଦଳରେ କିଛି ବି
ଚାହେଁନା କାହାଠାରୁ
ହାତ ପାତି କିଛି ବି ମାଗେନା
ନା ଅର୍ଥ ନା ସମ୍ମାନ ନା କ୍ଷମତା ।

ଶେଷରେ ପଦଟିଏରେ
ସାରିବାକୁ ଚେଷ୍ଟା କଲି
ଓ କହିଲି , ତମେ ବି
ଲେଖିପାରିବ କବିତା
ମନଟିକୁ ପ୍ରସାରିତ କରିଦିଅ ଥରେ
ଆଉ ଭାବନାର ଗଭୀର ସମୁଦ୍ରରେ
ନିଜକୁ ଡୁବାଇ ଦିଅ ଏକାନ୍ତରେ
ଦେଖିବ ତମେ ବି ଦିନେ
କବି ହୋଇଯିବ
ତମ ପ୍ରଶ୍ନର ଉତ୍ତର ନିଜେ ନିଜେ
ପାଇଯିବ ଅବଶ୍ୟ ।

+ଅଧ୍ୟାପକ, ରାଜନୀତି
ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା -କେନ୍ଦୁଝର
ମୋ-୮୨୪୯୧୩୭୦୯୧

### ମଧୁର ବଚନ...

ପ୍ରଦୀପ୍ତ ଆଚାର୍ଯ୍ୟ



ମଧୁର ବଚନ, ସାଥେ ସ୍ୱଚ୍ଛ କଥା,
କହିବା ରଖିଣ ଧୈର୍ଯ୍ୟ।
ପ୍ରତି ମୂହୁର୍ତ୍ତରେ, ସତ୍ୟ କହିବାଟା,
ଅଟଇ ମହତ କାର୍ଯ୍ୟ,
ବଚନ ମୁଖରୁ, ତୀରଟି ହସ୍ତରୁ,
ଥରେ ଖସିଗଲା ପରେ,
ଯେତେ ଚେଷ୍ଟା କଲେ,
ପୁନର୍ବାର ଆଉ,
ପାଖକୁ ତାହା ନଫେରେ।
ଅନ୍ୟ ମାନଙ୍କର, ଯେଉଁ କଥା ଶୁଣି,
ଆମ ମନେ କଷ୍ଟ ହୁଏ,
ସେପରି କଥାଟି, ଅନ୍ୟକୁ କହିବା,
କେବେବି ଶୋଭା ନପାଏ।
କହିବା ପୂର୍ବରୁ, ବହୁବାର ଆମେ,
ଚିନ୍ତା କରିବାକୁ ହେବ,
ମୁଖରୁ ନିସୃତ, ବାକ୍ୟଟି ଯେପରି,
ବିସ୍ଫୋରଣ ନହୋଇବ।

+ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ଈଶାଣୀ ବ୍ରହ୍ମପୁର,
କଟକ
ମୋ-୬୩୭୧୫୯୩୨୨୦

## ବିଶ୍ୱ ନେତୃତ୍ୱରେ ଭାରତବଂଶୀ

ସୌମେନ୍ଦ୍ର ଜେନା

ଭାରତ ବାହାରେ ଥିବା ଭାରତବଂଶୀ ଲୋକେ ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ସାଂସଦ, ବିଚାରପତି ଭାବେ କାର୍ଯ୍ୟକରି ଭିନ୍ନ ଭିନ୍ନ ଦେଶରେ ପ୍ରସିଦ୍ଧି ଲାଭ କରିଛନ୍ତି। ସେମାନେ ଯେଉଁଠି ବସବାସ କରିଛନ୍ତି, ଚାକିରୀ କରିଛନ୍ତି ସେହିସବୁ ରାଷ୍ଟ୍ରର ବିକାଶ ପାଇଁ କାର୍ଯ୍ୟ କରିଛନ୍ତି। ଆମେରିକାର ପ୍ରସିଦ୍ଧ ଅନ୍ତରୀକ୍ଷ ଅନୁଷ୍ଠାନ ନାସାଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଅନେକ ଅନୁଷ୍ଠାନରେ ଭାରତବଂଶୀ ବୈଜ୍ଞାନିକଗଣ ବେଶ୍ ସଫଳତା ଲାଭ କରିଛନ୍ତି। କଳ୍ପନା ଚାୱଲା, ସୁନିତା ଉଇଲିୟମ୍ସ, ସ୍ୱାତୀ ମେନନ, ରାଜା ଚାରୀ ପ୍ରମୁଖ ସେମାନଙ୍କ ମଧରେ ପ୍ରସିଦ୍ଧ। ଆମେରିକାର ଅନେକଗୁଡିଏ ବହୁରାଷ୍ଟ୍ରୀୟ କମ୍ପାନୀର ପରିଚାଳନା କ୍ଷେତ୍ରରେ ଭାରତୀୟ ଲୋକେ ଏବେ ନେତୃତ୍ୱ ନେଉଛନ୍ତି। ବହୁତ କମ୍ ବ୍ୟକ୍ତିଙ୍କୁ ଜଣାଥିବ ଯେ କମ୍ପୁଟରରେ ବ୍ୟବହୃତ ଚିପର ନିର୍ମାଣ ପେଣ୍ଟିୟମ ପ୍ରୋସେସର କମ୍ପାନୀ ଇଣ୍ଟେଲ ପାଇଁ ଜଣେ ଭାରତୀୟ ବିନୋଦ ଧାମ କରିଥିଲେ। ତାଙ୍କୁ ଚିପର ଜନ୍ମଦାତା ବୋଲି କୁହାଯାଏ। ସେମିତି ସାମ୍ପୁର ବ୍ୟବହାର ବିଦେଶରେ ଜଣେ ବଙ୍ଗାଳୀ ବ୍ୟକ୍ତି ପ୍ରଚଳନ କରାଇଥିଲେ। ଖ୍ରୀ. ୧୭୬୨ରେ ବିହାରର ସାକେଦିନ ମହମ୍ମଦ ନାମକ ଜଣେ ବଙ୍ଗାଳୀ ବ୍ୟକ୍ତି ବ୍ରିଟେନରେ ଏହାକୁ ପ୍ରବେଶ କରାଇଥିଲେ। ତାହା ପ୍ରାକୃତିକ ତୈଳ, ବାସ୍ନାଦାର, ଅଲ୍‌କାଲି ଦ୍ୱାରା ପ୍ରସ୍ତୁତ ହୋଇଥିଲା। କୁଷ୍ଠରୋଗର ଚିକିତ୍ସା ପାଇଁ ବିଦେଶୀ ଲୋକେ ବହୁକାର୍ଯ୍ୟ କରିଛନ୍ତି ବୋଲି ପ୍ରଚାର କରାଯାଏ। କିନ୍ତୁ ବିଦେଶୀମାନେ ଏହା ସଂପର୍କରେ ଅଥର୍ବ ବେଦ ଏବଂ ଶୁଶ୍ରୁତ ସଂହିତାରୁ ଶିକ୍ଷା କରିଥିବା ସଂପର୍କରେ କେୟାର୍ଣ୍ଣସ ଓ ନାସ୍‌ଙ୍କ ଗବେଷଣାରୁ ଜଣାପଡେ। ଏ ବିଷୟରେ ଦି ଅକ୍ସଫୋର୍ଡ ଇଲଷ୍ଟ୍ରେଟେଡ କମ୍ପାନିଅନ ଟୁ ମେଡିସିନ ପୁସ୍ତକରେ ଉଲ୍ଲେଖ ରହିଛି। ସେମିତି ମୋତିଆବିନ୍ଦୁର ଅସ୍ତ୍ରୋପଚାର ବିଧି ସଂପର୍କରେ ଶୁଶ୍ରୁତ ଉଲ୍ଲେଖ କରିଥିଲେ। ବଙ୍କା ଛୁଞ୍ଚିର ସାହାଯ୍ୟରେ ଉଷୁମଥିବା ଲହୁଣୀରେ ଆଖିର ଡୋଳାକୁ ଭିଜାଇରଖି କିପରି ପରଳ ହଟାଯାଇ ପାରିବ ସେ ନେଇ ସେ ତାଙ୍କ ପୁସ୍ତକରେ ବର୍ଣ୍ଣନା କରିଥିଲେ। ତ୍ରିକୋଣମିତିର ସାଇନ୍ ଏବଂ କସ୍ ପରି ବିଷୟକୁ ୫ମ ଶତାବ୍ଦୀରେ ଆର୍ଯ୍ୟଭଟ୍ଟ ଏବଂ ଷଷ୍ଠ ଶତାବ୍ଦୀର ବରାହ ମିହିର ଶିକ୍ଷା ଦେଇଥିଲେ ଯାହାକୁ ଆଧାର କରି ବିଦେଶୀ ଲୋକେ ଅନେକ ଗବେଷଣା କାର୍ଯ୍ୟ କଲେ। ଗୁପ୍ତକାଳରେ ଭାରତୀୟ ବୌଦ୍ଧଭିକ୍ଷୁମାନେ ଗୁଡରୁ ଚିନିର ପ୍ରସ୍ତୁତି ଚୀନର ଲୋକଙ୍କୁ ଶିକ୍ଷା ଦେଇଥିବା ନେଇ ଉଲ୍ଲେଖ ରହିଛି। ଝୋଟ ଚାଷ ଏବଂ ଝୋଟ ପ୍ରସ୍ତୁତି ନେଇ ଭାରତୀୟ ଲୋକେ ବିଦେଶୀଙ୍କୁ ଶିକ୍ଷାପ୍ରଦାନ କରିଥିଲେ। ସେମିତି କ୍ରୀଡାପତ୍ରମ୍ ଭାବେ ପରିଚିତ ତାସ୍ ଖେଳ ଭାରତୀୟମାନେ ବିଦେଶୀ ଲୋକଙ୍କୁ ଶିଖାଇଥିଲେ। କାଶ୍ମୀର ଉଲ୍‌ର ବ୍ୟବହାର ମଧ ଏସିଆର ଲୋକେ ୧୫ଶ ଶତାବ୍ଦୀରେ କାଶ୍ମୀରୀ ଶାସକ ଜାଏନ ଉଲ-ଆବିଦିନଙ୍କ ପାଖରେ ଚାକିରୀ କରି ଶିକ୍ଷା ଲାଭ କରିଥିବା ନେଇ ଉଲ୍ଲେଖ କରିଥିଲେ। ଏ ପ୍ରକାର ଚାଦରର ବ୍ୟବହାର ସଂକ୍ରାନ୍ତରେ ଖ୍ରୀ.ପୂ ୩ରୁ ୧୧ଶ ଶତାବ୍ଦୀରେ ଲିଖିତ ଅନେକ ଭାରତୀୟ ପୁସ୍ତକରୁ ମିଳେ। ଗୁପ୍ତଶାସନ କାଳରେ ଚତୁରଂଗ ନାମରେ ପରିଚିତ ଆଜିର ଚେସ୍‌ଖେଳ ଖ୍ରୀପୂ ୨୮୦-୫୫୦ମଧରେ ଭାରତରେ ପ୍ରଚଳିତ ଥିଲା ଯାହା ବେପାରୀମାନେ ବିଦେଶୀ ଲୋକଙ୍କୁ ପରେ ଶିକ୍ଷା ଦେଇଥିଲେ। ଅଙ୍କରେ ଶୂନ୍ୟର ପ୍ରଚଳନ ଲୁଡୁ ଖେଳର ସାପ ଓ ସିଡିର ନିୟମ ଆଦି ବିଦେଶୀ ଲୋକେ ଭାରତୀୟଙ୍କଠାରୁ ଶିକ୍ଷା କରିଥିଲେ। ସେମିତି ଉଚ୍ଚଶିକ୍ଷା ଓ ଗବେଷଣା ପାଇଁ ଖ୍ରୀ.ପୂ ୭୦୦ରେ ତକ୍ଷଶୀଳାରେ ଏକ ବିଶ୍ୱବିଦ୍ୟାଳୟ ରହିଥିଲା ଯେଉଁଠି ୧୦,୦୦୦ ଛାତ୍ରଛାତ୍ରୀ ଓ ୨୦୦ ପ୍ରାଧ୍ୟାପକ ଥିଲେ। ଏହାଛଡା ନାଳନ୍ଦା, ପୁଷ୍ପଗିରି ପରି ପାଞ୍ଚଗୋଟିରୁ ଅଧିକ ବିଶ୍ୱବିଦ୍ୟାଳୟ କାର୍ଯ୍ୟ କରୁଥିଲା। ୩୦୦ କୋଠରୀ ଶିକ୍ଷାଦାନ ପାଇଁ ସେଠାରେ ରହିଥିଲା। ଗବେଷଣାଗାର ଓ ପାଠାଗାର ବ୍ୟବସ୍ଥା, ମହାକାଶ ଗବେଷଣା ପାଇଁ ନିରୀକ୍ଷଣକାରୀ ଅଟ୍ଟାଳିକା ଆଦି ସେ ସମୟରେ ରହିଥିଲା ଯାହା ଚୀନର ପରିବ୍ରାଜକ ହୁଏନସାଂ ଦେଖିଲା ପରେ ନିଜ ଦେଶର ଲୋକଙ୍କୁ କହିଥିଲେ। ଚୀନରେ ସାମରିକ କଳା ବା ମାର୍ଶାଲ ଆର୍ଟକୁ ଜଣେ ଭାରତୀୟ ବୌଦ୍ଧଗୁରୁ ପ୍ରବେଶ କରାଇଥିବା ନେଇ ଉଲ୍ଲେଖ ରହିଛି। ସେହିପରି ଭାରତୀୟ ଲୋକଙ୍କ ସ୍ଥାପତ୍ୟ କଳାର ପ୍ରମାଣ ସିଭିଲ ଇଞ୍ଜିନିୟରିଂ କ୍ଷେତ୍ରରେ ଦକ୍ଷତାର ପ୍ରମାଣ ଶ୍ରୀଲଙ୍କା, ଇଣ୍ଡୋନେସିଆ, ମାଲେସିଆ, ଭିଏତନାମ, ଲାଓସ, କାମ୍ବୋଡିଆ,ଜାପାନ, ମ୍ୟାନମାର, ଥାଇଲାଣ୍ଡ, କୋରିଆ, ଚୀନ ଆଦି ଦେଶରେ ଦେଖିବାକୁ ମିଳିବ, ଯାହାସବୁ ପ୍ରାଚୀନ ବୌଦ୍ଧ କୀର୍ତ୍ତିରାଜି ରହିଛି, ଯାହାର ମୂଳ ଭାରତରୁ ସୃଷ୍ଟି ହୋଇଥିଲା। ଆଫଗାନିସ୍ଥାନରେ ବାମିୟାନର ପାହାଡରେ ବୁଦ୍ଧଙ୍କ ପ୍ରତିମା ହେଉ କିମ୍ବା ଚୀନର ପାହାଡରେ ନାନା ପ୍ରକାର ବୁଦ୍ଧଙ୍କ ମୂର୍ତ୍ତି କଳାର ଶିକ୍ଷା ଭାରତୀୟମାନେ ବିଦେଶୀଙ୍କୁ ଦେଇଥିଲେ। ସେମିତି ଭାରତୀୟମାନେ ଚୀନର ଯେଉଁ ଘଣ୍ଟାର ପ୍ରଚଳନ କରାଇଥିଲେ ତାର ପ୍ରମାଣ ସେଠାରେ ଥିବା ପ୍ରସ୍ତର ଖୋଦିତ ଘଣ୍ଟାରେ ସଂସ୍କୃତ ଲିପିର ଉଲ୍ଲେଖରୁ ମିଳିଥାଏ। ଏହା ଖ୍ରୀପୂ ୬ରୁ- ୮ମ ଶତାବ୍ଦୀ ହେବ ବୋଲି ଜଣାପଡୁଛି। ଧୂପକାଠିର ପ୍ରଚଳନ ଭାରତୀୟ ବୌଦ୍ଧ ଭିକ୍ଷୁମାନେ ଚୀନରେ କରାଇଥିଲେ। ଉଚ୍ଚମାନର ଲୌହ ପ୍ରସ୍ତୁତ ପ୍ରଣାଳୀ ରୋମର ଲୋକଙ୍କୁ ଭାରତୀୟମାନେ ଶିକ୍ଷା ଦେଇଥିଲେ। ଦକ୍ଷିଣ ଭାରତର ଚୋଳ ଶାସନ କାଳରେ ଏହି ଲୌହ ରୋମକୁ ରପ୍ତାନୀ ହେଉଥିଲା ଯାହା ସେଠାରେ ସେରିକ ଆଇରନ ନାମରେ ପରିଚିତ ହୋଇ ପରେ ଦାମାସ୍କସ ଷ୍ଟିଲ ରୂପେ ପରିଚିତ ହେଲା। ଲିଖନକଳାରେ ବ୍ୟବହୃତ କାଳିର ବ୍ୟବହାର ଭାରତୀୟମାନେ ମାସି ନାମକ କାଳିକୁ ନେଇ କରିଥିଲେ। ଖରୋଷ୍ଠୀ ଭାଷାରେ ରଚିତ ଖ୍ରୀ.ପୂ ୩ୟ ଶତାବ୍ଦୀର ଅନେକ ପାଣ୍ଡୁଲିପି ପୂର୍ବ ତୁର୍କିମେନିସ୍ଥାନ ପ୍ରଦେଶ ବା ଚୀନର ଜିନ୍‌ଜିୟାଙ୍ଗ ପ୍ରଦେଶରୁ ମିଳିଛି ଯାହାକୁ ଭାରତୀୟ ଲୋକେ ଲେଖିଥିଲେ। କାଠ, କୋଇଲା, ପୋଡା ହାଡକୁ ନେଇ ଏହି କାଳିକୁ ପ୍ରସ୍ତୁତ କରାଯାଉଥିଲା। ଭାରତୀୟ ଲୋକେ ମଧ ଏସିଆରେ ଏହି କାଳିକୁ ପରିଚିତ କରାଇଥିଲେ। ସେହିପରି ଟେଲିଫୋନ, ରାଡାର,ଉପଗ୍ରହ ଯୋଗାଯୋଗ ବ୍ୟବସ୍ଥା, ରେଡିଓ, ଟେଲିଭିଜନ ପ୍ରସାରଣ, ରିମୋର୍ଟ, ୱାଇଫାଇରେ ବ୍ୟବହୃତ ମାଇକ୍ରୋୱେଭ ଟ୍ରାନ୍ସମିଶନ କୌଶଳକୁ ୧୮୯୫ରେ କୋଲାକାତାରେ ଜଗଦୀଶ ଚନ୍ଦ୍ର ବୋଷ ପ୍ରଦର୍ଶନ କରିଥିଲେ ଯାହାକୁ ଦୁଇବର୍ଷ ପରେ ମାର୍କୋନୀ ଇଂଲଣ୍ଡରେ ପ୍ରଦର୍ଶିତ କରିଥିଲେ। ଫାଇବର ଅପଟିକ୍ସର ପିତା ଭାବେ ପରିଚିତ ଭାରତୀୟ ଡା ନରନ୍ଦିର ସିଂହ କାପାନୀ ଖୁବ୍ ପ୍ରସିଦ୍ଧ। ରିଫ୍ରାକ୍ଟିଭ୍ ଇଣ୍ଡେକ୍ସକୁ ମାପିବା ପାଇଁ ଇଣ୍ଟର ଫେରୋମିଟରକୁ ଭାରତୀୟ ବୈଜ୍ଞାନିକ ଏମ୍‌ଭିଆରକେ ମୂର୍ତ୍ତି ହିଁ ଉଦ୍‌ଭାବନ କରିଥିଲେ। ଇଂରେଜମାନେ ଭାରତରୁ ରକେଟ ନିର୍ମାଣର ଜ୍ଞାନକୌଶଳ ଦକ୍ଷିଣଭାରତରୁ ଶିକ୍ଷା କରିଥିଲେ। ଆତସବାଜୀ କ୍ଷେତ୍ରରେ ଦକ୍ଷିଣ ଭାରତୀୟ କାରିଗର ଖୁବ୍ ପ୍ରସିଦ୍ଧ। ୬ଷ୍ଠ ଶତାବ୍ଦୀରେ ଭାରତୀୟ ଗଣିତଜ୍ଞ ବୁଧାୟନ ପିଥାଗୋରିଆନ ସୂତ୍ରକୁ ବୁଝାଇ ପାଏର ମୂଲ୍ୟ ସଂପର୍କରେ ଯେମିତି ବିଶ୍ୱକୁ ବୁଝାଇଥିଲେ ସେମିତି ସୂର୍ଯ୍ୟ ଚାରିପଟେ ପ୍ରଦକ୍ଷିଣ କରିବାକୁ ପୃଥିବୀକୁ ୩୬୫ଦିନ ଲାଗୁଥିବା କଥା ଭାସ୍କରାଚାର୍ଯ୍ୟ ବିଦେଶୀ ବୈଜ୍ଞାନିକମାନଙ୍କ ବହୁପୂର୍ବରୁ କହିସାରିଥିଲେ। ୧୩ଶ ଶତାବ୍ଦୀରେ ବିଦେଶୀ ଲୋକେ ନିଶ୍ଚେତକ ବ୍ୟବସ୍ଥା ସଂପର୍କରେ ଜାଣିବାର ବହୁ ପୂର୍ବରୁ ମହାଭାରତ ଯୁଗର ଲୋକେ ଏହା ସହ ପରିଚିତ ଥିବା। ବୈଦିକଶାସ୍ତ୍ରରେ ବର୍ଣ୍ଣନାରୁ ଜଣାପଡେ। ବିଦେଶରେ ଭାରତୀୟମାନେ ଭାରତର ଜ୍ଞାନବିଜ୍ଞାନକୁ ପରିଚିତ କରାଇ ସମଗ୍ର ବିଶ୍ୱକୁ ଆଲୋକପ୍ରଦାନ କରିଆସିଛନ୍ତି। ଭାରତର ଭାଷା, ସଂସ୍କୃତି, ଚିକିତ୍ସାଜ୍ଞାନ,ମହାକାଶ ଅଧ୍ୟୟନ, ଅଙ୍କଗଣନା, ଆଦି ଅନେକ ବିଷୟକୁ ନେଇ ସେମାନେ ବିଦେଶରେ ପରିଚିତ କରାଇବା ସହ ପୃଥିବୀର ଜ୍ଞାନକୋଷକୁ ସମୃଦ୍ଧ କରିଛନ୍ତି। ସ୍ୱାମୀ ବିବେକାନନ୍ଦ, ମହେଶ ଯୋଗୀ, ସ୍ୱାମୀ ଯୋଗାନନ୍ଦ, ସ୍ୱାମୀ ପ୍ରଭୁପାଦ ଆଦି ବିଦେଶରେ ଯେଉଁ ଆଧ୍ୟାତ୍ମିକ ଚେତନାର ମଞ୍ଜି ବୁଣିଥିଲେ ତାହା ଗତ ଶହେବର୍ଷରେ ମହାଦ୍ରୁମରେ ପରିଣତ ହେବା ସହ ଯୋଗକୁ ଆନ୍ତର୍ଜାତିକ ମାନ୍ୟତା ଦେବାରେ ସହାୟକ ହୋଇଛି। ଭାରତର ଆୟୁର୍ବେଦ ଚିକିତ୍ସା ପଦ୍ଧତି ଆଜି ଭାରତୀୟଙ୍କ ମାଧମରେ ବିଦେଶରେ ସ୍ୱୀକୃତି ଲାଭ କରିଛି। ଚିକିତ୍ସା କ୍ଷେତ୍ରରେ ଅନ୍ୟ ଦେଶର ଲୋକଙ୍କୁ ସାହାଯ୍ୟ କରିବାର ଭାରତୀୟ ପରମ୍ପରା ଆଜିର କୋରୋନା କାଳରେ ଟୀକା ଦେବା ପରି ଆଦୌ ନୂଆ ନୁହେଁ ବହୁ ପୁରୁଣା। ଦ୍ୱିତୀୟ ଚୀନ-ଜାପାନ ଯୁଦ୍ଧବେଳେ (୧୯୩୮) ଆହତସେନାଙ୍କ ଚିକିତ୍ସାପାଇଁ ଦ୍ୱାରକାନାଥ ସାନ୍ତାରାମ କୋଟନିସଙ୍କ ସହ ଏମ. ଅଚଳ (ଆହ୍ଲାବାଦ), ଏମ ଚୋଲକର (ନାଗପୁର), ବିକେ ବସୁ ଓ ଦେବେଶ ମୁଖାର୍ଜୀ (କୋଲକାତା) ଚୀନର ୟୁହାନ ପ୍ରଦେଶର ହାନକୋଉ ବନ୍ଦର ଦେଇ ୟୁନାନ ଯୁଦ୍ଧ ଭୂମିରେ ପହଞ୍ଚିଥିଲେ। ଅନ୍ୟ ଡାକ୍ତରମାନେ ଦେଶକୁ ଫେରିଥିଲେ ମଧ ଡାକ୍ତର କୋଟନିସ୍ ସେଠାରେ ରହି ନିଜର ମୃତ୍ୟୁ ପର୍ଯ୍ୟନ୍ତ ( ୯ ଡିସେମ୍ବର ୧୯୪୨) ଶହଶହ ସେନାଙ୍କୁ ଚିକିତ୍ସା ସୁବିଧା ଯୋଗାଇଥିଲେ। ଏକାଦିକ୍ରମେ ୭୨ ଘଣ୍ଟାରେ ୪୦୦ସେନାଙ୍କ ଅସ୍ତ୍ରୋପଚାର ଚିକିତ୍ସା କରି ସେ ସମସ୍ତଙ୍କ ହୃଦୟ ଜିଣିପାରିଥିଲେ। ଚୀନରେ କେ ଡିହୁଆ ନାମରେ ପରିଚିତ କୋଟନିସ୍‌ଙ୍କ ପ୍ରତିମୂର୍ତ୍ତି ଏବେ ବି ହେବେଇ ପ୍ରଦେଶର ସିଜିଆଝୁଆଙ୍ଗ ଠାରେ ରହିଛି। ପ୍ରତିବର୍ଷ କ୍ୱିଙ୍ଗମିଙ୍ଗ ଉତ୍ସବ ସମୟରେ ତାଙ୍କୁ ଚୀନରେ ସ୍ମରଣ କରାଯାଇଥାଏ। ମହାରାଷ୍ଟ୍ର ସୋଲାପୁରର ଏହି ଡାକ୍ତରଙ୍କ ବନ୍ଧୁମାନଙ୍କୁ ଚୀନକୁ ପଠାଇବାକୁ ତତ୍କାଳୀନ କଂଗ୍ରେସର ଅଧକ୍ଷ ସୁଭାଷ ଚନ୍ଦ୍ର ବୋଷ ୨୦ହଜାର ଟଙ୍କା ଲୋକଙ୍କ ଠାରୁ ସଂଗ୍ରହ କରିଥିଲେ। ଇଉରୋପରେ ଇସଲାମିକ ଶାସନ ବଢିବା ପରେ ସେମାନେ ଇସ୍ରାଏଲର ଇହୁଦିମାନଙ୍କୁ ନିଜର ଶତ୍ରୁ ମନେକରି ତଡି ଦେଇଥିଲେ। ଇହୁଦିମାନେ ପୃଥିବୀର ଭିନ୍ନ ଭିନ୍ନ ଦେଶକୁ ଜୀବନ ବଞ୍ଚାଇ ଚାଲିଯାଇଥିଲେ। ପ୍ରଥମ ବିଶ୍ୱଯୁଦ୍ଧ ବେଳେ ଇହୁଦୀମାନଙ୍କ ପାଇଁ ଇସ୍ରାଏଲଗଠନର ଯେଉଁ ଦାବି ଉଠିଥିଲା ତାକୁ ସହଯୋଗ କରିବା ପାଇଁ ବ୍ରିଟେନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ସେତେବେଳେ ଅଟୋମନ ତୁର୍କମାନେ ଇସ୍ରାଏଲକୁ ଦଖଲ କରି ରହିଥିଲେ। ବ୍ରିଟିସ ସେନାଙ୍କ ନିମନ୍ତ୍ରଣ କ୍ରମେ ଭାରତର ରାଜପୁତନା, ମହୀଶୂର ଏବଂ ହାଇଦ୍ରାବାଦର ଘୋଡସବାର ସେନା ଗୋଷ୍ଠୀ ଇସ୍ରାଏଲ ମାଟିର ବନ୍ଦର ନଗରୀ ହାଇଫାରୁ ଅଟୋମନ ବାହିନୀକୁ ତଡି ଦେଇ ଆଧୁନିକ ଇସ୍ରାଏଲ ରାଷ୍ଟ୍ରଗଠନର ମୂଳଦୁଆ ପକାଇଥିଲେ। ସେହି ବିଜୟ ଦିବସକୁ ଏବେ ବି ପ୍ରତିବର୍ଷ ଇସ୍ରାଏଲରେ ହାଇଫା ଦିବସ ଭାବେ ସ୍ମରଣ କରାଯାଇ ଭାରତୀୟ ସେନାଙ୍କ ପ୍ରଶଂସା କରାଯାଇଥାଏ। ସେଠାକାର ବିଦ୍ୟାଳୟରେ ପିଲାମାନଙ୍କୁ ଇହୁଦିଙ୍କ ରାଷ୍ଟ୍ରରକ୍ଷା ପାଇଁ ଭାରତୀୟଙ୍କ ବଳିଦାନର ଗୌରବଗାଥା ପଢାଯାଇଥାଏ। ଏମିତି ବିବିଧ କ୍ଷେତ୍ରରେ ଭାରତୀୟମାନେ ଭାରତ ବାହାରେ ପ୍ରସିଦ୍ଧି ଲାଭ କରିଛନ୍ତି ଯାହାକୁ ବିସ୍ତୃତ ଭାବେ ଅଧ୍ୟୟନ କରିବାର ଆବଶ୍ୟକତା ରହିଛି। ଏହି ଭାରତୀୟମାନେ ଭାରତ ବାହାରେ ଭାରତର ରାଷ୍ଟ୍ରଦୂତ ପରି କାର୍ଯ୍ୟକରି ଭାରତର ସମ୍ମାନ ବୃଦ୍ଧି କରିବାରେ ସହାୟକ ହୋଇଛନ୍ତି, ଯେଉଁଥିପାଇଁ ସେମାନେ ପ୍ରଶଂସାଯୋଗ୍ୟ।

+ଭାରତୀୟ ସମ୍ବାଦ ସେବା (ଭାସ)
ଭୁବନେଶ୍ୱର-୭୫୧୦୦୩

## କବିତା କୋଣାର୍କ

### ଏଇ ଓଡିଶା ବୁକୁରେ...

ନିକୁଞ୍ଜ କୁମାର ଘୋଷ

କଳାରେ ନିପୁଣ ଯଶକୀର୍ତିମାନ
ଓଡିଆ ଆମ ସଂସ୍କୃତି
କାଳିଆର ଘର ସୁରୁଜ ମନ୍ଦିର
କୋଣାରକ କଳାକୀର୍ତି ।

ଚତୁର୍ଧାମେ ପୁରୀ ଗୋବର୍ଦ୍ଧନ ପୀଠ
ନିଶ୍ଚଳାନନ୍ଦ ସରସ୍ୱତୀ
ମଠ ମଧ୍ୟେ ମଠ ଅଟେ ସର୍ବଶ୍ରେଷ୍ଠ
ଶ୍ରୀମନ୍ଦିରେ ଆଜ୍ଞାପତି ।

ମନ୍ଦିର ମାଳିନୀ ଭୁବନେଶ୍ୱରରେ
ମନ୍ଦିରରେ ଲିଙ୍ଗରାଜ
ଖାରବେଳ ସ୍ମୃତି ଖଣ୍ଡଗିରି ନାମେ
ଦିଶେ କଳାକୀର୍ତି ବୀଜ ।

ଏ ଉଦୟଗିରି ରାଜରାଣୀ ପୀଠ
କେଦାର ଗୌରୀ ମନ୍ଦିର
ନନ୍ଦନକାନନ ପଶୁପକ୍ଷୀ ଘର
ସାତକୋଶିଆ କୁମ୍ଭୀର ।

ଦାରିଙ୍ଗବାଡି ତ ଓଡିଶା କାଶ୍ମୀର
ପ୍ରକୃତିକୂଳକୁ ମୋହେ
ସିମିଳିପାଳରେ ବାଘ ବିଚରଣେ
ମୁକ୍ତ ଆକାଶ ଯେ କହେ ।

କଟକ ନଗର ଯା'ର ଇତିହାସ
କହେ ବାରବାଟୀ ଦୁର୍ଗ
ସେଇ ଇତିହାସ ପୃଷ୍ଠାରେ ମିଶିଲା
ରାଇବଣିଆର ଗଡ ।

ସୀମାନ୍ତ ଓଡିଶା ରାଇବଣିଆର
ଦିଶିଯାଏ ଭଗ୍ନସ୍ତୁପ
ଅଜ୍ଞାତ ବାସରେ ପାଣ୍ଡବ କାହାଣୀ
ବଖାଣିଯାଏ ତା' ରୂପ ।

ଖୋରଧା ଗଡର ଲାଲ ରକ୍ତ ମାଟି
ନାଶେ ଚଣ୍ଡାଶୋକ ପାପ
ଧର୍ମାଶୋକ ବାଣୀ ଜଗତେ କୁହଇ
ଏ ଶାନ୍ତି ଧଉଳି ସ୍ତୁପ ।

ମନ୍ଦିର ଭାସ୍କର୍ଯ୍ୟ ପ୍ରକୃତି ସୌନ୍ଦର୍ଯ୍ୟ
ଆସ୍ୱାଦନେ ଆସେ ଲୋକ
ନୃତ୍ୟ,ଗୀତ ମେଳା ଦେଖି ପ୍ରାଣଭରେ
ଶତ ଶତ ପର୍ଯ୍ୟଟକ ।

ଚିଲିକା , ଅଂଶୁପା ହ୍ରଦ ନାମେ ଦୁଇ
ଓଡିଶା ବୁକୁରେ ଦିଶେ
ଏକ ଲୁଣା ଏକ ମଧୁର ଲାଗଇ
ଏ ବିଶ୍ୱବାସୀଙ୍କ ପ୍ରାଣେ ।

+ମାଧବପୁର, ଲକ୍ଷ୍ମଣନାଥ,
ଜଳେଶ୍ୱର, ବାଲେଶ୍ୱର
ଓଡିଶା-୭୫୬୦୩୨
ମୋ-୮୧୪୪୮୫୧୦୪୫





କ୍ଷୁଦ୍ର କିଶୋର ଗଳ୍ପ :

# ସେମିତି ଥିଲେ ଶାସ୍ତ୍ରିଜୀ



ବିନୟ କୁମାର ଦାସ

ବିଦ୍ୟାଳୟରେ ଶିକ୍ଷା ଲାଭ କରାଯାଏ । ବ୍ୟାୟାମଶାଳାରେ ସ୍ୱାସ୍ଥ୍ୟ ଗଠନ କରାଯାଏ । ପାଠାଗାରରେ ପୁସ୍ତକ ପଠନ କରାଯାଏ, ଦେବାଳୟରେ ପୂଜାପାଠ କରାଯାଏ । ଭୋଜନାଳୟରେ ଭୋଜନ ଓ ସ୍ନାନାଗାରରେ ସ୍ନାନ କରାଯାଏ । ମାତ୍ର ଜୀବନରେ ଯାହା ଦରକାରୀ ସୁଗୁଣ, ତାହା କେବଳ ପରିବାରରୁ ହିଁ ଶିକ୍ଷା ଲାଭ କରାଯାଇଥାଏ । ସେ ବିଶେଷ ଗୁଣଟି ହେଲା ସଂସ୍କାର ଶିକ୍ଷା । ଯଦି ଜଣେ ପିଲା ନିଜ ପରିବାରରୁ ଏହି ମହାନ୍ ଗୁଣଟିକୁ ଶିକ୍ଷା କରି ନପାରିଲା, ତେବେ ସାରା ଜୀବନ ସେ ଏହି ଗୁଣକୁ ଅନ୍ୟ କେଉଁଠାରୁ ଶିକ୍ଷା କରି ପାରିବ ନାହିଁ ।

୧୯୪୯ ମସିହାର କଥା । ସେତେବେଳେ ଲାଲବାହାଦୁର ଶାସ୍ତ୍ରୀ ଉତରଉ ପ୍ରଦେଶରେ ଗୃହମନ୍ତ୍ରୀ ଥାଆନ୍ତି । ମନ୍ତ୍ରୀ ପଦରେ ରହିଥିଲେ ମଧ୍ୟ ସେ କେବେ ବି ରାଜକୀୟ ଜୀବନ ଯାପନ କରୁ ନଥିଲେ । ତାଙ୍କର ଜୀବନ ଯାପନର ପ୍ରଣାଳୀ ଥିଲା ଅତି ସାଧାରଣ । ବିଳାସ ବ୍ୟସନ ଠାରୁ ଦୂରରେ ରହିବାକୁ ସେ ସବୁବେଳେ ପସନ୍ଦ କରୁଥିଲେ। ମନ୍ତ୍ରୀପଦରୁ କିଛି ବ୍ୟକ୍ତିଗତ ଫାଇଦା ଉଠାଇବା ତାଙ୍କର ନୀତି ବିରୁଦ୍ଧ ଥିଲା । ଥରେ ନିର୍ମାଣ ବିଭାଗର କିଛି କର୍ମଚାରୀ ତାଙ୍କ ଘରକୁ ଆସିଲେ । ସେତେବେଳେ ଶାସ୍ତ୍ରୀଜୀ ଘରେ ନଥାନ୍ତି । ତାଙ୍କ ପତ୍ନୀଙ୍କୁ ସେମାନେ କହିଲେ, "ଆମେ ଆପଣଙ୍କ ବାସଭବନରେ ଏ.ସି. ମେସିନ୍ ଲଗାଇବା ପାଇଁ ଆସିଛୁ । ଆମକୁ ଅନୁମତି ଦେଲେ ଆମେ କାମ ଆରମ୍ଭ କରିବୁ ।"

ଶାସ୍ତ୍ରୀଜୀଙ୍କ ପତ୍ନୀ ତତ୍‌କ୍ଷଣାତ୍ ରାଜି ହୋଇଗଲେ । ତେଣୁ କର୍ମଚାରୀମାନେ ପ୍ରାଥମିକ କାର୍ଯ୍ୟ ଆରମ୍ଭ କରିଦେଲେ ।

ସନ୍ଧ୍ୟା ହେଲା । ଶାସ୍ତ୍ରୀଜୀ ଘରକୁ ଫେରି ସବୁ ଶୁଣିଲେ । ବିଳମ୍ବ ନକରି ସେ ବିଭାଗୀୟ ଅଧିକାରୀଙ୍କୁ ଟେଲିଫୋନ୍ କରି ଏ କାମ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଲେ । ପତ୍ନୀଙ୍କ ମନ ଦୁଃଖ ହେଲା । ସେ କହିଲେ "ଆମେ ତ ଏ.ସି. ଲଗାଇବା ପାଇଁ ସରକାରଙ୍କୁ ଅନୁରୋଧ କରି ନଥିଲୁ । ଯଦି ନ ମାଗି ବି କିଛି ସୁବିଧା ମିଳିଗଲା, ସେତକ ହାତଛଡ଼ା କରି ଦେବାଟା ଉଚିତ୍ ହେଲା କି ?"

ଶାସ୍ତ୍ରୀଜୀ ଶାନ୍ତ ସ୍ୱରରେ ଓ ବୁଝେଇବା ଢଙ୍ଗରେ କହିଲେ, "ଦେଖ, ଆମେ ଆଜି ଯେପରି ଚଳୁଛୁ, ସବୁବେଳେ ସେହିପରି ଭାବରେ ଚଳିବା ପାଇଁ ଚେଷ୍ଟା କରିବା । ମୁଁ କଣ ସବୁଦିନ ପାଇଁ ମନ୍ତ୍ରୀ ହୋଇ ରହିଥିବି ? ମନ୍ତ୍ରୀ ପଦ ଚାଲିଗଲେ ଆମକୁ ଏ.ସି.ଠାରୁ ଦୂରେଇ ଯିବାକୁ ହେବ । ସେତେବେଳକୁ ଅଭ୍ୟାସରେ ପଡ଼ିଯାଇଥିବା ଏ.ସି.କୁ ସହଜରେ ଛାଡ଼ି ହେବ ତ ? କିଛି ଦିନ ପରେ ଝିଅମାନେ ବିଭା ହେବେ । ମନେକର ବାହାଘର ପରେ ସେମାନେ ଏହିପରି ସୁବିଧା ପାଇ ପାରିବେ ନାହିଁ । ସେତେବେଳେ ସେମାନେ କଷ୍ଟ ପାଇବେ ନାହିଁ ? ସେମାନେ କେଉଁଠାରେ କି ଅବସ୍ଥାରେ ରହିବେ, ଏବେ ଠାରୁ ତ କହି ହେବ ନାହିଁ । ଆମେ ଜାଣି ଶୁଣି ସେମାନଙ୍କର ଏମିତି ଏକ କୁ-ଅଭ୍ୟାସ ବଢ଼ାଇବା କାହିଁକି ?"

ପତ୍ନୀ ସବୁକଥା ବୁଝିଗଲେ ଓ ଶାସ୍ତ୍ରୀଜୀଙ୍କୁ ସମର୍ଥନ କଲେ । ଏହି ସମସ୍ତ ସଂସ୍କାର ଶାସ୍ତ୍ରୀଜୀ ନିଜ ପରିବାରରୁ ହିଁ ଶିକ୍ଷାଲାଭ କରିଥିଲେ । ସେଥିପାଇଁ ତ ସେ ଭାରତର ପ୍ରଧାନମନ୍ତ୍ରୀ ହୋଇ ପାରିଲେ ଓ ଆଜି ସମସ୍ତଙ୍କର ପ୍ରିୟ ଆଦର୍ଶ ମଣିଷ ଭାବରେ ସ୍ମରଣୀୟ ହୋଇ ରହି ପାରିଛନ୍ତି ।

+ଅନାମିକା ନୀଡ଼,
ଅଂଗାର ଗଡିଆ, ବାଲେଶ୍ୱର-୧

# ଶିଶୁଙ୍କ ବିକାଶର ଆଧାରଭୂମି



ସୁଧାଂଶୁ ଶେଖର ଦ୍ୱିବେଦୀ





ପିଲାଏ ନିଜ ପରିବାର, ପାଖ ପଡୋଶୀ, ନିଜ ବିଦ୍ୟାଳୟ ଓ ପରିବେଶରୁ ବହୁତ କିଛି ଶିଖିଥାଆନ୍ତି। ବାତାବରଣର ବିଚାର, ଆଦର୍ଶ, ଲକ୍ଷ୍ୟ ଏବଂ ଶବ୍ଦ ଶିଶୁଙ୍କ ମନ ମଧ୍ୟରେ ରୂପ ନେଇଥାଏ। ଛୋଟ ଛୋଟ ପିଲାମାନେ ବଡ଼ମାନଙ୍କୁ ଅନୁକରଣ କରନ୍ତି। ଘରେ ମା'ବାପା, ଭାଇ ଭଉଣୀ ଏବଂ ବିଦ୍ୟାଳୟରେ ଶିକ୍ଷକ, ଶିକ୍ଷୟତ୍ରୀଙ୍କୁ ମଧ୍ୟ ଅନୁକରଣ କରିଥାଆନ୍ତି। ଯେଉଁ ଘରେ ଗୀତା, ରାମାୟଣ, ଭାଗବତ ପଢ଼ାଯାଏ ସେହି ପରିବାରର ପିଲାମାନେ ସଂସ୍କାରିତ ଭାବେ ବ୍ୟବହାର କରିଥାଆନ୍ତି। ଦୃଷ୍ଟାନ୍ତ ଗୁଡିକ ଶୁଣି ଶୁଣି ସେମାନଙ୍କର ଅଭ୍ୟାସରେ ପରିଣତ ହୋଇଯାଏ। ଗୀତାର ଶ୍ଳୋକ କିଭଳି ଭାବେ ବୋଲାହେବ ଏବଂ ତାର ଅର୍ଥ କଣ ତାହା ସେମାନେ ଅକ୍ଳେଶରେ ଜାଣିଯାଆନ୍ତି।

ବାଲ୍ୟାବସ୍ଥାରେ ଜିଜ୍ଞାସାର ପ୍ରବୃତ୍ତି ଅଧିକ ଥାଏ। ପିଲାମାନଙ୍କୁ ଏହି ସମୟରେ ଶିଶୁ ସାହିତ୍ୟର ଅଧିକ ଆବଶ୍ୟକତା ପଡିଥାଏ। ଶିଶୁ ସାହିତ୍ୟ ସେହିଭଳି ଶିକ୍ଷାପ୍ରଦ ହୋଇଥିବା ଆବଶ୍ୟକ ଯେମିତି ଶିଶୁର ଜୀବନ ନିର୍ମାଣରେ ସହାୟକ ହୋଇପାରିବ। ମହାପୁରୁଷଙ୍କ ଜୀବନୀ, ମହାନ ବୈଜ୍ଞାନିକମାନଙ୍କର କାହାଣୀ, ଭଲ ଭଲ ଶିଶୁ କବିତାର ପୁସ୍ତକ ପ୍ରଭୃତି ପିଲାମାନଙ୍କ ପାଇଁ ଉପଯୁକ୍ତ ହୋଇଥାଏ।

ତା'ଛଡା ଘରେ ଅଭିଭାବକମାନେ ପୁସ୍ତକ ପଢିବା ଦ୍ୱାରା ପିଲାମାନେ ଅନୁକରଣ କରି ସ୍ୱାଧ୍ୟାୟ କରିବା ଶିଖି ଥାଆନ୍ତି। ପିଲାଙ୍କୁ ସୁସଂସ୍କାରିତ କରି ସାମାଜିକ ପ୍ରାଣୀଭାବେ ଗଢିବା ପାଇଁ ସେତିକି ପରମ୍ପରା, ନିୟମ ଓ ବିକାଶ ସମ୍ପର୍କିତ କାହାଣୀ କହିବାକୁ ପଡିଥାଏ। ସେସବୁ ଆମର ସଂସ୍କୃତିର ଅଙ୍ଗ ହୋଇଥାଏ। ପିଲାଏ ପ୍ରାୟତଃ ଆନନ୍ଦ ପାଇବା ଲାଗି ସବୁବେଳେ ଉତ୍ସାହିତ ହୋଇଥାଆନ୍ତି। ସେମାନଙ୍କ ରୁଚିକୁ ଚିହ୍ନି ସେମାନଙ୍କ ଭାଷାରେ ଲେଖାହୋଇଥିବା ମନୋରଂଜକ ସାହିତ୍ୟକୁ ପିଲାଏ ଆପଣାର କରିଥାଆନ୍ତି।

ବାସ୍ତବରେ ଆଜି ଶିଶୁ ସାହିତ୍ୟର ବହୁତ ଆବଶ୍ୟକତା ଅଛି। ପୂର୍ବରୁ ଜେଜେଜେଜି, ଆଜାଆଈ କେତେ କେତେ ରାଜା ରାଣୀ, ରାଜକୁମାର କଟୁଆଳ ପୁଅ, ଟୁଆଁ ଟୁଇଁ ଗପ, କଳୁରୀ ବେଣ୍ଟ, ସାହାଡ଼ା ସୁନ୍ଦରୀ, ଖୋଲଣା ସୁନ୍ଦରୀ ଆଦି ଲୋକକଥା ଶୁଣାଉଥିଲେ। ଲୋକକଥାର ଉଦ୍ଭବ ଶିଶୁ ଜୀବନରୁ ହିଁ ହୋଇଥାଏ। ଲୋକକଥାର ଅର୍ଥ ଲୋକଙ୍କ ଦ୍ୱାରା କୁହା ହୋଇଥିବା ଶବ୍ଦ ସାହିତ୍ୟରେ ରେଖାଙ୍କିତ କରି କାହାଣୀ ରୂପେ ବ୍ୟକ୍ତ କରିବା। କିନ୍ତୁ ଏବେ ଦେଖିବାକୁ ମିଳୁଛି ପତ୍ର ପତ୍ରିକା ମାଧ୍ୟମରେ ସେଭଳି ଉଚ୍ଚମାନର ଶିଶୁ ସାହିତ୍ୟ ପ୍ରକାଶିତ ହେଉ ନାହିଁ। ଏହା ମଧ୍ୟ କେବଳ ପିଲାମାନଙ୍କ ନିମନ୍ତେ ଚିନ୍ତାଜନକ ବିଷୟବସ୍ତୁ ନୁହେଁ ଅପିତୁ ଅଭିଭାବକ ମାନେ ମଧ୍ୟ ସଚେତନ ହେବା ଜରୁରୀ ହୋଇପଡିଛି।

ଆଜିର ଅତ୍ୟାଧୁନିକ ଯୁଗରେ ପିଲାମାନେ ଟି.ଭି, କମ୍ପ୍ୟୁଟର, ମୋବାଇଲ ଭିଡିଓ ଇତ୍ୟାଦିରେ ବେଶ ଅଧିକ ସମୟ ଖେଳ ଖେଳୁଛନ୍ତି। ହେଲେ ଆଜିର ଶିଶୁ ଆସନ୍ତା କାଲି ପାଇଁ ମୂଳଦୁଆ। କ୍ରମଶଃ ସେମାନଙ୍କ ଭବିଷ୍ୟତ ଜୀବନ ଅନ୍ଧକାର ଦିଗକୁ ଗତି କରିବା ପରିଲକ୍ଷିତ ହେଉଛି। ଶିଶୁ ସାହିତ୍ୟ ବିକାଶର ଆଧାରଭୂମି ପ୍ରସ୍ତୁତ କରିଥାଏ। ପିଲାମାନଙ୍କ ଅନେକ ଜିଜ୍ଞାସାକୁ ସହଜରେ ସମାଧାନ କରିଥାଏ। ସାହିତ୍ୟ ବିନା ସମାଜର କଳ୍ପନା ବୃଥା ବୋଲି ପ୍ରତୀତ ହୁଏ। ତେଣୁ ବିଶ୍ୱଦରବାରରେ ପ୍ରତିଟି ଭାଷାର ସାହିତ୍ୟ ବିଶେଷ ଭାବେ ଶିଶୁ ସାହିତ୍ୟ ପ୍ରକାଶ ହେବା ନିହାତି ବାଞ୍ଛନୀୟ।

ଆଜି ଲେପଟପ, କମ୍ପ୍ୟୁଟର, ଟେବଲେଟରେ ପିଲାମାନେ ଏଭଳି ଭାବେ ମାଜି ରହୁଛନ୍ତି ଯେ ଅସମୟରେ ସେମାନଙ୍କୁ ଶାରୀରିକ ଓ ମାନସିକ ରୋଗ ଆକ୍ରାନ୍ତ କରୁଛି। ନା ଠିକ୍ ସମୟରେ ଶୋଉଛନ୍ତି ନା ଠିକ୍ ସମୟରେ ଉଠୁଛନ୍ତି? ନା ଯୋଗ ପ୍ରାଣାୟମ କରୁଛନ୍ତି ନା ଅନ୍ୟ କିଛି ଶାରୀରିକ ଖେଳ ଖେଳୁଛନ୍ତି? ଆଜିର ପିଲାମାନଙ୍କଠାରେ ସଂପୂର୍ଣ୍ଣ ପରିବର୍ତ୍ତନ ହୋଇଯାଇଛି।

ଶିଶୁ ସାହିତ୍ୟର ଅନେକ ସ୍ତର ଅଛି। ଯେପରିକି ଶିଶୁ ଉପନ୍ୟାସ, ଜୀବନୀ, ମୌଳିକ ଗଳ୍ପ, ଜ୍ଞାନବିଜ୍ଞାନ କଥା ଓ ଶିଶୁ କବିତା ଆଦି। ସେଥିପାଇଁ ଆମ ରାଇଜରେ ଅନେକ ଶିଶୁ ପତ୍ରିକା ପ୍ରକାଶ ପାଏ। ସେଗୁଡିକ ମଧ୍ୟରେ ସଂସାର, ନନ୍ଦନ କାନନ, ମୀନାବଜାର, ବାଇଚଢେଇ, ଟିକି ଟିକି ସୁନାଫୁଲ, ଝୁମୁକା, ଟିକି ପିଲାଟି, ସୁବର୍ଣ୍ଣଦୀପ, କାଇମାଳି, ଶିଶୁ ପ୍ରତିଭା, କୁନିକଥା, ଶିଶୁ ସାରଥୀ, ଫୁଲ ଚାଙ୍ଗୁଡ଼ି, ମୋ ଆଶା, ଶିଶୁ ରାଇଜ, ଟିକି ଦୁନିଆ, ଶିଶୁ ବଜାର, ବେଙ୍ଗୁଲୀ ନାନୀ, କଇଁଫୁଲ, ନବ ଆକାଶର ଚନ୍ଦ୍ରମା, ନବକାକଳି, ବନ କୁସୁମ, ଆମ ସୁନାଚାନ୍ଦ, ତେଲିଙ୍ଗିବାଜା, ଉନ୍ମେଷ, ଇନ୍ଦ୍ରଧନୁ, ଅକ୍ଷର, ସଂଯୋଗୀ ସଜଫୁଲ, ନାନାବାୟା, ପରଶମଣି ଇତ୍ୟାଦି। ପ୍ରତ୍ୟକଟି ଶିଶୁ ପତ୍ରିକା ପ୍ରତ୍ୟକଟି ପିଲାଙ୍କ ନିମନ୍ତେ ଉପଯୋଗୀ। ଶିଶୁ ସାହିତ୍ୟର ଉଦ୍ଦେଶ୍ୟ କେବଳ ପତ୍ରିକା ପାଠ କରିଦେଲେ ସବୁକିଛି ହୋଇନଥାଏ। ସେଥିପାଇଁ ଜୀବନରେ ସତ୍ୟତା ଓ ଚରିତ୍ର ନିର୍ମାଣ ପ୍ରତି ପିଲାମାନଙ୍କୁ ପରିଚିତ କରାଇବାକୁ ପଡିଥାଏ।

ଆମ ଦେଶର ପିଲାମାମାଙ୍କ ବୌଦ୍ଧିକ, ଆଧାତ୍ମିକ, ମାନସିକ ଓ ଗୁଣାତ୍ମକ ବିକାଶ ପାଇଁ ଚିଲଡ୍ରେନ ବୁକ ଟ୍ରଷ୍ଟର ସ୍ଥାପନା ୧୯୫୭ ମସିହାରେ କଲିକତାରେ ସ୍ଥାପନା କରାହୋଇଛି। ଏହି ଟ୍ରଷ୍ଟର ମୂଖ୍ୟ ଉଦ୍ଦେଶ୍ୟ ପିଲାମାନଙ୍କୁ ଉଚିତ ଡ଼ିଜାଇନିଂ ଓ ତାର ସାମଗ୍ରୀ ଉପଲବ୍ଧ କରାଇବା ସହିତ ୫ ବର୍ଷଠାରୁ ୧୬ ବର୍ଷଯାଏ ପିଲାମାନଙ୍କୁ ଶିଶୁ ସାହିତ୍ୟର ସାମଗ୍ରୀ ଓ ପୁସ୍ତକ ଉପଲବ୍ଧ କରାହୋଇଥାଏ। ଆମ ଓଡ଼ିଶାରେ ମଧ୍ୟ ବିପୁଳ ମାତ୍ରାରେ ଶିଶୁ ସାହିତ୍ୟ ରଚନା ହୋଇଛି ଏବଂ ଏଯାବତ ହୋଇଚାଲିଛି। କେତେକ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ବର୍ଦ୍ଧିତ ଓ ଅନ୍ୟ କେତେକ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି।

ଆମେ ପିଲାମାନଙ୍କୁ ରାମ, କୃଷ୍ଣ, ଗାନ୍ଧୀ, ଗୌତମଙ୍କର ଜୀବନୀ ପଢ଼ାଇବାପାଇଁ ପ୍ରସ୍ତୁତ ହୋଇଯାଉଛୁ ମାତ୍ର ସେମାନଙ୍କଠାରେ ଉଚିତ ସଂସ୍କାରକୁ ରୋପଣ କରିପାରୁନାହୁଁ। ଆଜିର ପିଲା ରୋବର୍ଟ ହୋଇପାରନ୍ତି ସତ କିନ୍ତୁ ପ୍ରତିବଦଳରେ ଆମ ଦେଶର ସଂସ୍କାର, ସଂସ୍କୃତି ଲୋପ ହୋଇଯିବ ଏହା ନିଶ୍ଚିତ। ଶିଶୁ ସାହିତ୍ୟ ପ୍ରତି ସମସ୍ତଙ୍କର ସକାରାତ୍ମକ ଚିନ୍ତାଧାରା ରହିବା ଆବଶ୍ୟକ। ସମ୍ଭବତଃ ସମସ୍ତଙ୍କ ପ୍ରୟାସ ଫଳରେ ପିଲାଏ ଶିଶୁ ସାହିତ୍ୟକୁ ଆପଣାର କରି ସୁସଂସ୍କାରିତ ହୋଇପାରିବେ ବୋଲି ଆଶା କରାଯାଏ।

+ବିସି-୭୪,ସଲଟ ଲେକ,କଲକତା-୬୪
ମୋ ୬୨୯୧୩୪୨୨୫୯



କାର୍ତ୍ତିକ ସାଇଁ

ବିଜ୍ଞାନ ଟୁଙ୍ଗି - ୩୯

# ମହାକାଶରେ ତ୍ରିଶଙ୍କୁର ସ୍ୱର୍ଗ -(ଖ)



ପ୍ରଫେସର ଚନ୍ଦ୍ରଶେଖର ତ୍ରିଶଙ୍କୁଙ୍କ ସ୍ୱର୍ଗ କଥା କହୁଥିଲେ।

ତ୍ରିଶଙ୍କୁ ଜଙ୍ଗଲରେ ଚଣ୍ଡାଳ ହୋଇ ବୁଲୁଥିଲା ବେଳେ ତାଙ୍କର ଦେଖା ହୋଇଥିଲା ଋଷି ବିଶ୍ୱାମିତ୍ରଙ୍କ ସହିତ। ବିଶ୍ୱାମିତ୍ର ସୂର୍ଯ୍ୟବଂଶ ରାଜା ତ୍ରିଶଙ୍କୁଙ୍କ କଥା ଶୁଣି ଦୁଃଖ ପ୍ରକାଶ କରିଥିଲେ। ସେ ଥିଲେ ବ୍ରହ୍ମର୍ଷି। ବଶିଷ୍ଠଙ୍କ ପ୍ରତିଦ୍ୱନ୍ଦ୍ୱୀ। ତେଣୁ ତ୍ରିଶଙ୍କୁକୁ ସ୍ୱଦେହରେ ସ୍ୱର୍ଗକୁ ପଠାଇବାକୁ ଯଜ୍ଞ ଆରମ୍ଭ କରିଥିଲେ ଓ ଫଳସ୍ୱରୂପ ତ୍ରିଶଙ୍କୁ ସ୍ୱର୍ଗକୁ ଯାତ୍ରା ଆରମ୍ଭ କରିଦେଲେ। ଏହା ଦେବତା ଓ ତାଙ୍କ ରାଜା ଇନ୍ଦ୍ରଙ୍କର ପସନ୍ଦ ହେଲାନି। ସେମାନେ ତାଙ୍କ ଶାକ୍ତିର ପ୍ରୟୋଗ କରି ତ୍ରିଶଙ୍କୁଙ୍କୁ ନିମ୍ନଗାମୀ କଲେ।

ଶେଷକୁ ବିଶ୍ୱାମିତ୍ର ଓ ଇନ୍ଦ୍ରଙ୍କ ମଧ୍ୟରେ ବୁଝାମଣା ହେଲା। ତ୍ରିଶଙ୍କୁଙ୍କ ଲାଗି ବିଶ୍ୱମିତ୍ର ସର୍ଜନା କରେ ପୃଥିବୀ ଓ ସ୍ୱର୍ଗ ମଧ୍ୟରେ ଆଉ ଏକ ସ୍ୱର୍ଗ ଯାହା ତ୍ରିଶଙ୍କର ସ୍ୱର୍ଗ ବୋଲି କୁହାଯାଏ।

କାହାଣୀ ଥିଲା ଏହିପରି। ମଣିଷମାନେ ବି ମହାକାଶରେ ସେହିପରି ପରୀକ୍ଷାଶାଳା ଓ ବାସସ୍ଥାନର ପରିକଳ୍ପନା କରିଥିଲେ। ସୋଭିଏତ୍ ରୁଷିଆର କୃତ୍ରିମ ଉପଗ୍ରହ ସ୍ଫୁଟନିକ୍ ମହାକାଶ ଯୁଗର ପ୍ରାରମ୍ଭ କଲା। ତା' ପରେ ପରେ ଆମେରିକା ଓ ସୋଭିଏତ୍ ଭିତରେ ଚାଲିଥିବା ପ୍ରତିଯୋଗିତା ମହାକାଶ ଗବେଷଣା। ମହାକାଶ ଯାତ୍ରା ଦିଗରେ ଆଣିଲା ଅନେକ ଐତିହାସିକ ସଫଳତା। ସୋଭିଏତ୍ ଋଷିଆ ଓ ଆମେରିକା ଭିତରେ ପ୍ରତିଯୋଗିତା ଚାଲିଥାଏ। ଚନ୍ଦ୍ର ପୃଷ୍ଠରେ କିଏ ଆଗ ପହଂଚିବ। ଏ ଦୌଡ଼ରେ ଆମେରିକା ଜିତିଗଲା। ଆପୋଲୋ-୧୧ ତିନିଜଣ ମହାକାଶ ଯାତ୍ରୀଙ୍କୁ ନେଇ ଚନ୍ଦ୍ର କକ୍ଷକୁ ଗଲା ଓ ନିଲ୍ ଆର୍ମଷ୍ଟ୍ରଙ୍ଗ ଓ ବଜ୍ ଆଲଡ୍ରିନ ଚନ୍ଦ୍ର ପୃଷ୍ଠରେ ପାଦ ରଖିଥିଲେ। ଏ ସଫଳତା ସାରା ମଣିଷଜାତି ଲାଗି ସେମାନେ ଘୋଷଣା କଲେ।

ଏ ପ୍ରତିଯୋଗିତାରେ ହାରି ଯାଇଥିଲା ସୋଭିଏତ୍ ଋଷିଆ। ତେଣୁ ଚନ୍ଦ୍ରପୃଷ୍ଠକୁ ମଣିଷ ପଠାଇବା ଯୋଜନାକୁ ବାତିଲ କରାଗଲା।

ଆମେରିକା ସହିତ ପ୍ରତିଯୋଗିତାରେ ଥିବା ସୋଭିଏତ୍ ରୁଷିଆ ଚେଷ୍ଟା କରୁଥିଲା ଅନ୍ୟ ଏକ କ୍ଷେତ୍ରରେ ଆମେରିକାଠାରୁ ଆଗରେ ରହିବାକୁ। ସେହି ସମୟରେ ସ୍ପେସ୍ ଷ୍ଟେସନ ବା ମହାକାଶ ଷ୍ଟେସନର ପରିକଳ୍ପନା ଋଷିଆ ବୈଜ୍ଞାନିକ, ଇଂଜିନିୟର ଓ ରାଜନେତାଙ୍କ ମନକୁ ଆସିଲା।

ଆମେ ରେଳଷ୍ଟେସନ, ବସ୍ ଷ୍ଟେସନ, ରେଡିଓ ଷ୍ଟେସନ କଥା ଶୁଣିଛେ। ଏହି ମହାକାଶ ଷ୍ଟେସନ ପୁଣି କ'ଣ? ବାସ୍-ଠିକ୍ ରେଳ ଷ୍ଟେସନ ବା ବସ୍ ଷ୍ଟେସନ ପରି ଏହି ମହାକାଶ ଷ୍ଟେସନ। ଏହା ଏକ ସୁବିଧା ଯେଉଁଠାକୁ ଲୋକମାନେ, ମହାକାଶ ଯାନ-ମାନେ ପୃଥିବୀରୁ ଆସିପାରିବେ ଓ ସେଠାରେ କିଛି କାମ ଲାଗି ରହିବେ ଓ ପୁଣି ପୃଥିବୀକୁ ଫେରି ଆସିବେ। ରେଳ ଷ୍ଟେସନରେ ବିଭିନ୍ନ ସୁବିଧା ଅଛି। ଠିକ୍ ସେହିପରି ମହାକାଶ ଷ୍ଟେସନରେ ଅନେକ ସୁବିଧା ଥାଏ। ମହାକାଶ ଯାତ୍ରୀମାନେ ସେଠାରେ ରହିପାରିବେ ଓ ବୈଜ୍ଞାନିକ ଗବେଷଣା କରିପାରିବେ।

ବିଶ୍ୱାମିତ୍ର ରାଜା ତ୍ରିଶଙ୍କୁଙ୍କ ଲାଗି ଏକ ସ୍ୱର୍ଗର ନିର୍ମାଣ କରିଥିଲେ। ବର୍ତ୍ତମାନ ପୃଥିବୀର ବୈଜ୍ଞାନିକ ଓ ଇଂଜିନିୟରମାନେ ମହକାଶରେ ମହାକାଶ ଷ୍ଟେସନ ରଖୁଛନ୍ତି। ସ୍ପେସ୍ ଷ୍ଟେସନ ବା ମହାକାଶ ଷ୍ଟେସନ ଗୋଟେ ବଡ଼ କୃତ୍ରିମ ଉପଗ୍ରହ ଯାହା ପୃଥିବୀଠାରୁ ଦୂର ମହାକାଶରେ ଥାଏ। କୃତ୍ରିମ ଉପଗ୍ରହଙ୍କ ପରି ଏହା ମଧ୍ୟ ଅନେକ କାମ କରେ। ଅନ୍ୟ କୃତ୍ରିମ ଉପଗ୍ରହରେ ମହାକାଶଯାତ୍ରୀ ନଥାନ୍ତି। ଅନ୍ୟ କୃତ୍ରିମ ଉପଗ୍ରହରେ ମହାକାଶ ଯାତ୍ରୀ ନଥାନ୍ତି। ମାତ୍ର ଏହି ଉପଗ୍ରହରେ ମହାକାଶ ଯାତ୍ରୀଙ୍କ ରହିବା ଲାଗି ସବୁପ୍ରକାର ସୁବିଧା ଥାଏ। ଋଷିଆ, ଆମେରିକା ଓ ଚୀନ୍ ମହାକାଶରେ ନିଜ ନିଜର ସ୍ପେସ୍ ଷ୍ଟେସନ ନିର୍ମାଣ କରିଛନ୍ତି ଓ ସଫଳତା ସହିତ କାର୍ଯ୍ୟକାରୀ କରିଛନ୍ତି।

ମହାକାଶ ଷ୍ଟେସନ ତିଆରି କାମରେ ଋଷିଆ ବହୁତ ଉନ୍ନତି କରିଥିଲା। ଚନ୍ଦ୍ରପୃଷ୍ଠକୁ ମଣିଷ ପଠାଇବା କାର୍ଯ୍ୟକ୍ରମ ବାତିଲ ହେଲାପରେ ସେ ଦେଶର ବୈଜ୍ଞାନିକ ଓ ଇଂଜିନିୟରମାନେ ମହାକାଶ ଷ୍ଟେସନ ନିର୍ମାଣ କାମରେ ଦିନ ରାତି ଲାଗି ପଡ଼ିଲେ ଓ ସଫଳତା ପାଇଲେ। ଆଜି ଏଇଠି ରଖିବା ପୁଣି ଆଉ ଥରକୁ ପ୍ରଫେସର ଚନ୍ଦ୍ରଶେଖର ତାଙ୍କର ବକ୍ତବ୍ୟ ସମାପ୍ତ କଲେ।

(କ୍ରମଶଃ)

+(ମୋ): ୯୯୮୦୩୦୦୭୫୧

କବିତା
ତୁମ ପାଇଁ



## ମୋ ପିଲାଦିନ.....

ଅମୂଲ୍ୟ କୁମାର ପଣ୍ଡା

ପିଲା ଦିନ କଥା ମନେ ପଡ଼ିଗଲେ
ଆଖିରେ ଆସଇ ଲୁହ
ଗୋଟିଗୋଟି ମୋର ସବୁ ମନେ ପଡେ
କେମିତି ଭୁଲିବି କୁହ ।

ସେଇ ଗାଆଁ ତୋଟା କାଗଜର ଡଙ୍ଗା
ସେଇ କାଚ ଗୁଲି ଖେଳ
ମନେ ପଡିଯାଏ ନଟୁ ଢେଗୁ ମଜା
ସାଙ୍ଗ ସାଥୀଙ୍କର ମେଳ ।

କାହିଁ ଚାଲି ଗଲା ମୁରବୀ ଆକଟ
ମିଛି ମିଛି ବାହା ଘର
ଭାରି ମନେ ପଡେ କୋଉଡି ଖେଳକୁ
ଗୁରୁଜୀଙ୍କ ବେତ ଡର ।

ଭାରି ମନେ ପଡ଼େ ମାମୁଁ ଘର ଗାଆଁ
ଛୁଟି କଟା ଖରା ଦିନ
ବଡ ହୋଇଗଲି ପାଶୋରି ପାରୁନି
ଅଭୁଲା ଅମୂଲ୍ୟ ଚିହ୍ନ ।

ଆଉ କି ଫେରିବ ସେ ସମୟ ସବୁ
ଭାବି ହୃଦେ କୋହ ଉଠେ
ଫେରି ଯିବା ପାଇଁ ସେ ପିଲା ଦିନକୁ
ଅବୁଝା ଏ ମନ ଛୁଟେ ।

+ଅରଙ୍ଗାବାଦ, ବରୀ, ଯାଜପୁର
(ମୋ) ୯୯୩୮୯୦୬୦୭୦

## କୁଆଡେ ଗଲୁ ତୁ କୋଉଠି ରହିଲୁ ?

ଦେବେନ୍ଦ୍ର ଚୌଧୁରୀ

ବାଇଚଢେଇ ରେ ବାଇଚଢ଼େଇ
ଉଚ୍ଚ ତାଳ ଗଛେ ତୋଳିଚୁ ଘର,
ସେଇ ଘରେ ଦୋଳି ଖେଳୁଥାଉ ତୁହି
ଖରା ବରଷାକୁ ନ ଥାଏ ଡର ।

ଟିକିଟିକି ଡେଣା ଯୋଡ଼ିକ ବାଡେଇ
ଫୁର୍ କିନା ଉଡି ଯାଉ ତୁ ଦୂରେ,
ଆହାର ଖୋଜୁ ତୁ ବିଲ, ବନ ବୁଲି
ଗୀତ ଗାଉ କେଡ଼େ ମଧୁର ସୁରେ !

ସଞ୍ଜ ଆଗୁ ଯେବେ ପଶ୍ଚିମ ଆକାଶେ
ସୁରୁଜ ଦେବତା ଯାଆନ୍ତି ବୁଡ଼ି,
ଏକମୁହାଁ ହୋଇ ବସାକୁ ଫେରୁ ତୁ
ଟିକେ ହେଲେ ବାଟ ନ ଯାଉ ହୁଡ଼ି ।

ମଥା ଟେକି ଯେବେ ତୋ' ଆଡେ ଚାହେଁ ମୁଁ
ଛନକା ରେ ଛାତି ଯାଏ ମଠା ଥରି,
ହେଲେ ଖୁସିରେ ମୁଁ କୁରୁଳି ଉଠଇ
ଦେଖି ତୋର ଘର ତୋ' କାରିଗରୀ ।

ଆସୁ ଯେତେ ଝଡ଼ି ବରଷା ବତାସ
ମନେ ତୋ' ନ ଥାଏ ଡର କି ଦୁଃଖ,
ଅତି ଆନନ୍ଦରେ ସେଇଠି ରହୁ ତୁ
ସେଇ ଘରେ ତୋର ସରଗ ସୁଖ ।

କହିବୁ କି ଥରେ କିଏ ଶିଖାଇଲା
ଏତେ କଳା, କଉଶଳ ଯେ ତୋତେ,
କେଡ଼େ ସରସିଆ ବୁଦ୍ଧି, ବିଚାର ତୋ
ଭାବିଲେ ଚକିତ ଲାଗଇ ମୋତେ ।

ଶୁଣିଛି ମୁଁ କଥା ଛଳେ କିଏ କେବେ
ନଜିର ତୋହର ଦେବାକୁ ଯାଇ,
କହିଥାଏ,'ବାଇଆର କିସ ଯାଏ
ବାଆ ହେଲେ ବସା ଦୋହଲୁ ଥାଇ' ।

ବାଇଚଢେଇରେ ବାଇଚଢେଇ
ଆଖିରେ ପଡୁନୁ ତୁ ଆଗ ପରି,
କୁଆଡେ ଗଲୁ ତୁ କୋଉଠି ରହିଲୁ
ତୋଟା ତାଳ ବନ ହେଉଚି ଝୁରି....!!

## ଟିକି ଟିକି ତାରାଫୁଲ...

ପବିତ୍ର କୁମାର ସାହୁ

କୁନା କୁନି ମୁନି କଅଁଳ ଓଠରେ
ଭରିଦେଇ ମଧୁ ହସ।
ରାଗ ହିଂସା ଭୁଲି ସ୍ନେହ ପ୍ରେମ ଧରି
ମିତ ହେବା ବେଗେ ଆସ।

ଧରି ବହି ଖାତା କଲମ ବସ୍ତାନି
ଯିବା ଆମେ ପାଠପଢି।
ଯତନେ ପଢ଼ିଲେ ଗୁରୁଙ୍କୁ ମାନିଲେ
ନିଶ୍ଚେ ହେବା ସୁନା କଢି।

ପିତା ମାତାଙ୍କର ଆଜ୍ଞା ଉପଦେଶ
ନ ମଣିବା କେବେ ହେୟ।
ସେପରା ଆମର ଜୀବନ୍ତ ଠାକୁର
ତାଙ୍କ କଥା ଅଟେ ଶ୍ରେୟ।

ସକାଳ ପ୍ରଦୋଷେ ଗୁରୁଜନ ପାଦେ
ପ୍ରଣାମ କରିବା ନିତ୍ୟ।
ତାଙ୍କ ଆଶିଷରେ ଅଜ୍ଞାନ ବିନାଶ
ହୋଇ ଉଦେ ଜ୍ଞାନ ସତ୍ୟ।

ଛୋଟ ହୋଇ ପୁଣି ରାଉତ ଧରମା
ଦେଶପାଇଁ ପ୍ରାଣଦେଲେ।
ସେହିପରି ଆମେ ଦେଶପାଇଁ ଲଢି
ରଖିବା ନାଁ' ମହୀତଳେ।

ଟିକି ଟିକି ହାତେ ଛୋଟିଆ ମନରେ
କାଟିବା ଜ୍ଞାନ ଫସଲ।
ନିଶ୍ଚୟ ଫୁଟିବ ଜ୍ଞାନର ଅମ୍ବରେ
ଟିକି ଟିକି ତାରାଫୁଲ।

ଦୁଷ୍ଟକୁ ଦୂରେଇ ଶିଷ୍ଟକୁ ଆଦୋରି
କହିବା ସତ୍ୟ ବଚନ।
ବଡ଼ ହୋଇ ଆମେ ଭଲ କାମକରି
ରଖିବା ଦେଶର ମାନ ।

+ଶିକ୍ଷକ, ଅତାସାହି,
ଆନନ୍ଦପୁର, କେନ୍ଦୁଝର
ମୋ: ୯୭୭୭୫୬୦୯୨୧

# କରୋନା ଜନିତ ଦୁର୍ଦ୍ଦଶା ପାଇଁ ମୋଦି-ଶାହା ଦାୟୀ : କଂଗ୍ରେସ

ଭୁବନେଶ୍ୱର,୨୩/୪ (ନି.ପ୍ର): ଦେଶରେ ଓ ରାଜ୍ୟରେ କରୋନାଜନିତ ସ୍ଥିତି ଭୟଙ୍କର। ପୂର୍ବଥର ଅପେକ୍ଷା ସଂକ୍ରମଣ ଖୁବ୍ ଅଧିକ। ଦେଶରେ ଅମ୍ଳଜାନ ଅଭାବରୁ ଶତାଧିକ ରୋଗୀ ମରୁଛନ୍ତି। ଏପରି ସ୍ଥିତିରେ ସରକାର ଆତଙ୍କ ସୃଷ୍ଟି ନକରି ଚୁପ୍ ରହିବା ଉଚିତ୍ ବୋଲି ପୂର୍ବତନ ମନ୍ତ୍ରୀ ଶ୍ରୀ ପଂଚାନନ କାନୁନ୍‌ଗୋ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିବା ସହ ଦେଶର ଏହି ସ୍ଥିତି ପାଇଁ ପ୍ରଧାନମନ୍ତ୍ରୀ ମୋଦି, ଗୃହମନ୍ତ୍ରୀ ଶାହା ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନଙ୍କୁ ସେ ଦାୟୀ କରିଛନ୍ତି। ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ କୋଭିସିଲ୍ ଟିକାର ମୂଲ୍ୟ କେନ୍ଦ୍ର ସରକାରଙ୍କ ପାଇଁ ୧୫୦ ଟଙ୍କା ହୋଇଥିବା ବେଳେ ରାଜ୍ୟ ସରକାରଙ୍କ ପାଇଁ ୪୦୦ ଓ ପ୍ରାଇଭେଟ୍ ହସ୍ପିଟାଲ ପାଇଁ ୬୦୦ ଟଙ୍କା ଭଳି ତାରତମ୍ୟ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ଦେଶର ତିନିଜଣ ବିଶିଷ୍ଟ ଚିକିତ୍ସକ ଏମ୍ସ୍ ନିର୍ଦ୍ଦେଶକ ରଣଦୀପ ଗୁଲେରିଆ, ଡାକ୍ତର ଦେବୀ ସେଟ୍ଟୀ, ଡାକ୍ତର ନରେଶ ତ୍ରେହାନ୍ ଖୋଲାଖୋଲି ଭାବେ କହିଛନ୍ତି ଯେ ବ୍ୟବହୃତ ରେମ୍‌ଡେସିଭର୍ ଆଦୌ ରାମବାଣ ନୁହେଁ ବରଂ ମାସ୍କ ଓ ସାମାଜିକ ଦୂରତା ହିଁ ସଂକ୍ରମଣରୁ ରକ୍ଷାର ବଡ ବିକଳ୍ପ। ମୋଦି-ଶାହା ଏହା ଉପରେ ଗୁରୁତ୍ୱ ଦେଇ ଅନ୍ତତଃ ତାଙ୍କ ଦଳର ନେତାନେତ୍ରୀମାନଙ୍କୁ ମୁହଁରେ ମୁଖା ବାନ୍ଧିବାକୁ ନିର୍ଦ୍ଦେଶ ଦିଅନ୍ତୁ। ଏହା ବ୍ୟତୀତ ଭାରତୀୟ ଜନତା ପାର୍ଟିର ରାଜ୍ୟ ନେତାମାନଙ୍କୁ ୧୦ଟି ପ୍ରଶ୍ନ କରିଛି କଂଗ୍ରେସ। ଶ୍ରୀ କାନୁନଗୋ ପ୍ରଶ୍ନ କରିଛନ୍ତି ଯେ କରୋନାର କ୍ଷିପ୍ରତା ଓ 'କୁମ୍ଭମେଳା'ର ଗଙ୍ଗାସ୍ନାନ ପରେ ଓ ଖୋଲାମେଲା ନିର୍ବାଚନ ହେତୁ ହୋଇଥିବା ଅସତ୍ୟ କି? କୁମ୍ଭମେଳାକୁ ଅନୁମତି ଦେଇଥିବା ଉତରାଖଣ୍ଡ ସରକାର, ପ୍ରଧାନମନ୍ତ୍ରୀ ମୋଦି ଓ ଗୃହମନ୍ତ୍ରୀ ଶାହା ଦାୟୀ ନା ନାହିଁ? ତାଙ୍କ ବିରୁଦ୍ଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି? କୁମ୍ଭମେଳାରେ ସମବେତ ଅମାନିଆମାନଙ୍କ ବିରୁଦ୍ଧରେ କୋଭିଡ୍ – ୧୯ର ଆଇନ୍ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି କି? କେତେ ଜୋରିମାନା ଆଦାୟ ହୋଇଛି ଓ କେତେଜଣଙ୍କୁ ତତ୍‌କ୍ଷଣାତ୍ ଆଇସୋଲେସନ୍‌କୁ ପଠାଯାଇଛି ତା'ର ତଥ୍ୟ ରଖନ୍ତୁ ସରକାର। ବର୍ତମାନ ବିଭିନ୍ନ ରାଜ୍ୟର ଡାକ୍ତରଖାନା ମାନଙ୍କରେ ଅକ୍ସିଜେନ୍ ଅଭାବ ହେତୁ ଆକ୍ରାନ୍ତ ଅନେକ ସଂଖ୍ୟାରେ ମୃତ୍ୟୁବରଣ କରୁଥିବା କ'ଣ ଅସତ୍ୟ? ବିଦେଶକୁ ୯୨୯୪ ମେଟ୍ରିକ୍ ଟନ୍ ଅମ୍ଳଜାନ ରପ୍ତାନୀ କାହିଁକି କରାଗଲା? ରାଜ୍ୟର ଓ ଡାକ୍ତରଖାନାମାନଙ୍କରେ ଆବଶ୍ୟକତା ପୂରଣ କରିବା କେନ୍ଦ୍ର ସରକାରଙ୍କ ଦାୟିତ୍ୱ। ଏଥିରୁ ନିବୃତ ରହି ଭୋଟ ପ୍ରଚାରରେ ମାତିଥିବା ମୋଦି-ଶାହା ଏଥିପାଇଁ ଦାୟୀ ହେବେ ନା ନାହିଁ? ସେହିପରି ଆସନ୍ତା ୬ ମାସ ପାଇଁ ଦେଶରେ କେତେ ଟୀକାର ଆବଶ୍ୟକତା ଅଛି, କେଉଁ ରାଜ୍ୟର କେତେ ଦରକାର ଓ ଏଥିପାଇଁ କି କି ବ୍ୟବସ୍ଥା କରାଯାଇଛି? ବିଦେଶରୁ ୫୦ ହଜାର ମେଟ୍ରିକ୍ ଟନ୍ ଅମ୍ଳଜାନ ଆମଦାନୀର ପ୍ରତିଶ୍ରୁତି କୁଆଡେ ଗଲା? ପ୍ରବାସୀଙ୍କ ଘରବାହୁଡା ଜନିତ ସମସ୍ୟା ସମାଧାନ ପାଇଁ କେନ୍ଦ୍ର ସରକାରଙ୍କ କି ଯୋଜନା ଅଛି? ବେରୋଜଗାରୀ ଓ ବେକାରୀ ସମସ୍ୟା ପାଇଁ କେନ୍ଦ୍ର ସରକାର ଦାୟୀ ରହିବେ ନା ନାହିଁ? ଏବଂ ମୋଦୀ-ଶାହା ଓ ତାଙ୍କ ମନ୍ତ୍ରୀମାନେ ପଶ୍ଚିମବଙ୍ଗ, ଆସାମ ପ୍ରଭୃତି ୫ଟି ରାଜ୍ୟ ନିର୍ବାଚନରେ ଯେପରି ଲକ୍ଷ ଲକ୍ଷ ଲୋକଙ୍କୁ କୋଭିଡ ନିୟମ ଉଲ୍ଲଘନ କରି ଏକାଠି କରାଇଲେ, ସେଥିପାଇଁ ସେମାନଙ୍କ ବିରୁଦ୍ଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରଶ୍ନ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ନେତା ମନୋରଞ୍ଜନ ଦାଶ ଓ ମୁଖପାତ୍ର ପ୍ରଶାନ୍ତ ଶତପଥୀଙ୍କ ଉପସ୍ଥିତ ଥିଲେ।

# ବଦଳିଲା ଟିକାକରଣ ସମୟ : ଏବେ ସୋମବାରରୁ ଶୁକ୍ରବାର ଦିଆଯିବ ଟିକା

ଭୁବନେଶ୍ୱର ,୨୩/୪ (ନି.ପ୍ର): ରାଜ୍ୟର ସମସ୍ତ ସହରାଞ୍ଚଳରେ ସପ୍ତାହାନ୍ତ ସଟ୍‌ଡାଉନ୍ ପାଇଁ ରାଜ୍ୟ ସରକାର ଟିକାକରଣ ସମୟରେ ପରିବର୍ତ୍ତନ କରିଛନ୍ତି। ଏଣିକି କେବଳ ସୋମବାରରୁ ଶୁକ୍ରବାର ଟିକା ଦିଆଯିବ। ଏହି ସମୟରେ ସରକାରୀ ଛୁଟି ଦିବସରେ ମଧ ଟିକାକରଣ କରାଯିବ। ସପ୍ତାହାନ୍ତ ସଟ୍‌ଡାଉନ୍ ସମୟରେ ସମସ୍ତ ଟିକାକରଣକୁ ସାନିଟାଇଜ୍ କରାଯିବ। ଆଜି ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି। ଏହାସହ ଏବେ ୪୫ବର୍ଷରୁ ଅଧିକ ବ୍ୟକ୍ତିଙ୍କ ଟିକାକରଣ କରାଯାଉଛି। ମାତ୍ର ଆସନ୍ତା ୧ତାରିଖରୁ ୧୮ବର୍ଷରୁ ଅଧିକ ସମସ୍ତ ବ୍ୟକ୍ତିଙ୍କ ଟିକାକରଣ କରାଯିବ। ଏବେ ଘରୋଇ ହସ୍ପିଟାଲମାନେ ଟିକାକରଣ ପାଇଁ ଲୋକଙ୍କଠାରୁ ୨୫୦ ଟଙ୍କା ନେଉଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ଟିକା ଦିଆଯାଉଛି। ମାତ୍ର ନିକଟରେ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ପାଇଁ ୫୦ ପ୍ରତିଶତ ଟିକା ସଂରକ୍ଷିତ ରଖିଥିବା ବେଳେ ଘରୋଇ କମ୍ପାନିମାନେ ସିଧାସଳଖ କମ୍ପାନିଠାରୁ ଟିକା କିଣି ପାରିବେ। ଏହାକୁ ଦୃଷ୍ଟିରେ ରଖି ସବୁ ଘରୋଇ ହସ୍ପିଟାଲକୁ ୩୦ତାରିଖ ସୁଦ୍ଧା ଟିକା ପ୍ରଦାନକୁ ବନ୍ଦ କରିବା ଲାଗି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ୩୦ତାରିଖ ସୁଦ୍ଧା ଘରୋଇ ହସ୍ପିଟାଲରେ ଯେଉଁମାନେ ପ୍ରଥମ ଡୋଜ୍ ଟିକା ନେବେ ସେମାନେ ଦ୍ୱିତୀୟ ଡୋଜ୍ ଟିକା ନେବା ବେଳକୁ ଏହାର ଦର ବୃଦ୍ଧି ପାଇବ। କାରଣ ଟିକା ପ୍ରସ୍ତୁତକାରୀ କମ୍ପାନି ଘରୋଇ ହସ୍ପିଟାଲ ପାଇଁ ୬ଶହ ଟଙ୍କା ଧାର୍ଯ୍ୟ କରିଛନ୍ତି। ତେଣୁ ଲୋକମାନଙ୍କୁ ଦ୍ୱିତୀୟ ଡୋଜ୍ ଟିକା ମହଙ୍ଗା ପଡ଼ିବ ବୋଲି ସ୍ପଷ୍ଟ ହୋଇଯାଇଛି। ସେହିପରି ଠିକ୍ ସମୟରେ ଦ୍ୱିତୀୟ ଡୋଜ୍ ଟିକାକରଣ କରିବା ଲାଗି ସବୁ ଜିଲ୍ଲାକୁ ନିର୍ଦ୍ଦେଶ ଦିଆଯାଇଛି। ଗତକାଲି ସୁଦ୍ଧା ରାଜ୍ୟରେ ୮୬,୫୬୨ 'କୋଭିସିଲ୍‌ଡ' ଓ ୨୬,୪୩୦ 'କୋଭାକ୍ସିନ୍' ଟିକା ନେଇଥିବା ହିତାଧିକାରୀଙ୍କ ଦ୍ୱିତୀୟ ଡୋଜ୍ ନେବା ଅପେକ୍ଷାରେ ରହିଛନ୍ତି। ରାଜ୍ୟରେ ଆଜି ୭୭୮ଟି ଅଧିବେଶନରେ ୮୧,୬୮୪ଜଣ କରୋନା ଟିକା ନେଇଛନ୍ତି। ଏଥିରେ ୪୫ବର୍ଷରୁ ଅଧିକ ୫୨,୪୭୧ଜଣଙ୍କୁ ପ୍ରଥମ ଓ ୨୫,୩୩୨ଜଣଙ୍କୁ ଦ୍ୱିତୀୟ ଡୋଜ୍ ଟିକା ଦିଆଯାଇଛି।

# ଉତ୍କଳ ବିଶ୍ୱବିଦ୍ୟାଳୟରେ କରୋନା ସଚେତନତା ଅଭିଯାନ

ଭୁବନେଶ୍ୱର,୨୩/୪ (ନି.ପ୍ର): କରୋନା ମହାମାରୀ ସଂକ୍ରମଣକୁ ଦୃଷ୍ଟିରେ ରଖି ଉତ୍କଳ ବିଶ୍ୱବିଦ୍ୟାଳୟ ପୋଷ୍ଟ ଗ୍ରାଜୁଏଟ୍ ୟୁନିଟ୍, ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ) ପକ୍ଷରୁ ବାଣୀବିହାର କ୍ୟାମ୍ପସ ମଧ୍ୟରେ ଏକ କରୋନା ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଏବଂ କୁଳସଚିବ ଡ. ଅଭୟ କୁମାର ନାୟକ ଉତ୍କଳ ବିଶ୍ୱବିଦ୍ୟାଳୟ ପୋଷ୍ଟ ଗ୍ରାଜୁଏଟ୍ ଏନ୍‌ଏସଏସ ୟୁନିଟ୍‌ର ସଚେତନତା କାର୍ଯ୍ୟକ୍ରମ ପାଇଁ ପ୍ରଶଂସା କରିବା ସହ ଧନ୍ୟବାଦ ଦେଇଛନ୍ତି। ପ୍ରୋଗ୍ରାମ ଅଫିସର୍ ଡ. କୀର୍ତି ରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ସଫେଇ କର୍ମଚାରୀ ସମୂହ ଓ ହଷ୍ଟେଲ କର୍ମଚାରୀଙ୍କ ସମେତ ବାଣୀବିହାର ପରିସରରେ ଥିବା ଗୋବିନ୍ଦ ସାହୁ ମାର୍କେଟ କମ୍ପ୍ଲେକ୍ସର ଦୋକାନୀମାନଙ୍କୁ ମାସ୍କ ବଂଟନ କରିଥିଲେ। ଏହି ଅବରସରରେ କରନାର ଦ୍ୱିତୀୟ ସଂକ୍ରମଣର ଭୟାବହତା ଏବଂ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ମାସ୍କ୍ ପିନ୍ଧିବା, ସ୍ୱଚ୍ଛତା ରକ୍ଷା କରିବା ଏବଂ ସାମାଜିକ ଦୂରତ୍ୱ ପାଳନ କରିବା ପାଇଁ ବାଣୀବିହାର କ୍ୟାମ୍ପସ୍ ରେ ସଚେତନତା ସୃଷ୍ଟି କରାଯାଇଥିଲା। ବର୍ତମାନର କଠିନ ପରିସ୍ଥିତିରୁ ବର୍ତିବା ପାଇଁ ମାସ୍କର ବ୍ୟବହାର ଅପରିହାର୍ଯ୍ୟ ବୋଲି ବାଣୀବିହାର ଅନ୍ତେବାସୀଙ୍କୁ ବୁଝାଯାଇଥିଲା ଏବଂ କୋଭିଡ୍-୧୯ର ନିୟମାବଳୀ ଅନୁପାଳନ ପାଇଁ ଶପଥ ପାଠ କରାଯାଇଥିଲା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପିଜି କାଉନ୍ସିଲ୍ ଚେୟାରମ୍ୟାନ୍ ପ୍ରଫେସର୍ ବସନ୍ତ କୁମାର ମଲ୍ଲିକ ଯୋଗଦେଇ କରୋନା ଭୂତାଣୁର ଭୟାବହତା ଓ କୋଭିଡ୍ ନିୟମ ପାଳନ ସମ୍ପର୍କରେ କହିଥିଲେ। ଏହି ଅବସରରେ ବାଣୀବିହାର କ୍ୟାମ୍ପସ୍ ରେ ସୁରକ୍ଷାରେ ନିୟୋଜିତ ସୁରକ୍ଷା କର୍ମୀଙ୍କୁ ନବ ନିର୍ମିତ ପ୍ରଶାସନିକ ଭବନରେ ମାସ୍କ ବିତରଣ କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ କରୋନା ସଂକ୍ରମଣକୁ କିଭଳି ପ୍ରତିହିତ କରାଯାଇପାରିବ ସେ ସମ୍ପର୍କରେ ସୁରକ୍ଷାକର୍ମୀଙ୍କ କ'ଣ ଦାୟିତ୍ୱ ରହିବ ତାହା ଆଲୋକପାତ କରିଥିଲେ। ଏହି ଅଭିଯାନ ରେ ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଏସଏସ ପ୍ରୋଗ୍ରାମ କୋର୍ଡିନେଟର ଡ.ବ୍ରଜ ନାରାୟଣ ପାତ୍ର , ଭୂତତ୍ୱ ବିଭାଗର ଜିତୁ ନନ୍ଦନ ପ୍ରଧାନ ଏବଂ ପ୍ରଭାତ କୁମାର ଉପସ୍ଥିତ ଥିଲେ।

# ଓଡ଼ିଶାକୁ ଏକ ମହାମାରୀମୁକ୍ତ ରାଜ୍ୟରେ ପରିଣତ କରିବା ପାଇଁ ବିଜେଡ଼ି, ବିଜେପି ସରକାରଙ୍କୁ ଇଣ୍ଡିଆନ୍ ସିଟିଜେନସ୍ ପାର୍ଟିର ଆହ୍ୱାନ

ଭୁବନେଶ୍ୱର,୨୩/୪ (ନି.ପ୍ର): ଓଡ଼ିଶାକୁ ଏକ ମହାମାରୀମୁକ୍ତ ରାଜ୍ୟରେ ପରିଣତ କରିବା ପାଇଁ ଓଡ଼ିଶାର ବିଜୁ ଜନତା ଦଳ ଓ କେନ୍ଦ୍ରର ବିଜେପି ସରକାର ଯୋଜନା ଆରମ୍ଭ କରିବା ଆବଶ୍ୟକ ଏବଂ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଇଣ୍ଡିଆନ୍ ସିଟିଜେନସ୍ ପାର୍ଟି ବିଜେଡ଼ି ଓ ବିଜେପି ସରକାରଙ୍କୁ ଆହ୍ୱାନ ଦେଇଛି। ମହାମାରୀ କରୋନା ସମୟରେ ରାଜ୍ୟର ସ୍ୱାର୍ଥ ପ୍ରତି ତଥା ସାଧାରଣଙ୍କ ଜନତାଙ୍କ ସ୍ୱାର୍ଥକୁ ଦୃଷ୍ଟି ନଦେଇ ବିଜେପି ଓ ବିଜେଡ଼ି ସରକାର ଯେପରି ହୀନ ରାଜନୀତି କରୁଛନ୍ତି ତାହା ଅତ୍ୟନ୍ତ ଦୁଃଖଦାୟକ। ଯଦି ବିଜେଡ଼ି ଓ ବିଜେପି ସରକାର ଓଡ଼ଶାକୁ ମହାମାରୀମୁକ୍ତ ରାଜ୍ୟରେ ପରିଣତ କରିବା ପାଇଁ ଯୋଜନା ପ୍ରଣୟନ ନ କରନ୍ତି ତେବେ ଇଣ୍ଡିଆନ୍ ସିଟିଜେନସ୍ ପାର୍ଟି ବିଜେଡ଼ି ଓ ବିଜେପି ସରକାରଙ୍କ ବିରୁଦ୍ଧରେ ବ୍ୟାପକ ଆନ୍ଦୋଳନ କରିବ ବୋଲି ଇଣ୍ଡିଆନ୍ ସିଟିଜେନସ୍ ପାର୍ଟିର ସଭାପତି ରମେଶ ଚନ୍ଦ୍ର ରାଉତ ଚେତାଇ ଦେଇଛି।

# ସ୍ଥାନାନ୍ତର ହେବ ଭୁବନେଶ୍ୱରର ପ୍ରମୁଖ ହାଟ



ଭୁବନେଶ୍ୱର,୨୩/୪ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ସଂକ୍ରମଣ ଅଧିକ ବଢୁଥିବାରୁ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ (ବିଏମ୍‌ସି) ଭୁବନେଶ୍ୱରରେ ଥିବା ପ୍ରମୁଖ ହାଟ ଗୁଡ଼ିକୁ ସ୍ଥାନାନ୍ତର କରିବାକୁ ନିଷ୍ପତି ନେଇଛି। ସ୍ଥାନାନ୍ତର ପ୍ରକ୍ରିୟା ସୋମବାରଠାରୁ ଆରମ୍ଭ ହେବ। ପ୍ରମୁଖ ହାଟ ଗୁଡ଼ିକ ମଧ୍ୟରେ ୟୁନିଟ୍-୧ ହାଟ ୟୁନିଟ୍-୧ ହାଇସ୍କୁଲ ପଡ଼ିଆକୁ ସ୍ଥାନାନ୍ତରିତ ହେବ। ବ୍ରହ୍ମେଶ୍ୱର ହାଟ ବ୍ରହ୍ମେଶ୍ୱର ମେଳଣ ପଡ଼ିଆକୁ ସ୍ଥାନାନ୍ତର କରିବା ନେଇ ବିଏମସି ନିର୍ଦ୍ଦେଶ ଦେଇଛି। ସେହିପରି ଲିଙ୍ଗରାଜ ହାଟ ବିଏମସିର ମାର୍କେଟ୍ କମ୍ପ୍ଲେକ୍ସକୁ ସ୍ଥାନାନ୍ତର ହେବ। ତେବେ ଆଜିଠାରୁ ୟୁନିଟ୍-୪ ହାଟ ଶାସ୍ତ୍ରୀନଗର ଓ ରେଡକ୍ରସ୍ ସମ୍ମୁଖ ରାସ୍ତାକୁ ଉଠି ଯାଇଛି।

# ଓଡ଼ିଶାରେ ମେ ୧ରୁ ୫ ମଧ୍ୟରେ ଶୀର୍ଷ ଛୁଇଁ ପାରେ କରୋନା ସଂକ୍ରମଣ : ଗାଣିତିକ ମଡେଲ ଆଧାରରେ ଆଇଆଇଟି କାନପୁରର ବୈଜ୍ଞାନିକଙ୍କ ପୂର୍ବାନୁମାନ

ଭୁବନେଶ୍ୱର,୨୩/୪ (ନି.ପ୍ର): ଦେଶରେ ହୁ ହୁ ହୋଇ କରୋନା ସଂକ୍ରମଣ ବଢ଼ି ଚାଲିଥିବା [redacted]ବ ଏବଂ କେବେ ତଳକୁ ଖସିବ, ଏ ନେଇ ଏବେ ସବୁ ମହଲରୁ ଆକଳନ ଚାଲିଛି। ତେବେ, ଆଇଆଇଟି କାନପୁରର ବିଶେଷଜ୍ଞ [redacted]ରେ କରୋନା ଗ୍ରାଫ୍ ସଂପର୍କରେ ପୂର୍ବାନୁମା[redacted]ରେ ଓଡ଼ିଶାରେ ମେ' ମାସ ପ୍ରଥମ ସପ୍ତାହରେ କରୋନା ସଂକ୍ରମଣ ଶୀର୍ଷରେ ପହଞ୍ଚିବ ଏବଂ ଏହା ପରେ ସଂକ୍ରମଣ ଗ୍ରାଫ୍ ତଳକୁ ଖସିବ।

**ଆସନ୍ତୁ ନଜର ପକାଇବା କ'ଣ କହୁଛି ଆଇଆଇଟି କାନପୁରର ଏହି ମଡେଲ:...**

**ଆଇଆଇଟି କାନପୁରର ଗାଣିତକ ମଡେଲ ଅନୁଯାୟୀ**

- ମେ' ୧୧ରୁ ୧୫ ମଧ୍ୟରେ ଦେଶରେ ଶୀର୍ଷ ଛୁଇଁବ କରୋନା ସଂକ୍ରମଣ
- ମେ' ୧ ରୁ ୫- ଓଡିଶା, କର୍ଣ୍ଣାଟକ, ପଶ୍ଚିମବଙ୍ଗରେ ଶୀର୍ଷ ଛୁଇଁବ କରୋନା ସଂକ୍ରମଣ
- ମେ' ୬ରୁ ୧୦- ତାମିଲନାଡୁ ଓ ଆନ୍ଧ୍ର ପ୍ରଦେଶ
- ଏପ୍ରିଲ ୩୫ରୁ ୩୦- ଦିଲ୍ଲୀ, ହରିୟାଣା, ରାଜସ୍ଥାନ, ତେଲେଙ୍ଗାନା, ବିହାର
- ମହାରାଷ୍ଟ୍ର ଓ ଛତିଶଗଡ଼- ସଂକ୍ରମଣା ଶୀର୍ଷ ଛୁଇଁ ସାରିଛି

ବିଶେଷଜ୍ଞଙ୍କ ସୂଚନା ଅନୁସାରେ ଆସନ୍ତା ମେ ମାସ ୧୧ରୁ ୧୫ ତାରିଖ ବେଳକୁ ଭାରତରେ ଶୀର୍ଷକୁ ଛୁଇଁଥିବ କରୋନା ସଂକ୍ରମଣ। ଆଉ ସେତେବେଳକୁ ଦେଶରେ ସକ୍ରିୟ ସଂକ୍ରମଣ ବା ଆକ୍ଟିଭ୍ କେସ୍ ସଂଖ୍ୟା ପହଞ୍ଚି ଯାଇଥିବ ୩୩ ରୁ ୩୫ ଲକ୍ଷରେ। ଗତବର୍ଷ ସେପଟ୍ଟେମ୍ବର ୧୭ ଆଡକୁ ଦେଶରେ କରୋନା ସଂକ୍ରମଣର ପ୍ରଥମ ଲହର ଶୀର୍ଷରେ ରହିଥିଲା। କିନ୍ତୁ କରୋନାର ଦ୍ୱିତୀୟ ଲହର ସଂକ୍ରମଣ ପୂର୍ବ ଅପେକ୍ଷା ୩ଗୁଣ ଅଧିକ ରହିବ। ଗତବର୍ଷ କରୋନା ଶୀର୍ଷ ସମୟରେ ଭାରତ ଦେଖିଥିଲା ୧୦ ଲକ୍ଷରୁ ଅଧିକ ସକ୍ରିୟ ମାମଲା। ତେବେ ବିଶେଷଜ୍ଞଙ୍କ ଆକଳନ ହେଉଛି, ମେ ମାସ ମଧ ଭାଗ ଆଡକୁ ଭାରତରେ ରହିଥିଲେ ୩୦ ଲକ୍ଷରୁ ଅଧିକ ସକ୍ରିୟ ମାମଲା।

# ସହରୀ ଉନ୍ନୟନ ଭିତ୍ତିକ କାର୍ଯ୍ୟକ୍ରମରେ ନିୟୋଜିତ ହୋଇଛନ୍ତି ୧୦ ହଜାରରୁ ଉର୍ଦ୍ଧ୍ୱ ଏସଏଚଜି

ଭୁବନେଶ୍ୱର,୨୩/୪ (ନି.ପ୍ର): ମିଶନଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନଙ୍କୁ ଆତ୍ମ ନିର୍ଭରଶୀଳ କରାଇବା ଏବଂ ସେମାନଙ୍କର ଜୀବନ ଓ ଜୀବିକା ପ୍ରୋତ୍ସାହନ ଉଦେଶ୍ୟରେ ୧୦ ହଜାର ରୁ ଉର୍ଦ୍ଧ ମିଶନଶକ୍ତି ମହିଳାସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ବିଭିନ୍ନ ସହରୀ ଉନ୍ନୟନ ଭିତିକ କାର୍ଯ୍ୟକ୍ରମରେ ନିୟୋଜିତ କରାଯାଇଛି। ଆହାର ଯୋଜନା, ଜଳସାଥୀ ଯୋଜନା,ସହରୀ ମଜୁରି ଭିତିକ ରୋଜଗାର ଯୋଜନା, ବାସହୀନ ଆଶ୍ରୟସ୍ଥଳୀ ପରିଚାଳନା, ରାଜସ୍ୱ କର ଆଦାୟ, ସ୍ୱଚ୍ଛ ଭାରତ ମିଶନ ଇତ୍ୟାଦି ରେ ସାମିଲ କରାଯାଇଛି। ରାଜ୍ୟ ସହରାଂଚଳ ଉନ୍ନୟନ ସଂସ୍ଥା(ସୁଡା) ମାଧ୍ୟମ ରେ ଓଡିଶାର ସମସ୍ତ ୧୧୪ ଗୋଟି ପୌରାଂଚଳର ୱାର୍ଡ / ବସ୍ତି ଅଂଚଳରେ ରହୁଥିବା ଗରିବ ମହିଳା ମାନଙ୍କୁ ସଂଘଟିତ କରି ୩୨,୦୦୦ରୁ ଉର୍ଦ୍ଧ୍ୱ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ୧୨୦୦ ଆଂଚଳିକ ସ୍ତରୀୟ ସଂଗଠନ ତିଆରି କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ,ଏହି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ଜୀବନ ଜୀବିକା ନିମନ୍ତେ, ଜାତୀୟ ସହରାଂଚଳ ଜୀବିକା ମିଶନ ଅନ୍ତର୍ଗତ ଆତ୍ମନିଯୁକ୍ତି ସହାୟତା କାର୍ଯ୍ୟକ୍ରମ ଜରିଆରେ ବ୍ୟାଙ୍କ ମାଧ୍ୟମରେ ପ୍ରାୟ ୧୫୭ କୋଟି ୮୫ ଲକ୍ଷ୍ୟ ଟଙ୍କା ର ସୁଲଭ ଋଣ ପ୍ରଦାନ କରାଯାଇଛି। ଏତତ୍ ସହିତ, ନିୟମିତ ଋଣ ପରିଶୋଧ କରୁଥିବା ଗୋଷ୍ଠୀ ମାନଙ୍କୁ ସୁଧ ହାରରେ ମଧ ରିହାତି ପ୍ରଦାନ କରାଯାଉଛି। ଅଦ୍ୟାବଧି ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ସର୍ବମୋଟ ୨ କୋଟି ୬୭ ଲକ୍ଷ୍ୟଟଙ୍କାର ସୁଧ ରିହାତି ଦିଆଯାଇଛି। ଏହି ଋଣ ମାଧ୍ୟମରେ ମିଶନଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ବିଭିନ୍ନ କ୍ଷୁଦ୍ର ବ୍ୟବସାୟ ଯଥା: ସିଲେଇ (ଟେଲରିଂ), ଉପହାର କେନ୍ଦ୍ର, ଲୁଗାପଟା ବିକ୍ରୟ ଦୋକାନ, ପନିପରିବା ବିକ୍ରୟ ଦୋକାନ, ଜଳଖିଆ ଦୋକାନ,ସ୍କୁଲ ବ୍ୟାଗ୍ ଓ ଅନ୍ୟାନ୍ୟବ୍ୟାଗ୍ ତିଆରି, ଫିନାଇଲ ତିଆରି, ଖଲିପତ୍ର ତିଆରି ଓ କୁକୁଡ଼ା ପାଳନକରି ଆତ୍ମ ନିର୍ଭରଶୀଳ ହୋଇପାରିଛନ୍ତି।

# ଟାଇମସ୍ ହାୟର ଏଜୁକେସନ୍ ଇମ୍ପାକ୍ଟ ରାଙ୍କିଙ୍ଗ୍, ଓଡ଼ିଶାରୁ ୪ ଶିକ୍ଷାନୁଷ୍ଠାନ




ଭୁବନେଶ୍ୱର ,୨୩/୪ (ନି.ପ୍ର): ଟାଇମସ୍ ହାୟର ଏଜୁକେସନ୍ ଇମ୍ପାକ୍ଟ ରାଙ୍କିଙ୍ଗ୍-୨୦୨୧ ତାଲିକା ପ୍ରକାଶ ପାଇଛି। ବିଶ୍ୱର ହଜାରେରୁ ଅଧିକ ଉଚ୍ଚଶିକ୍ଷାନୁଷ୍ଠାନ ଏହି ରାଙ୍କିଙ୍ଗ୍ ଦୌଡ଼ରେ ସାମିଲ ହୋଇଥିବା ବେଳେ ଓଡ଼ିଶାର ୪ଟି ଶିକ୍ଷାନୁଷ୍ଠାନ ବାଜି ମାରିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ ସମେତ କେନ୍ଦ୍ର ସରକାରଙ୍କ ଅଧୀନ ଦୁଇ ଶିକ୍ଷାନୁଷ୍ଠାନ ଯଥା ଏନ୍‌ଆଇଟି ରାଉରକେଲା, ଆଇଆଇଟି ଭୁବନେଶ୍ୱର ଓ କଟକସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ହଜାରେ ଶିକ୍ଷାନୁଷ୍ଠାନ ମଧ୍ୟରେ ସ୍ଥାନ ପାଇଛନ୍ତି।

କିଟ୍ ବିଶ୍ୱବିଦ୍ୟାଳୟ ଗତବର୍ଷ ତୁଳନାରେ ଉନ୍ନତ ପ୍ରଦର୍ଶନ କରିବା ସହ ରାଙ୍କିଙ୍ଗ୍‌ରେ ଦେଶର ଶ୍ରେଷ୍ଠ ୫ ଶିକ୍ଷାନୁଷ୍ଠାନ ମଧ୍ୟରେ ରହିଛି। ଭାରତରୁ ଅମ୍ରିତା ବିଶ୍ୱ ବିଦ୍ୟାପୀଠମ୍ ୮୧ତମ ସ୍ଥାନରେ ଥିବା ବେଳେ ଜେଏସ୍‌ଏସ୍ ଏକାଡେମି ଅଫ୍ ହାୟର ଏଜୁକେସନ ଆଣ୍ଡ ରିସର୍ଚ୍ଚ ଓ ଲଭଲି ପ୍ରଫେସନାଲ ୟୁନିଭରସିଟି ୧୦୧ରୁ ୨୦୦ ରାଙ୍କ ଭିତରେ, କିଟ୍ ବିଶ୍ୱବିଦ୍ୟାଳୟ ଓ ଭିଆଇଟି ବିଶ୍ୱବିଦ୍ୟାଳୟ ୨୦୧ରୁ ୩୦୦ ରାଙ୍କ ମଧ୍ୟରେ ରହିଛନ୍ତି। ଏନ୍‌ଆଇଟି ରାଉରକେଲା ୪୦୧ରୁ ୬୦୦, ଆଇଆଇଟି ଭୁବନେଶ୍ୱର ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ୮୦୧ରୁ ୧୦୦୦ ର୍ୟାଙ୍କ ମଧ୍ୟରେ ସ୍ଥାନ ପାଇଁ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଭାରତରୁ ୪୯ଟି ଶିକ୍ଷାନୁଷ୍ଠାନ ଏହି ତାଲିକାରେ ରହିଛନ୍ତି। ୟୁନିଭରସିଟି ଅଫ୍ ମଞ୍ଚେଷ୍ଟର ବିଶ୍ୱର ଏକ ନମ୍ବର ଶିକ୍ଷାନୁଷ୍ଠାନ ଭାବେ ତାଲିକାର ଶୀର୍ଷରେ ରହିଥିବା ବେଳେ ୟୁନିଭରସିଟି ଅଫ୍ ସିଡିନ୍ ଦ୍ୱିତୀୟ ଓ ଆରଏମ୍‌ଆଇଟି ୟୁନିଭରସିଟି ତୃତୀୟ, ଲା ଟ୍ରୋବ ୟୁନିଭରସିଟି ୪ର୍ଥ ଓ କାନାଡ଼ାସ୍ଥିତ କୁଇନ୍ ୟୁନିଭରସିଟି ୫ମ ସ୍ଥାନରେ ରହିଛି। ସୂଚନାଯୋଗ୍ୟ ଯେ ପ୍ରତିବର୍ଷ ଟାଇମସ୍ ହାଇଅର ଏଜୁକେସନ୍ ପକ୍ଷରୁ ବିଶ୍ୱର ଖ୍ୟାତି ସମ୍ପନ୍ନ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନେଇ ବିଭିନ୍ନ ରାଙ୍କିଙ୍ଗ୍ କରାଯାଇଥାଏ। ବିଶ୍ୱବିଦ୍ୟାଳୟଗୁଡ଼ିକ ଜାତିସଂଘର ଶତତ ବିକାଶ ଲକ୍ଷ୍ୟ(ଏସଡିଜି) ହାସଲ ଦିଗରେ କେତେ ପରିମାଣରେ କାର୍ଯ୍ୟ କରୁଛନ୍ତି ତାହାକୁ ଭିତ୍ତି କରି ଇମ୍ପାକ୍ଟ ରାଙ୍କିଙ୍ଗ୍ କରାଯାଏ। ଗବେଷଣା, ଆଉଟରିଚ୍, ଷ୍ଟିୱାର୍ଡସିପ୍ ଓ ଶିକ୍ଷାଦାନ ଭଳି ୪ଟି ପ୍ରମୁଖ ମାନଦଣ୍ଡକୁ ନେଇ ଏଥର ମୂଲ୍ୟାୟନ କରାଯାଇଥିଲା। ଯେଉଁଥିରେ କିଟ୍ ଏକ ସାମାଜିକ ଦାୟିତ୍ୱ ଆଧାରିତ ବିଶ୍ୱବିଦ୍ୟାଳୟ ଭାବେ ଗୁଣାତ୍ମକ ଶିକ୍ଷାଦାନ, ଗବେଷଣା ଓ ପ୍ରକାଶନ ଆଦି କ୍ଷେତ୍ରରେ ବହୁ ଅଗ୍ରଗତି କରିପାରିଛି। ଏଭଳି ସଫଳତାକୁ ନେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖୁସି ବ୍ୟକ୍ତ କରିବା ସହ ଗୁଣାତ୍ମକ ଶିକ୍ଷା ସହ ସାମାଜିକ ଗୁରୁ ଦାୟିତ୍ୱ ନିଭାଇ ଆସୁଥିବାରୁ ଏହା ସମ୍ଭବ ହୋଇପାରିଛି ବୋଲି କହିଛନ୍ତି।

# ଶନିବାର ଓ ରବିବାର ସକାଳ ୫ଟା ରୁ ୬ଟା ଗୋଟିଏ ଘଣ୍ଟା ପାଇଁ ଜଗିଙ୍ଗ, ମର୍ଣ୍ଣିଂୱାର୍କ ବା ସାଇକେଲିଂ ପାଇଁ କଟକଣା କୋହଳ

ଭୁବନେଶ୍ୱର,୨୩/୪ (ନି.ପ୍ର): ଆଜି ରାତି ୯ଟାରୁ ଆରମ୍ଭ ହେବାକୁ ଥିବା ନାଇଟ୍ କର୍ଫ୍ୟୁ ଶନିବାର ସକାଳ ୫ଟା ପର୍ଯ୍ୟନ୍ତ ବଳବତ୍ତର ରହିବ ଏବଂ ଶନିବାର ସକାଳ ଠାରୁ ରବିବାର ସମ୍ପୂର୍ଣ୍ଣ ଦିନ ଓ ରାତିରେ ସଟ୍‌ଡାଉନ୍ ହେବ। ଅର୍ଥାତ୍ ଆଜି ରାତି ୯ଟା ରୁ ସୋମବାର ସକାଳ ୫ଟା ପର୍ଯ୍ୟନ୍ତ ଦୋକାନ ବଜାର, ଗାଡ଼ିମଟର ସବୁ ବନ୍ଦ। ଏହା ବାଦ ଶନିବାର ଓ ରବିବାର ସକାଳ ୫ଟା ରୁ ୬ଟା ଗୋଟିଏ ଘଣ୍ଟା ପାଇଁ ଯେଉଁମାନେ ଜଗିଙ୍ଗ, ମର୍ଣ୍ଣିଂୱାର୍କ ବା ସାଇକେଲିଂ କରୁଛନ୍ତି ସେମାନଙ୍କ ପାଇଁ ଫ୍ରି କରାଯିବ। ଏନେଇ ସ୍ୱତନ୍ତ୍ର ରିଲିଫ୍ କମିସନର ପ୍ରଦୀପ ଜେନା ସୂଚନା ଦେଇଛନ୍ତି। ସପ୍ତାହନ୍ତ ସଟଡାଉନର ସମୟକୁ ନେଇ ଦ୍ୱନ୍ଦ୍ୱ ଉପୁଜୁଥିବା ବେଳେ ଏହା ବାବଦରେ ସମସ୍ତ ସୂଚନା ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିସନର। ଶୁକ୍ରବାରରୁ ଆରମ୍ଭ ହେବାକୁ ଥିବା ନାଇଟକର୍ଫ୍ୟୁ ଶନିବାର ସକାଳ ୫ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ଶନିବାର ସକାଳ ଠାରୁ ଆରମ୍ଭ ହେବ ସପ୍ତାହାନ୍ତ ସଟଡାଉନ। ଆଉ ଏହା ସୋମବାର ସକାଳ ୫ଟା ପର୍ଯ୍ୟନ୍ତ ଜାରି ରହିବ। ଆଉ ଏହି ସମୟରେ ଅତ୍ୟାବଶ୍ୟକ ସେବାକୁ ଛାଡ଼ିଦେଲେ ସମସ୍ତ ପ୍ରକାର ସେବା ବନ୍ଦ ରହିବ। ସେହିଭଳି ପଶ୍ଚିମବଙ୍ଗରୁ ଆସୁଥିବା ସମସ୍ତ ବ୍ୟକ୍ତିଙ୍କ ପାଇଁ କ୍ୱାରେଣ୍ଟାଇନ ବାଧ୍ୟତାମୂଳକ ବୋଲି କହିଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିସନର। ଏନେଇ ଗତକାଲି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। କେବଳ ୪୮ ଘଣ୍ଟା ପୂର୍ବରୁ ଆରଟିପିସିଆର ଟେଷ୍ଟ ରିପୋର୍ଟ ନେଗେଟିଭ କିମ୍ବା ଟିକାର ଡବଲ ଡୋଜ ନେଇଥିଲେ ହୋମ କ୍ୱାରେଣ୍ଟାଇନ ପାଇଁ ଅନୁମତି ମିଳିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

# ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଲା ବିଜେପି

## ପିପିଲି ଉପ ନିର୍ବାଚନରେ ସରକାରୀ କଳ ଓ ଅଧିକାରୀଙ୍କୁ ବ୍ୟବହାର କରୁଛି ବିଜେଡି

ଭୁବନେଶ୍ୱର,୨୩/୪ (ନି.ପ୍ର): ପିପିଲି ଉପ ନିର୍ବାଚନକୁ ହାତେଇବା ପାଇଁ ଶାସକ ବିଜେଡି ଭୋଟର ଭାଇଭଉଣୀମାନଙ୍କୁ ସିଧାସଳଖ ପ୍ରଭାବିତ କରୁଛନ୍ତି । ପୁରୀ ଉପଜିଲ୍ଲାପାଳ ଓ ପିପିଲି ବିଡିଓଙ୍କ ମାଧ୍ୟମରେ ଶାସକ ବିଜେଡି ଭୋଟରମାନଙ୍କୁ ପ୍ରଭାବିତ କରୁଛି। ଗଣତନ୍ତ୍ର ପ୍ରତି ଏହା ଅତ୍ୟନ୍ତ ବିପଦ ବୋଲି ବିଜେପି ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା ଅଭିଯୋଗ କରିଛନ୍ତି । ଏ ସଂପର୍କରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ସଂପୂର୍ଣ୍ଣ ତଥ୍ୟ ପ୍ରଦାନ ସହ ଅବଗତ କରିଛୁ ଏବଂ ଦୋଷୀଙ୍କ ବିରୁଦ୍ଧରେ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ ଜଣାଇଛୁ ବୋଲି ଶ୍ରୀ ପଣ୍ଡା କହିଛନ୍ତି । ୨୦୧୮ ମସିହାରେ ହାଇକୋର୍ଟଙ୍କ ନିର୍ଦ୍ଦେଶାନୁଯାୟୀ ପିପିଲି ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ପଂଚାୟତ ପିଡିଏସ ବଂଟନର ଦାୟୀତ୍ୱ ସେହି ପଂଚାୟତକୁ ଦିଆଯାଇଥିଲା । କିନ୍ତୁ ଲକ୍ଷ୍ମୀନାରାୟଣପୁର ପଂଚାୟତ ଅନ୍ତର୍ଗତ ତିଗିରିଆରେ ପୁରୀ ଉପ ଜିଲ୍ଲାପାଳ ଏବଂ ପିପିଲି ବିଡିଓ ପିଡିଏସ ବଂଟନରେ ମହାବୀର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ଦାୟୀତ୍ୱ ଦେଇଛନ୍ତି, ଯାହାକି ସଂପୂର୍ଣ୍ଣ ଭାବେ ବେଆଇନ ଏବଂ ମନ୍ଦ ଉଦ୍ଦେଶ୍ୟ ପ୍ରଣୋଦିତ । ଏହା ଦ୍ୱାରା ଆଦର୍ଶ ନିର୍ବାଚନ ଆଚରଣ ବିଧି ଖୋଲାଖୋଲି ଉଲ୍ଲଂଘନ ହୋଇଛି ଏବଂ ସରକାରଙ୍କ ଏଭଳି ନିଷ୍ପତି ସାଧାରଣ ଭୋଟରଙ୍କୁ ପ୍ରଲୋଭିତ, ଭୟଭୀତ ଓ ପ୍ରଭାବିତ କରିବା ପାଇଁ କରାଯାଇଛି ବୋଲି ରାଜ୍ୟ ବିଜେପି ଅଭିଯୋଗ କରିଛି । ଏହି ପ୍ରତିନିଧୀ ଦଳରେ ଲିଗାଲ କୋର୍ଡିନେଟର ଜୟନ୍ତ ଜେନା ମଧ ଉପସ୍ଥିତ ଥିଲେ ।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ



ଭଦ୍ରକ,୨୩/୦୪ (ନି.ପ୍ର): ଚାନ୍ଦବାଲି ବ୍ଲକ ଘଣ୍ଟେଶ୍ୱର ବାଲିପଦା ଗ୍ରାମର ବିଶିଷ୍ଟ ଧର୍ମପରାୟଣ, ସାମାଜିକ ଅନୁଷ୍ଠାନ ପ୍ରିୟ, ପରୋପକାରୀ ବ୍ୟକ୍ତି ମୁରଲୀଧର ବିଶ୍ୱାଳଙ୍କର ପରଲୋକ ହୋଇ ଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ହୋଇଥିଲା। ସେ ବହୁ ଧର୍ମାନୁଷ୍ଠାନ ସହିତ ଜଡ଼ିତ ରହି ଅନୁଷ୍ଠାନର ଉନ୍ନତି କଳ୍ପେ ବହୁବିଧ କାର୍ଯ୍ୟ କରିଥିଲେ। ତାଙ୍କ ପ୍ରଚେଷ୍ଟାରେ ଘଣ୍ଟେଶ୍ୱର ବଜାରରେ ଶ୍ରୀଶ୍ରୀ ମହାନନ୍ଦ ଦାଶ ବାବାଜୀଙ୍କ ଆଶ୍ରମ ପ୍ରତିଷ୍ଠା ହୋଇଛି। ପଞ୍ଚିଟିକ୍ରି ଆଶ୍ରମର ସେ ଜଣେ ସକ୍ରିୟ ସଦସ୍ୟ ଥିଲେ। ଏହା ଛଡ଼ା କଟକ, ଭୁବନେଶ୍ୱରର କେତେକ ଧର୍ମାନୁଷ୍ଠାନ ସହ ସେ ଜଡ଼ିତ ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳର ବରିଷ୍ଠ ସାମ୍ବାଦିକ ବଂଶୀଧର ଦାସ ଗଭୀର ଶୋକ ପ୍ରକଟ କରିଥିବା ବେଳେ ପଞ୍ଚୁଟିକ୍ରିରୁ ସମାଜସେବୀ ଆନନ୍ଦ ଚନ୍ଦ୍ର ବେହେରା, ଶୈଳେନ୍ଦ୍ର ସାହୁ, ଭାଗିରଥୀ ନାୟକ, ବାସୁଦେବପୁରରୁ କମଳାକାନ୍ତ ଡାଙ୍ଗୁଆ, ସ୍ମୃତିରଂଜନ ପ୍ରଧାନ ତାଙ୍କ ମରଶରୀରକୁ ଶେଷ ଦର୍ଶନ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ବ୍ଲକରେ ବସିଲା କରୋନା ସଚେତନତା ବୈଠକ

ଖଇରା,୨୩/୪(ନିପ୍ର) ଖଇରା ବ୍ଲକ ପରିସରରେ କରୋନା ସଚେତନତା ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକରେ ବିଡିଓ ପର୍ଶୁରାମ ପଣ୍ଡା ଙ୍କ ଅଧକ୍ଷତା କରିଥିଲେ । ଏଥିରେ ବିଭିନ୍ନ ପଂଚାୟତର ସରପଂଚ ମାନେ ଯୋଗ ଦେଇଥିଲେ । ଏହି ବୈଠକରେ କୋଭିଡ ଗାଇଡ ଲାଇନ ଉପରେ ଆଲୋଚନା କରା ଯାଇଥିଲା । କୋଭିଡକୁ କିପରି ନିୟନ୍ତ୍ରଣ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା । ଜନଗହଳି କୁ ରୋକିବା, ହାତ ଧୋଇବା, ମାସ୍କ ପିନ୍ଧିବା, ସାମାଜିକ ଦୂରତା ଉପରେ ଆଲୋଚନା କରାଯାଇଥିଲା । ଏଥିରେ ବ୍ଲକ ଜନମଙ୍ଗଳ ସଂପ୍ରସାରଣ ଅଧିକାରୀ ତ୍ରିଦେବ ବରାଳ ଉପସ୍ଥିତ ରହି ସଚେତନତାର ବର୍ତ୍ତା ଦେଇଥିଲେ ।

# ପାତ୍ରପଡ଼ା ଛକରେ ମଦ ଦୋକାନ ଖୋଲିବା ନେଇ ପ୍ରତିବାଦ



ବାଲେଶ୍ୱର,୨୩/୦୪ (ନି.ପ୍ର): ବାଲେଶ୍ୱର ସହରର ପାତ୍ରପଡ଼ା ଅଞ୍ଚଳରେ ପ୍ରସ୍ତାବିତ ସରକାରୀ ବିଦେଶୀ ମଦ ଦୋକାନ ଖୋଲିବା ନେଇ ପ୍ରଶାସନର ନିଷ୍ପତ୍ତିକୁ ବିରୋଧ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଏନେଇ ଶୁକ୍ରବାର ସ୍ଥାନୀୟ ଅଞ୍ଚଳର ମହିଳା ଓ ପୁରୁଷ ସୁବର୍ଣ୍ଣେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଗଣଧାରଣା ଦେଇଥିଲେ। ସଂସ୍କୃତି ସମ୍ପନ୍ନ ବାଲେଶ୍ୱର ସହରର ସମ୍ବେଦନଶୀଳ ଏହି ଅଞ୍ଚଳରେ ପୂର୍ବରୁ ମଧ୍ୟ ଏକ ମଦଦୋକାନ ଖୋଲିବାକୁ ପ୍ରଶାସନ ଉଦ୍ୟମ କରି ଶେଷରେ ସମୂହ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଏଥିରୁ ନିବୃତ ହୋଇଥିଲା ବୋଲି ଲୋକମାନେ କହିଛନ୍ତି। ମଦଦୋକାନ ପାଇଁ ଚିହ୍ନଟ ସ୍ଥାନ ନିକଟରେ ସୁବର୍ଣ୍ଣେଶ୍ୱର ମହାଦେବ ମନ୍ଦିର, ୨ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପଢୁଥିବା ମାଦ୍ରାସା ଶିକ୍ଷାନୁଷ୍ଠାନ, ୩୫୦ ଛାତ୍ରଛାତ୍ରୀ ପଢୁଥିବା ସୁନହଟ ୟୁଜିୟୁପି ସ୍କୁଲ ଏବଂ ଅନତୀ ଦୂରରେ ବାବା ଭୁଜାଖିଆ ପୀରଙ୍କ ଆସ୍ଥାନ ରହିଛି। ସରକାରୀ ନିୟମକୁ ଉଲଂଘନ କରି ଏଠାରେ ମଦ ଦୋକାନ ଖୋଲିବା ନିଷ୍ପତ୍ତି ଉଚିତ ନୁହେଁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସେହିପରି ଏହି ଅଞ୍ଚଳରେ ଉଭୟ ହିନ୍ଦୁ ଓ ମୁସଲିମ ସମ୍ପ୍ରଦାୟ ଭାଇଚାରା ରକ୍ଷା ସହ ବସବାସ କରୁଥିବା ବେଳେ ମଦ ଦୋକାନ ଏହାର ଅନ୍ତରାୟ ସୃଷ୍ଟି କରିବ ବୋଲି ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି। ପୂର୍ବରୁ ବିଭିନ୍ନ ସମୟରେ ସାମାନ୍ୟ ସାମାନ୍ୟ କଥାକୁ ନେଇ ପାତ୍ରପଡ଼ା ଓ ତାର ପାଖାପାଖି ଅଞ୍ଚଳ ଅଞ୍ଚଳ ମଧ୍ୟରେ ବିବାଦ ତଥା ଗଣ୍ଡୋଗଳ ହୋଇଥିଲା। ଶାନ୍ତି ଫେରାଇ ଆଣିବା ପାଇଁ ଦୀର୍ଘଦିନ ଧରି ପୁଲିସ ଫୋର୍ସ ମୁତୟନ ହୋଇଥିବା ବେଳେ ପ୍ରାଶାସନିକ ଓ ପୁଲିସ ଅଧିକାରୀଙ୍କୁ ନାକେଦମ ହେବାକୁ ପଡ଼ିଥିଲା। ତେବେ ଗତ କିଛିଦିନ ଧରି ଆପାତତଃ ଏଠାରେ ଶାନ୍ତି ପରିଲକ୍ଷିତ ହୋଇଥିବା ବେଳେ ମଦ ଦୋକାନ ଖୋଲିବା ଦ୍ୱାରା ପୁଣି ତାହା ନଷ୍ଟ ହୋଇଯିବ ବୋଲି ଧାରଣାରତ ଲୋକେ କହିଛନ୍ତି। ଅବକାରୀ ବିଭାଗ ଓ ଜିଲା ପ୍ରଶାସନ ଏହି ନିଷ୍ପତ୍ତି ପ୍ରତ୍ୟାହାର ନ କଲେ ଆଗାମୀ ଦିନରେ ଜନ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ସମାଜସେବୀ ଅଭୟ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ଚିନ୍ମୟ ବିଶ୍ୱାଳ, ରାଜେନ୍ଦ୍ର ରାଉତ, ବିଶ୍ୱନାଥ ରାଉତ, ଶ୍ରଦ୍ଧାଞ୍ଜଳି ରାୟ, ସିଦ୍ଧେଶ୍ୱର ବିନ୍ଧାଣୀ ପ୍ରମୁଖ ଯୋଗଦେଇ ପ୍ରଶାସନର ତ୍ରୁଟିପୂର୍ଣ୍ଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ନଳିନୀ ରଂଜନ ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରତିବାଦ ସଭାରେ ବିଭିନ୍ନ ସ୍ୱୟଂ ସହାୟିକା ସଂଘର ମହିଳା ଓ ଗ୍ରାମବାସୀମାନେ ଯୋଗ ଦେଇଥିଲେ।

# ଦିନକରେ ଜିଲ୍ଲାରେ ୭୮ କରୋନା ସଂକ୍ରମିତ

ବାଲେଶ୍ୱର,୨୩/୦୪ (ନି.ପ୍ର): ରାଜ୍ୟରେ ବଢୁଥିବା ଦ୍ୱିତୀୟ ଲହର କରୋନା ସଂକ୍ରମଣ ଉଭୟ ସରକାର ଓ ସାଧାରଣ ଲୋକଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ରାଜ୍ୟ ସୂଚନା ଓ ଲୋକସର୍ମ୍ପକ ବିଭାଗର ରିପୋର୍ଟ ଅନୁସାରେ ଗତ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ସର୍ବକାଳୀନ ଦୈନିକ ସର୍ବୋଚ୍ଚ ସଂକ୍ରମଣ ସଂଖ୍ୟା ଭାବେ ୬ ହଜାର ୨ ଶହ ୧୫ ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଏଥି ମଧ୍ୟରେ ବାଲେଶ୍ୱରର ୭୯ ଜଣ ଆକ୍ରାନ୍ତ ଅଛନ୍ତି। ଦ୍ୱିତୀୟ ଲହରରେ ବାଲେଶ୍ୱର ଜିଲାରେ ପ୍ରଥମ କରୋନା ରୋଗୀଙ୍କର ମୃତ୍ୟ ହୋଇଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି । ଡାଇବେଟସ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡ଼ିତ ଥିବା ୩୮ ବର୍ଷିଆ ମହିଳାଙ୍କ କରୋନାରେ ମୃତ୍ୟୁ ହୋଇଥିବାକୁହାଯାଇଛି । ତେବେ ବାଲେଶ୍ୱର ଜିଲାରେ ଚିହ୍ନଟ ହୋଇଥିବା ମୋଟ ୭୯ ଜଣ ନୂଆ ଆକ୍ରାନ୍ତଙ୍କ ମଧରେ ବାଲେଶ୍ୱର ସହରର ମୋତିଗଞ୍ଜ ଅଞ୍ଚଳରୁ ୨ ଜଣ, ପଢୁଆଁପଦାରୁ ୨ ଜଣ, ବାଲୁବଜାର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଅଙ୍ଗାରଗଡ଼ିଆ, ସହଦେବଖୁଣ୍ଟା, ଷ୍ଟେସନ ଛକ, ସୁନହଟ ପ୍ରଭୃତି ଅଂଚଳରୁ ଜଣେ ଲେଖାଁଏ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ସଦର ବ୍ଲକର ସରସତିଆ, ରସାଳପୁର ଓ ଗବଗାଁ ଅଂଚଳରୁ ଜଣେ ଲେଖାଏଁ ଏବଂ ଅନ୍ୟାନ୍ୟ ଅଂଚଳରୁ ୪ ଜଣ ନୂଆ କରୋନା ସଂକ୍ରମିତ ହୋଇଛନ୍ତି । ରେମୁଣା ବ୍ଲକର ବାଲିଆରୁ ୩ ଜଣ, ନୂଆଗାଁରୁ ୨ ଜଣ, ଇମାମୀ ପେପର ମିଲ୍ସ, ଖାନନଗର ଓ ରେମୁଣାରୁ ଜଣେ ଲେଖାଏଁ ଚିହ୍ନଟ ହୋଇଛନ୍ତି। ଅନୁରୂପ ଭାବେ ସୋର ବ୍ଲକରୁ ୧୭ ଜଣ, ବାହାନଗା ବ୍ଲକରୁ ୯ ଜଣ, ଖଇରା ବ୍ଲକରୁ ୨୨ ଜଣ, ନୀଳଗିରି ବ୍ଲକରୁ ୩ ଜଣ ଓ ଜଳେଶ୍ୱର ବ୍ଲକରୁ ଜଣେ ବ୍ୟକ୍ତି ସଂକ୍ରମିତ ହୋଇଛନ୍ତି। ତେବେ ସମସ୍ତ ଆକ୍ରାନ୍ତ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ବାଲେଶ୍ୱର ଜିଲାରେ ସଂକ୍ରମଣ ଆଗାମୀ ଦିନରେ ଆହୁରି ବଢିବାର ଆଶଙ୍କା ଥିବାବେଳେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତାକାଲିଠାରୁ ସପ୍ତାହାନ୍ତ ସଟଡାଉନ କାର୍ଯ୍ୟକାରୀ ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି। ଶୁକ୍ରବାର ରାତି ୯ ଟାରୁ ନାଇଟ କର୍ଫ୍ୟୁ ଶନିବାର ସକାଳ ୫ ଟା ପର୍ଯ୍ୟନ୍ତ ବଳବତ୍ତର ରହିଛି। ମାତ୍ର ଗୋଟିଏ ଘଣ୍ଟା ଅନ୍ତର ପରେ ୬ଟାରୁ ସଟଡାଉନ ଲାଗୁ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବରିଷ୍ଠ ବ୍ୟକ୍ତିଙ୍କ ମର୍ଣ୍ଣିଂୱାକ ପାଇଁ ଶନିବାର ଓ ରବିବାର ସକାଳ ୫ ଟାରୁ ୬ଟା ପର୍ଯ୍ୟନ୍ତ କୋହଳ କରାଯାଇଥିବା କୁହାଯାଇଛି ।

## ଓଡିଶାରେ କୋଭିଡ୍ ରୋଗୀଙ୍କ ପାଇଁ ଅଛି ୧୧ ହଜାର ବେଡ୍

ଭୁବନେଶ୍ୱର,୨୩/୦୪ (ନି.ପ୍ର): ରାଜ୍ୟରେ କରୋନା ନିୟନ୍ତ୍ରଣରେ ରହିଛି। ପଶ୍ଚିମବଙ୍ଗରୁ ଯେଉଁମାନେ ଫେରୁଛନ୍ତି ସେମାନେ କ୍ୱାରେଂଟାଇନରେ ରହିବେ। ଏବେ କୋଭିଡ ପାଇଁ ରାଜ୍ୟରେ ୧୧ ହଜାରରୁ ଅଧିକ ବେଡ଼ ପ୍ରସ୍ତୁତ ରହିଛି। ଏବେସୁଦ୍ଧା ୨୭ ଶହ ରୋଗୀ ବେଡ଼ରେ ଅଛନ୍ତି। ଆବଶ୍ୟକତା ଅନୁସାରେ ବେଡ଼ ବୃଦ୍ଧି କରାଯିବ। ହସ୍ପିଟାଲ କରିବା ପାଇଁ ଘର ଚିହ୍ନଟ ହୋଇଯାଇଛି। ଜିଲ୍ଲା ପ୍ରଶାସନ ସମସ୍ତ ପ୍ରସ୍ତୁତି କରିଛନ୍ତି । ରୋଗୀ ଅନୁସାରେ ଆଇସିୟୁ ବେଡ଼ ଅଧିକ ରହିଛି। ଆଗକୁ ୫୦ ହଜାର ଟେଷ୍ଟ କରିବା ପାଇଁ ପ୍ରସ୍ତୁତି ଚାଲିଛି ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର। ଅନ୍ୟପକ୍ଷରେ ରାଜ୍ୟରେ ଅକ୍ସିଜେନର ଅଭାବ ନାହିଁ।

# ଭଦ୍ରକ ଜିଲ୍ଲାରେ ୮୬ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ, ସକ୍ରିୟଙ୍କ ସଂଖ୍ୟା ୫ଶହ ଟପିଲା

ଭଦ୍ରକ,୨୩/୦୪ (ନି.ପ୍ର): ଭଦ୍ରକ ଜିଲ୍ଲାରୁ ୮୬ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୩୦ଜଣ ସୁସ୍ଥ ହୋଇଛନ୍ତି। ଫଳରେ ଜିଲ୍ଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ହୋଇଛି ୮୨୬୫ ଏବଂ ମୋଟ ସୁସ୍ଥଙ୍କ ସଂଖ୍ୟା ୭୬୯୯। ଏବେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୫ଶହ ଅତିକ୍ରମ କରି ୫୪୦ରେ ପହଞ୍ଚିଛି। ନୂଆ ଚିହ୍ନଟ ଆକ୍ରାନ୍ତଙ୍କ ମଧରେ ଭଦ୍ରକ ବ୍ଲକ ଅଞ୍ଚଳର ୨ଜଣ କଟକ ଏସ୍‌ସିବିରୁ ଓ ୨ ଜଣ ସମ୍ ହସ୍‌ପିଟାଲରୁ ଚିହ୍ନଟ ହୋଇଛନ୍ତି। ସେହିଭଳି ଭଦ୍ରକରେ ହୋଇଥିବା ନମୁନା ପରୀକ୍ଷାରୁ ବାସୁଦେବପୁର ବ୍ଲକର କାଞ୍ଜିଖିଆ ଓ କୁଆଳି ଗ୍ରାମରୁ ଜଣେ ଲେଖାଏଁ, ଭଦ୍ରକ ବ୍ଲକର ଆମ୍ବରୋଳି, ଚରମ୍ପା, ହରିପୁର, ମଉଦା, ଓଲଙ୍ଗ, ତେନ୍ତୁଳିଗଡ଼ିଆ, ସାହାଡ଼ା ଗ୍ରାମରୁ ଜଣେ ଜଣେ ଚିହ୍ନଟ ହୋଇଥିବା ବେଳେ ଏରେଇଁ ଗ୍ରାମରୁ ୧୧ଜଣ, ନଳାଙ୍ଗ ଗ୍ରାମରୁ ୩ଜଣ, ବେଲସାହି ଗ୍ରାମରୁ ୪ଜଣ ଚିହ୍ନଟ ହୋଇଛନ୍ତି। ଭଦ୍ରକ ପୌରପାଳିକାର ୧୦ ନଂ ୱାର୍ଡ ଜଗନ୍ନାଥପୁର ଗ୍ରାମରୁ ୩ଜଣ, ୧୧ ନଂ ୱାର୍ଡ ନୂଆବଜାରରୁ ୩ଜଣ, ୧୫ ନଂ ୱାର୍ଡ କୁଆଁଶ ଗ୍ରାମରୁ ଜଣେ, ୧୩ ନଂ ୱାର୍ଡ ଅପର୍ତ୍ତିବିନ୍ଧା ଗ୍ରାମରୁ ଜଣେ, ୯ ୱାର୍ଡ ବାଗୁରାଇ ମନ୍ଦିରରୁ ଜଣେ, ଉତ୍ତରବାହିନୀ ଗ୍ରାମରୁ ଜଣେ, ୬ ନଂ ୱାର୍ଡ ନିଳାଦ୍ରିବିହାରରୁ ଜଣେ, ବାଇପାସ୍‌ରୁ ଜଣେ, ମୋଟେଲଛକ ଓ ଗୋପବନ୍ଧୁନଗରରୁ ଜଣେ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଭଣ୍ଡାରିପୋଖରୀ ବ୍ଲକର ବିରିଡ଼ି ଗ୍ରାମରୁ ଜଣେ, ପାଟୁଳି ଗ୍ରାମରୁ ଜଣେ, ଦକ୍ଷିଣବାଡ଼ ଗ୍ରାମରୁ ଜଣେ, ରହଣିଆ ଗ୍ରାମରୁ ଜଣେ, ମଞ୍ଜୁରିରୋଡ ଗ୍ରାମରୁ ଜଣେ ଚିହ୍ନଟ ହୋଇଥିବା ବେଳେ ଧାମନଗର ଏନ୍‌ଏସିରୁ ୩ଜଣ ଚିହ୍ନଟ ହୋଇଛନ୍ତି। ଧାମନଗର ବ୍ଲକର ହାତିଆପଡ଼ା ଗ୍ରାମରୁ ଜଣେ, ବମକୁରା ଗ୍ରାମରୁ ଜଣେ, ପଳିକିରି ଗ୍ରାମରୁ ଜଣେ, ମାନକାଡ଼ିଆ ଗ୍ରାମରୁ ଜଣେ, ପତ୍ରିବିନ୍ଧା ଗ୍ରାମରୁ ଜଣେ, ନଦୀଗାଁ ଗ୍ରାମରୁ ଜଣେ, ବନ୍ଧଟିଆ ଗ୍ରାମରୁ ୩ଜଣ ଚିହ୍ନଟ ହୋଇଛନ୍ତି। ବନ୍ତ ବ୍ଲକ ବିଟିପୁର ଗ୍ରାମରୁ ଜଣେ, ଚକ୍ରାପାଢୀ ଗ୍ରାମରୁ ୨ଜଣ, ସବର ଗ୍ରାମରୁ ଜଣେ, ବଡଗଡ଼ିଆ ଗ୍ରାମରୁ ୨ଜଣ, ଅଳଉତି ଗ୍ରାମରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଚାନ୍ଦବାଲି ବ୍ଲକର ମଉସୁଧା ଗ୍ରାମର ଜଣେ, ଶୁଖଲେଶ୍ୱର ଗ୍ରାମର ଜଣେ, ମାଧପୁର ଗ୍ରାମର ଜଣେ, କରଣପୋଖରୀ ଗ୍ରାମର ଜଣେ, ଚାନ୍ଦବାଲି ଏନ୍‌ଏସିର ୨ଜଣ, ଗୋଲାଡିହାରୁ ଜଣେ, ୩ ନଂ ୱାର୍ଡରୁ ଜଣେ ଚିହ୍ନଟ ହୋଇଛନ୍ତି। ସେହିଭଳି ତିହିଡି ବ୍ଲକର କମାରିଆ ଗ୍ରାମରୁ ଜଣେ, ତଳଗୋପବିନ୍ଧା ଗ୍ରାମରୁ ଜଣେ, ମଙ୍ଗଳପୁର ଗ୍ରାମରୁ ଜଣେ, ମଠସାହିରୁ ଜଣେ, ମହରମପୁରରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଅନ୍ୟ ଜିଲ୍ଲା ଭାବେ କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକାରୁ ୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

# ଜିଲ୍ଲାରେ ସଙ୍ଗୀନ ହେଉଛି କରୋନା ସ୍ଥିତି

## ପ୍ରବାସୀ ଶ୍ରମିକଙ୍କ ପାଇଁ କରୋନା ବୃଦ୍ଧି ଆଶଙ୍କା, ସୀମାରେ ଯାଂଚ କଡାକଡି କରିବାକୁ ଏସଆରସିଙ୍କ ନିର୍ଦ୍ଦେଶ



ବାରିପଦା,୨୩/୦୪ (ନି.ପ୍ର): ବିଗତ ଏକ ବର୍ଷ ଧରି କରୋନାର କରାଳ ରୂପ ସମଗ୍ର ବିଶ୍ୱକୁ ଅସ୍ତବ୍ୟସ୍ତ କରିସାରିଥିବା ବେଳେ, ଏବେ ତାର ଦ୍ୱିତୀୟ ଲହର କବ୍ଜାରେ ପୁଣି ସମଗ୍ର ବିଶ୍ୱର ବିଭିନ୍ନ ରାଷ୍ଟ୍ର। ଭାରତର ସ୍ଥିତି ୨ୟ ଲହରରେ ଅଧିକ ସଙ୍ଗୀନ ଥିଲା ବେଳେ କରୋନା ଆକ୍ରାନ୍ତରେ ଭାରତ ବିଶ୍ୱର ଦ୍ୱିତୀୟ ସ୍ଥାନରେ ରହିଛି। ଓଡ଼ିଶାରେ ମଧ୍ୟ କରୋନା ଧିରେଧିରେ ନିଜର କାୟା ବିସ୍ତାର କରୁଥିବା ବେଳେ, ସୀମାବର୍ତୀ ଅଂଚଳ ମାନଙ୍କରେ ସ୍ଥିତି ଦିନକୁ ଦିନ ଅଧିକ ସଙ୍ଗୀନ ହେଉଥିବାର ଲକ୍ଷ୍ୟ କରାଯାଉଛି । ମୟୂରଭଞ୍ଜ ଜିଲ୍ଲାର ସୀମାକୁ ଲାଗି ରହିଛି ଝାରଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟ। ସେପଟେ ଜିଲ୍ଲାରେ ମଧ କରୋନାର ସ୍ଥିତି ଦିନକୁ ଦିନ ବୃଦ୍ଧି ପାଉଛି। ନୂତନ ଆକ୍ରାନ୍ତଙ୍କ ସଂଖ୍ୟା ଶତକ ପାର କରୁଛି। ଗୁରୁବାର ଜିଲ୍ଲାରୁ ନୂତନ ସଂକ୍ରମଣଙ୍କ ସଂଖ୍ୟା ୧୩୬ ହୋଇଥିବା ବେଳେ ମୋଟ ସକ୍ରିୟ ସଂଖ୍ୟା ୭୫୬ ରହିଛି। ଜିଲ୍ଲାରେ ମୋଟ ୧୫,୪୯୮ ଜଣ ଆକ୍ରାନ୍ତଙ୍କ ଚିହ୍ନଟ ହୋଇଥିବା ବେଳେ ୧୪,୬୪୮ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ସରକାରୀ ଭାବେ ଜିଲ୍ଲାରୁ ୯୩ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ ହୋଇଥିବା ରାଜ୍ୟ ଜନସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜଣାପଡିଛି। ଗୋଟେ ପଟେ କରୋନା ଟୀକାର ଅଭାବୀ ଅନ୍ୟପଟେ ସଂକ୍ରମଣ ସଂଖ୍ୟା ଦିନକୁ ଦିନ ବୃଦ୍ଧି। ଜିଲ୍ଲାରୁ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହେବାପରେ କରୋନା ଗ୍ରାଫ ଜିଲ୍ଲାରେ ପୂର୍ବ ଅପେକ୍ଷା ଅଧିକ ଶକ୍ତିଶାଳୀ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ଓ ପ୍ରସାଶନିକ ଅଧିକାରୀଙ୍କ ସ୍ୱତନ୍ତ୍ର ସ୍ୱାର୍ଡ ଗଠନ ହୋଇ ବାରିପଦା ସହର ତଥା ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖି ବ୍ୟବସାୟୀଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କୁ ସଚେତନ କରାଯିବା ସହିତ ମାସ୍କ ଓ ଗାଡି ଚେକିଂ କରାଯାଇ ଜୋରୀମାନା ଆଦାୟ କରାଯାଉଥିଲେ ମଧ୍ୟ କିଛି ଅମାନିଆ କରୋନା କଟକଣା ମାନୁ ନଥିବାର ଦେଖାଯାଉଛି । କରୋନା ଗ୍ରାଫ ଜିଲ୍ଲାରେ ବଢୁଥିବା ଦେଖି ଜିଲ୍ଲାରେ ରହିଥିବା ୫୦ଟି ଆଇସିୟୁ ବେଡ ସଂଖ୍ୟାକୁ ବୃଦ୍ଧି କରାଯାଉଥିବାର ସୂଚନା ମିଳିଥିବା ବେଳେ, ଜରୁରୀ ସେବା ପାଇଂ ଅଧିକ ମୋବାଇଲ ଭ୍ୟାନର ବନ୍ଦୋବସ୍ତ ମଧ୍ୟ କରାଯାଉଛି । ଏହା ସହିତ ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ଜିଲ୍ଲାପାଳ ଓ କିମସ କର୍ତ୍ତୃପକ୍ଷଙ୍କ ମଧରେ ୧୦୦ ଶର୍ଯ୍ୟା ବିଶିଷ୍ଟ କୋଭିଡ ହସ୍ପିଟାଲ ପ୍ରସ୍ତୁତ କରାଯାଇ ଆସନ୍ତା ସୋମବାର କାର୍ଯ୍ୟକାରୀ କରାଯିବ ବୋଲି ଜଣାଯାଇଛି। ଆବଶ୍ୟକ ପଡ଼ିଲେ ବେଡ଼ ସଂଖ୍ୟା ବୃଦ୍ଧି କରାଯିବା ସହିତ ଗୁରୁତର ରୋଗୀଙ୍କୁ ଅତ୍ୟାବଶ୍ୟକ ପଡିଲେ କଟକ ବା ଭୁବନେଶ୍ୱର ସ୍ଥାନାନ୍ତର କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ତେବେ ମୟୂରଭଞ୍ଜ ଜିଲ୍ଲା ପଶ୍ଚିମବଙ୍ଗ ଓ ଝାଡଖଣ୍ଡର ସୀମାନ୍ତ ଅଂଚଳରେ ରହିଥିବାରୁ ସରକାର ଅନ୍ତରାଜ୍ୟ ବସଚଲାଚଳକୁ ନିଷିଦ୍ଧ କରିଥିବା ବେଳେ, କିଛି ଲାଭଖୋର ବସମାଲିକ ଲୋକଙ୍କ ଜୀବନକୁ ବିପର୍ଣ୍ଣ କରି ଲୁଚାଛପାରେ ଅନ୍ତରାଜ୍ୟ ବସ ଚଳାଚଳ ଜାରୀ ରଖିଥିବା ଦେଖାଯାଉଛି । ଜିଲ୍ଲାର ସୀମାନ୍ତ ପ୍ରବେଶ ପଥ ଗୁଡିକରେ ତୀକ୍ଷଣ ନଜର ରଖାଯିବା ସହିତ ଯଦି କରୋନାର ପ୍ରଥମ ଲହର ଭଳି ସମସ୍ତ ପ୍ରବେଶ ପଥକୁ ସିଲ ବା କଡାକଡି ଯାଂଚ ପ୍ରକ୍ରିୟା କରାଯାଏ ତେବେ ଅନ୍ତରାଜ୍ୟ ଗମନାଗମନରେ ରୋକ ଲାଗିପାରିବ ନଚେତ ପଶ୍ଚିମବଙ୍ଗର ସଂକ୍ରମିତ ମାନେ ଜିଲ୍ଲାକୁ ଆସି କରୋନାର ପ୍ରଥମ ଲହରରେ ଯେଭଳି ଜିଲ୍ଲାର କରୋନା ଗ୍ରାଫକୁ ଅହେତୁକ ଭାବରେ ବୃଦ୍ଧି କରିଥିଲେ ସେହିପରି ଏବେ ପଶ୍ଚିମବଙ୍ଗରେ ନିର୍ବାଚନ ସରିବାକୁ ବସିଥିବା ବେଳେ ଜିଲ୍ଲାରେ କାମ କରୁଥିବା ପଶ୍ଚିମବଙ୍ଗର ବହୁ ସଂଖ୍ୟାରେ ପ୍ରବାସୀ ମୟୂରଭଞ୍ଜ ଫେରିବେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ପ୍ରଧାନମନ୍ତ୍ରୀଙ୍କ ସହ ବୈଠକ ବେଳେ ....

ତେବେ ମୁଖ୍ୟମନ୍ତ୍ରୀ ମାନଙ୍କ ସହ ଚର୍ଚ୍ଚାବେଳେ ଅତ୍ୟନ୍ତ କ୍ଷୋଭ ପ୍ରକାଶ କରିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ । ଦେଶରେ ଅକ୍ସିଜେନ୍ ପ୍ଲାଂଟଗୁଡିକୁ ସେନା ନିଜ ନିୟନ୍ତ୍ରଣକୁ ନେବା ଦରକାର ବୋଲି ସେ ପ୍ରସ୍ତାବ ଦେଇଛନ୍ତି । ସେହିପରି ଦିଲ୍ଲୀର ଅନୁରୋଧ କ୍ରମେ କେନ୍ଦ୍ର ସରକାର ଅକ୍ସିଜେନ କୋଟା ବୃଦ୍ଧି କରିବାକୁ ସେ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ତଥାପି ଏହା ପର୍ଯ୍ୟାପ୍ତ ନୁହେଁ ବୋଲି ଅଭିଯୋଗ କରିଛନ୍ତି କେଜ୍ରିୱାଲ । ସେହିପରି ଅକ୍ସିଜେନର ଅଭାବ ଦେଖାଦେଲେ ଓ ଜରୁରିକାଳୀନ ସ୍ଥିତିର ମୁକାବିଲା ପାଇଁ ତୁରନ୍ତ ଅକ୍ସିଜେନ ଆବଶ୍ୟକ ପଡିଲେ ସେ କେନ୍ଦ୍ରରେ କାହାକୁ ଫୋନ କରି ଜଣାଇବେ ବୋଲି ବୈଠକରେ ପ୍ରଶ୍ନ କରିଛନ୍ତି । ଏପରିକି ଦିଲ୍ଲୀକୁ ଆସୁଥିବା ଅକ୍ସିଜେନ ଟ୍ରକକୁ ଅନ୍ୟ ରାଜ୍ୟରେ ଅଟକାଇ ଦିଆଗଲେ କାହାକୁ ଆପତି କରିବେ ବୋଲି ପଚାରିଛନ୍ତି । ଏହାକୁ ନେଇ କେନ୍ଦ୍ର ସରକାର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ସହ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ବୈଠକକୁ କେଜ୍ରିୱାଲ ରାଜନୈତିକ ଉଦ୍ଦେଶ୍ୟରେ ବ୍ୟବହାର କରିଥିବା ଅଭିଯୋଗ ହୋଇଛି । ସେହିପରି ବୈଠକରେ କଣ ଆଲୋଚନା ହେଲା ତାକୁ ସାର୍ବଜନୀନ କରି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଏହାର ଗୋପନୀୟତା ନିୟମକୁ ଉଲ୍ଲଂଘନ କରିଛନ୍ତି । କେନ୍ଦ୍ରର ଏଭଳି ଆପତି ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ପ୍ରଧାନମନ୍ତ୍ରୀଙ୍କୁ କ୍ଷମା ମାଗିଥିବା ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି ।

## ରାଜ୍ୟରେ ଟ୍ରିପଲ ମ୍ୟୁଟାଣ୍ଟ ଚିହ୍ନଟ ....

ମଧ କହିଛନ୍ତି, ଘରୋଇ ହସ୍ପିଟାଲକୁ ରାଜ୍ୟ ସରକାର ଟିକା ଦେବେ ନାହିଁ । ଟିକା ଉତ୍ପାଦନ ସଂସ୍ଥା ଠାରୁ ଘରୋଇ ହସ୍ପିଟାଲ ଟିକା କିଣିବେ । ମୂଲ୍ୟ ନିର୍ଦ୍ଧାରଣ ଅନୁଯାୟୀ ୬୦୦ଟଙ୍କାରେ ଟିକା କିଣିବେ । ଭାରତ ବର୍ଷରେ ବର୍ତ୍ତମାନ ସୁଦ୍ଧା ୧୩ କୋଟିରୁ ଅଧିକ ଟିକା ଦିଆସରିଛି । ଟିକା ନେଲେ ମୃତ୍ୟୁ ହାର କମ ରହିବା ସହିତ ଅଧିକ ସଂକ୍ରମଣ ହେବ ନାହିଁ । ଓଡ଼ିଶାରେ ଟିକାର ପ୍ରଥମ ଡୋଜ ନେଇ ପାଖାପାଖି ୫୦ଜଣ ସଂକ୍ରମଣ ହେଇଛନ୍ତି । ଦ୍ୱିତୀୟ ଡୋଜ ନେଲେ ସଂକ୍ରମଣ ହେବ ନାହିଁ । ରାଜ୍ୟରେ ସପ୍ତାହାନ୍ତ ସଟଡାଉନ୍ ଘୋଷଣା ହୋଇଥିବାରୁ ଶନି ଓ ରବିବାର ଟିକାକରଣ କାର୍ଯ୍ୟକ୍ରମ ବନ୍ଦ ରହିବ । ଟିକାକରଣ ପ୍ରକ୍ରିୟା ସୋମବାର ଠାରୁ ଶୁକ୍ରବାର ଚାଲୁ ରହିବ । ବର୍ତ୍ତମାନ ଟିକା ଅଭାବରୁ ୮୦୦ ସେଣ୍ଟର ବନ୍ଦ ଅଛି । ତେବେ ୧୮ବର୍ଷରୁ ଅଧିକ ବୟସ୍କଙ୍କ ଟିକାକରଣ ମେ ୧ ତାରିଖରୁ ହେବ । ଏନେଇ ଭାରତ ସରକାର ଗାଇଡ଼ ଲାଇନ ଜାରି କଲେ ସେହି ଅନୁସାରେ ଟିକାକରଣ କରାଯିବ ।

## କରାଳ ରୂପ ଦେଖାଉଛି ....

ଭୀଷଣ ସମସ୍ୟା ହେଉଥିଲା । ହେଲେ ଗତକାଲି ରାତି ପ୍ରାୟ ୩ଟାରେ ତାଙ୍କର ଦହୋନ୍ତ ହୋଇଥିବା ଜଣାପଡିଛି । ସେହିପରି କରୋନାରେ ଆଖି ବୁଜିଛନ୍ତି ନିତିଦିନ ଖବରକାଗଜର ଚିକିଟି ପ୍ରତିନିଧି ମନୋଜ କୁମାର ସାହୁ । ସେ ମଧ ବ୍ରହ୍ମପୁର ଏମକେସିଜି କୋଭିଡ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ଶ୍ୱାସକ୍ରିୟାରେ ସମସ୍ୟା ପରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଜଟିଳ ହୋଇପଡିଥିଲା । ଆଜି ଦିନ ୧୦ଟାରେ ସେ ଆଖି ବୁଜିଥିବା ସୂଚନା ମିଳିଛି । ଗତ ମଙ୍ଗଳବାର କରୋନାରେ ଆଖି ବୁଜିଥିଲେ ଅନୁପମ ଭାରତର ସେରଗଡ ବ୍ଲକ ପ୍ରତିନିଧି କରୁଣାକର ସାହୁ । ୫୩ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହୋଇଛି । କରୋନାରେ ଆକ୍ରାନ୍ତ ହୋଇ ଗୁରୁତର ହେବାପରେ ତାଙ୍କୁ ହିଂଜିଳିକାଟୁ ସବ ଡିଭିଜନ ହସ୍ପିଟାଲକୁ ଆଣିଥିଲେ ପରିବାର ଲୋକ । ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । କରୋନା ମହାମାରୀ କାଳରେ ସାମ୍ବାଦିକମାନେ ଆପଣଙ୍କ ପାଖରେ ଟିଖିନିଖି ଖବର ପହଂଚାଇବାକୁ ଆଗ ଧାଡିର ଯୋଦ୍ଧା ଭାବରେ ଅହରହ କାମ କରୁଥିବାବେଳେ କରୋନା ସଂକ୍ରମିତ ହେବା ଓ ଜୀବନ ହରାଇବା ଭଳି ଖବର ନିଶ୍ଚିତ ଚିନ୍ତାଜନକ ।

## ଆସିଲା କରୋନାର ନୂଆ ଔଷଧ....

ରୋଗୀଙ୍କୁ ଶକ୍ତି ଦେଇଥାଏ, ଅକ୍ସିଜେନର ଆବଶ୍ୟକତାକୁ କମାଇଥାଏ, ରୋଗୀଙ୍କୁ କଷ୍ଟ କମ ହୁଏ, କଂପାନୀର ଦାବି – ଔଷଧ ବ୍ୟବହାରର ୭ ଦିନରେ ୯୧ ପ୍ରତିଶତ ରୋଗୀଙ୍କ ଆରଟି-ପିସିଆର ଟେଷ୍ଟ ରିପୋର୍ଟ ଆସିଛି ନେଗେଟିଭ୍ । ତେବେ ଡାକ୍ତରଙ୍କ ପରାମର୍ଶ ପରେ ହିଁ ଭିରାଫିନକୁ ବ୍ୟବହାର ପାଇଁ ଅନୁମତି ମିଳିବ । ଏହି ଔଷଧ ହେପାଟାଇଟିସ୍ ବି ଓ ସି ରୋଗରେ ଆକ୍ରାନ୍ତଙ୍କୁ ଦିଆଯାଏ । ତେବେ କରୋନା ଚିକିତ୍ସାରେ ଏହାର ପ୍ରଭାବ ନେଇ ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ଟ୍ରାଏଲ କରାଯାଇଛି । ଭାରତର ୨୫ଟି କେନ୍ଦ୍ରରେ ପ୍ରାୟ ୨୫୦ ଜଣ ରୋଗୀଙ୍କ ଠାରେ ଏହାର ପ୍ରୟୋଗ କରାଯାଇଥିଲା । ଏହାର ଫଳ ବେଶ ସକରାତ୍ମକ ରହିଛି ବୋଲି ଦାବି କରିଛି 'ଭିରାଫିନ୍'ର ନିର୍ମାତା ଜାଇଡସ୍-କାଡିଲା ।

## ଇସ୍ପାତ କାରଖାନାରୁ ମେଡିକାଲ ....

କାରଖାନା ଓ ଟାଟା ଷ୍ଟିଲର କଳିଙ୍ଗ ନଗର କାରଖାନାରୁ ଦିଲ୍ଲୀକୁ ମେଡିକାଲ ଅକ୍ସିଜେନ ଯୋଗାଇ ଦିଆଯାଉଛି । ଅନ୍ୟପଟେ ଗତକାଲି ଭାଇଜାଗର ରାଷ୍ଟ୍ରୀୟ ଇସ୍ପାତ ନିଗମ ଲିମିଟେଡରୁ ଏକ ଅକ୍ସିଜେନ ବୋଝେଇ ଟ୍ରେନ ମହାରାଷ୍ଟ୍ରକୁ ପଠାଯାଇଥିବା କଥା କହିଛନ୍ତି ଶ୍ରୀ ପ୍ରଧାନ । ଆଜି ବୋକାରୋ ଇସ୍ପାତ କରାଖାନାରୁ ଅନ୍ୟ ଏକ ଅକ୍ସିଜେନ ବୋଝେଇ ଟ୍ରେନ ଉତରପ୍ରଦେଶକୁ ପଠାଯାଇଛି । ବର୍ତମାନର କଠିନ ସମୟରେ ଇସ୍ପାତ କମ୍ପାନୀମାନେ ଏକାଠି ହେବା ସହ ଦେଶର ଆହ୍ୱାନ କ୍ରମେ ମେଡିକାଲ ଅକ୍ସିଜେନ ଉତ୍ପାଦନ ପାଇଁ ଅକ୍ଲାନ୍ତ ଉଦ୍ୟମ କରୁଥିବାରୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି ।

## ସୁପ୍ରିମକୋର୍ଟଙ୍କ କୋଭିଡ ମାମଲାର ....

ଏହାକୁ ଏଡାଇବାକୁ 'ଆମିକସ୍ କ୍ୟୁରି' ପଦବୀର ଓହରି ଯିବାକୁ ସାଲଭେ ଅଦାଲତଙ୍କ ଅନୁମତି ମାଗିଥିଲେ । ଅନ୍ୟପଟେ ମୁଖ୍ୟ ବିଚାରପତି ଏସ୍ ଏ ବୋବଡେ କହିଛନ୍ତି କି ଏବେ ଆମେ ଚିହ୍ନି ନଥିବା ଜଣେ ଆଡଭୋକେଟଙ୍କୁ 'ଆମିକସ୍ କ୍ୟୁରି' ଭାବେ ନିଯୁକ୍ତ କରିବାକୁ ସନ୍ଧାନ ନେବୁ । ସେପଟେ ଆସନ୍ତା ମଙ୍ଗଳବାର ଦିନ ଏହି ମାମଲାର ଶୁଣାଣି କରାଯିବ ବୋଲି ଖଣ୍ଡପୀଠ ଦିନ ଧାର୍ଯ୍ୟ କରିଛନ୍ତି ।

## ଗୋଟିଏ ଦିନରେ ୬୨୧୫....

ଗଞ୍ଜାମରୁ ୬୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୬୨ ଜଣ, ଯାଜପୁରରୁ ୮୫ ଜଣ, ଝାରସୁଗୁଡ଼ାରୁ ୨୬୧ଜଣ, କଳାହାଣ୍ଡିରୁ ୬୮୨ ଜଣ, କନ୍ଧମାଳ ଜିଲ୍ଲାରୁ ୩୪ ଜଣ. କେନ୍ଦ୍ରାପଡ଼ାରୁ ୪୧ ଜଣ, କେନ୍ଦୁଝରରୁ ୧୫୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୯୫୦ ଜଣ, କୋରାପୁଟରୁ ୫୮ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୨୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୧୧୫ ଜଣ, ନବରଙ୍ଗପୁରରୁ ୨୫୭ ଜଣ, ନୟାଗଡ଼ରୁ ୮୨ ଜଣ, ନୂଆପଡ଼ାରୁ ୪୪୬ ଜଣ, ପୁରୀରୁ ୩୦୬ ଜଣ, ରାୟଗଡ଼ାରୁ ୭୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୨୬୩ ଜଣ, ସୋନପୁରରୁ ୬୫ ଜଣ, ସୁନ୍ଦରଗଡ଼ରୁ ୬୮୪ ଜଣ ଓ ଷ୍ଟେଟ୍ ପୁଲରୁ ୧୯୩ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

# କେନ୍ଦ୍ର କୋଇଲା ଓ ଖଣିମନ୍ତ୍ରୀଙ୍କୁ ପତ୍ର ଲେଖିଲେ କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର,୨୩/୦୪ (ନି.ପ୍ର): ଏପ୍ରିଲ ୨୩ - ଅନୁଗୁଳ ଜିଲ୍ଲାରେ ବଢୁଥିବା କୋଭିଡ୍-୧୯ ମାମଲାକୁ ଦୃଷ୍ଟିରେ ରଖି ତାଳଚେର ସ୍ଥିତ ଏମସିଏଲ୍ ହସ୍ପିଟାଲକୁ କୋଭିଡ୍-୧୯ ହସ୍ପିଟାଲରେ କାର୍ଯ୍ୟ କରିବା ପାଇଁ ଅନୁମତି ଦେବା ସହ ଖୁବ ଶୀଘ୍ର ଏହି ହସ୍ପିଟାଲରେ ଆଇସିୟୁ ସୁବିଧା ଓ ୧୦୦ଟି ଭେଂଟିଲେଟର ବ୍ୟବସ୍ଥା କରିବା ପାଇଁ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ବର୍ତ୍ତମାନ ଭାରତ କୋଭିଡ-୧୯ର ଦ୍ୱିତୀୟ ଲହରୀ ସହ ଲଢ଼େଇ କରୁଛି। ଭାରତର ଟିକାକରଣ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ନିଆଯାଇଥିବା ବଳିଷ୍ଠ ପଦକ୍ଷେପକୁ ସମର୍ଥନ କରିବା ପାଇଁ ତଥା ଦେଶରେ ଦ୍ରୁତ ଗତିରେ ବଢୁଥିବା କୋଭିଡ -୧୯ ର ମାମଲା ଗୁଡ଼ିକର ଚିକିତ୍ସା ପାଇଁ ସମସ୍ତ ଉପଲବ୍ଧ ସ୍ୱାସ୍ଥ୍ୟ ଭିତିଭୂମିକୁ ବୃଦ୍ଧି କରିବା ଆବଶ୍ୟକ। ଓଡ଼ିଶାରେ କୋଭିଡ୍ ମାମଲା ଦ୍ରୁତ ଗତିରେ ବଢୁଥିବା ବେଳେ ନିକଟରେ ଦୈନିକ ନୂଆ ସଂକମ୍ରଣ ୪ ହଜାର ୭୬୧କୁ ବୃଦ୍ଧି ପାଇଛି। ଅନୁରୂପ ଭାବେ ପତ୍ର ଲେଖିବା ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୪୫୩ଟି ସକ୍ରିୟ କୋଭିଡ୍ ମାମଲା ରହିଥିବା ବେଳେ ପ୍ରତିଦିନ ୮୧ରୁ ଅଧିକ ନୂଆ କୋଭିଡ୍ ରୋଗୀ ଚିହ୍ନଟ ହେଉଛନ୍ତି। କୋଭିଡର ପ୍ରଥମ ଲହରି ବେଳେ ୧୪୪ ବିଶିଷ୍ଟ ଶଯ୍ୟା ବିଶିଷ୍ଟ ଏବଂ ୬ଟି ଆଇସିୟୁ ୟୁନିଟ୍ ସହ ତାଳଚେର ସ୍ଥିତ ଏମସିଏଲ୍ ହସ୍ପିଟାଲ କୋଭିଡ୍ ହସ୍ପିଟାଲ ଭାବରେ କାର୍ଯ୍ୟ କରୁଥିଲା। ତେଣୁ ବର୍ତମାନ ସମୟରେ କୋଭିଡ୍-୧୯ ମାମଲା ବ୍ୟାପକ ହେଉଥିବା ଏହି ହସ୍ପିଟାଲକୁ ୧୦୦ଟି ଭେଂଟିଲେଟର ପ୍ରଦାନ କରାଗଲେ କୋଭିଡ୍ ରୋଗୀମାନେ ବିଶେଷ ଭାବେ ଉପକୃତ ହୋଇପାରିବେ। ଅନୁଗୁଳ ଜିଲ୍ଲାରେ କୋଭିଡ୍ ମାମଲା ବଢୁଥିବା ବେଳେ ଏଠାରେ ଜରୁରୀକାଳୀନ ମେଡ଼ିକାଲ ଭିତିଭୂମିକୁ କାର୍ଯ୍ୟକ୍ଷମ କରିବା ଅତ୍ୟନ୍ତ ଆବଶ୍ୟକ। ସେଥିପାଇଁ ତାଳଚେର ସ୍ଥିତ ଏମସିଏଲ୍ ହସ୍ପିଟାଲରେ ଆଇସିୟୁ ସୁବିଧା ସହ କୋଭିଡ୍ ହସ୍ପିଟାଲ ଭାବେ ଘୋଷଣା କରିବା ପାଇଁ ବିଭାଗୀୟ କେନ୍ଦ୍ରମନ୍ତ୍ରୀଙ୍କ ବ୍ୟକ୍ତଗତ ହସ୍ତକ୍ଷେପ ଲୋଡ଼ିଛନ୍ତି ଶ୍ରୀ ପ୍ରଧାନ।

# ରେଳଷ୍ଟେସନ୍‌ରେ ପଶ୍ଚିମବଙ୍ଗ ଫେରନ୍ତାଙ୍କ ଉପରେ କଡା ନଜର

ଭୁବନେଶ୍ୱର,୨୩/୦୪ (ନି.ପ୍ର): ପଶ୍ଚିମବଙ୍ଗରେ ଟ୍ରିପଲ ମ୍ୟୁଟେଂଟକୁ କଡା ଆଭିମୁଖ୍ୟକୁ ଦୃଷ୍ଟିରେ ରଖି ରେଳଷ୍ଟେସନ୍ ରେ ଯାଂଚକୁ କଡାକଡି କରାଯାଇଛି। ଭୁବନେଶ୍ୱର ରେଳ ଷ୍ଟେସନରେ ବିଏମସି ସହ ସମନ୍ୱୟ ରକ୍ଷା କରି ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଏବଂ ଯାତ୍ରୀଙ୍କ ଦୃଷ୍ଟିରୁ ଆବଶ୍ୟକୀୟ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି କହିଛନ୍ତି ଭୁବନେଶ୍ୱର ରେଳ ଷ୍ଟେସନର ଷ୍ଟେସନ ନିର୍ଦ୍ଦେଶକ ଚିତରଞ୍ଜନ ନାୟକ। ସେ କହିଛନ୍ତି ଯେ ପଶ୍ଚିମବଙ୍ଗରୁ ଭୁବନେଶ୍ୱର ଭାୟା ହୋଇ ତିରିଶଟି ଗାଡି ଯାତାୟାତ କରୁଛି। ସେଥିରୁ ୯ଟି ଟ୍ରେନରେ ପାଂଚରୁ ସାତ ହଜାର ଯାତ୍ରୀ ଭୁବନେଶ୍ୱର ଷ୍ଟେସନରୁ ଯିବା ଆସିବା କରୁଛନ୍ତି। ଛ ନମ୍ବର ପ୍ଲାଟଫର୍ମ ବନ୍ଦ ଥିବାବେଳେ ଏକ ନମ୍ବର ପ୍ଲାଟଫର୍ମ ଦେଇ ପ୍ରବେଶ ଓ ପ୍ରସ୍ଥାନ ହେଉଛି। ତେଣୁ ଉଭୟ ଫାଟକରେ ବିଏମସି ସ୍ୱତନ୍ତ୍ର ଟିମ ଓ ଆରପିଏଫ ନିୟୋଜିତ ଅଛନ୍ତି।

# ଜିଲ୍ଲାରେ ପର୍ଯ୍ୟାପ୍ତ କରୋନା ଟିକା ମହାଜୁଦ ଦାବି

ବାଲେଶ୍ୱର,୨୩/୦୪ (ନି.ପ୍ର): ଦ୍ୱିତୀୟ ଲହରରେ ଦ୍ରୁତଗତିରେ ବାଲେଶ୍ୱରରେ ହେଉଥିବା କରୋନା ସଂକ୍ରମଣକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ସରକାରୀ ମେଡ଼ିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତାମାନେ। ଦ୍ୱିତୀୟ ଲହରରେ କରୋନା ଭୂତାଣୁ ଅତ୍ୟନ୍ତ ଭୟାବହ ହୋଇଥିବା ବେଳେ ଏହାକୁ ପ୍ରତିହତ ପାଇଁ ସବୁ ମହଲରୁ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଛନ୍ତି ସେମାନେ। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କ୍ରିୟାନୁଷ୍ଠାନ କମିଟିର ସଭାପତି ମମତା ମହାପାତ୍ର, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା, ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ଉପସଭାପତି ପ୍ରଭାକର ସାହୁ ଓ ନିରଞ୍ଜନ ରାଉତ, ଜନସମ୍ପର୍କ ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ, ଉପଦେଷ୍ଟା ବନମାଳୀ ନାୟକଙ୍କ ସମେତ ସୁଜାତାରାଣୀ ପଣ୍ଡା, ଜୟନ୍ତୀ ମହାନ୍ତି, ପୁରୁଷୋତ୍ତମ ବେହେରା ପ୍ରମୁଖ ଯୋଗଦେଇ କରୋନାର ଦ୍ୱିତୀୟ ଲହରକୁ ସଫଳତାର ସହ ମୁକାବିଲା କରିବା ପାଇଁ ଜିଲ୍ଲା ପ୍ରଶାସନକୁ ଦିଆଯାଇଥିବା ପ୍ରସ୍ତାବ ସମ୍ପର୍କରେ ଆଲୋକପାତ କରିଥିଲେ। କୋଭିଡ ସେଂଟର ଗୁଡ଼ିକ ଓ କୋଭିଡ ହସପିଟାଲକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ୧୦୦ଶଯ୍ୟା ଥିବା ସେଂଟରଗୁଡ଼ିକରେ ଅଶୀ ଶତାଂଶ ଶଯ୍ୟା ଅକ୍ସିଜେନ ଚିକିତ୍ସାର ଅତ୍ୟାଧୁନିକ ବ୍ୟବସ୍ଥା କରିବା ପାଇଁ କମିଟି ପକ୍ଷରୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି । ଜିଲାରେ ମାତ୍ର ୪୦ଗୋଟି ଭେଂଟିଲେଟର ଥିବା ବେଳେ ଏହି ସଂଖ୍ୟାକୁ ଯଥେଷ୍ଟ ବୃଦ୍ଧି ପାଇଁ ସରକାରଙ୍କ ତରଫରୁ ଘୋଷଣା ମୁତାବକ ପ୍ରତ୍ୟେକ ଜିଲ୍ଲା ପରିଷଦ ଜୋନ ଅଧୀନରେ କୋଭିଡ଼ ସେଂଟର ପ୍ରତିଷ୍ଠା ଜରୁରୀ ଏବଂ ଉକ୍ତ ସ୍ଥାନରେ ଅଧିକ ଟେଷ୍ଟିଂ କରାଯିବାକୁ ଦାବି କରାଯାଇଛି । ଜିଲାରେ ଅଧିକାଂଶ କେନ୍ଦ୍ରରେ ଟିକାର ଅଭାବ ପରିଲକ୍ଷିତ ହେଉଥିବା ବେଳେ ଆସନ୍ତା ମଇ ପହିଲାରୁ ଯୁବବର୍ଗଙ୍କୁ ଟିକାକରଣ ପୂର୍ବରୁ ଆବଶ୍ୟକୀୟ ପର୍ଯ୍ୟାପ୍ତ ପରିମାଣରେ ଟିକା ମହଜୁଦ ରଖିବାକୁ ସରକାରଙ୍କୁ ନିବେଦନ କରାଯାଇଛି । କ୍ରିୟାନୁଷ୍ଠାନ କମିଟି ତରଫରୁ ଜନସାଧାରଣ ସରକାରୀ କଟକଣା ଓ ନିର୍ଦ୍ଦେଶକୁ ନିଷ୍ଠାର ସହ ମାନିବାକୁ ନିଜ ଅଂଚଳରେ କମିଟିର ସଦସ୍ୟ/ସଦସ୍ୟାମାନେ ସ୍ଥାନୀୟ ସ୍ୱାସ୍ଥ୍ୟ କର୍ମୀମାନଙ୍କ ସହାୟତା ଓ ସହଯୋଗ ନେବାକୁ ନିବେଦନ କରାଯାଇଛି ।

## କୋଭିଡ ଯୋଦ୍ଧା ବିରାମ ସରେନଙ୍କ କୋଭିଡରେ ମୃତ୍ୟୁ

ବାରିପଦା,୨୩/୦୪ (ନି.ପ୍ର): କୋଭିଡ ଯୋଦ୍ଧା ଭାବରେ ସମ୍ମୁଖ ଭାଗରେ ରହି କାର୍ଯ୍ୟ ସମ୍ପାଦନ କରୁଥିବା ବାରିପଦାର ରିଜର୍ଭ ପୋଲିସ କନଷ୍ଟେବଳ ବିରାମ ସରେନଙ୍କ କୋଭିଡରେ ମୃତ୍ୟୁ ଘଟିଥିବାର ସୂଚନା ମିଳିଛି। ବାରିପଦାର ରିଜର୍ଭ ପୋଲିସ କାର୍ଯ୍ୟାଳୟରେ କନଷ୍ଟେବଳ ଭାବେ କାର୍ଯ୍ୟରତ ଥିବା ସମୟରେ ସେ ଜାମଦା ଥାନାରେ ଡ୍ୟୁଟି କରୁଥିବା ସମୟରେ ୮/୧୦ ଦିନ ତଳେ କୋଭିଡ ଆକ୍ରାନ୍ତ ହୋଇ ଗୁରୁତର ହେବାରୁ କଟକ ଏସସିବି ମେଡିକାଲ କଲେଜରେ ରହି ଚିକିତ୍ସିତ ହେଉଥିଲେ। ବାରିପଦା ପୋଲିସ ପକ୍ଷରୁ ତାଙ୍କର ମୃତ୍ୟୁରେ ଶୋକ ପ୍ରକାଶ କରାଯାଇଥିବା



ବେଳେ, କଟକ ଏସସିବି ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଥିବାରୁ ସ୍ୱତନ୍ତ୍ର ଗାଡି ଯୋଗେ ତାଙ୍କ ମର ଶରୀରକୁ ବାରିପଦା ଅଣା ଯାଉଥିବାର ଜଣାଯାଇଛି । ଆସନ୍ତା କାଲି ସକାଳେ ତାଙ୍କୁ ବାରିପଦା ରିଜର୍ଭ ପୋଲିସ ପଡିଆ ଠାରେ ଗାର୍ଡ ଅଫ ଅନର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଜଣାଯାଇଛି ।

## ବାଇକ ଦୁର୍ଘଟଣାରେ ୧ ଗୁରୁତର

ଖଇରା,୨୩/୪(ନିପ୍ର) ଖଇରା ଫତେପୁର ରାସ୍ତାର ସାରକୋଣା କେନାଲ ବନ୍ଧରେ ୨ ବାଇକ ମଧ୍ୟରେ ମୁହାଁ ମୁହିଁ ଧକ୍କା ଯୋଗୁଁ ଜଣେ ଗୁତରୁତର ହୋଇଛନ୍ତି । ନୂଆଗାଁ ବଡ ଗ୍ରାମର ବାଦଲ ଲେଙ୍କା ବାଇକରେ ଯାଉଥିଲା ବେଳେ ଲୁଣିପଦା ଗ୍ରାମର ଜୀବନ ମୁଖୀ ତାଙ୍କୁ ଅଗରୁ ଧକ୍କା ଦେଇଥିଲେ। ଯାହା ଫଳରେକି ବାଦଲ ଗାଡି ସହ ଛିଟିକ ପଡିଥିଲେ। ଖବର ପାଇ ଖଇରା ଦମକଳ ବାହିନୀ ଘଟଣା ସ୍ଥଳରୁ ଉଦ୍ଧାର କରି ଖଇରା ମେଡିକାଲକୁ ଆଣିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ମେଡିକାଲ କୁ ପଠାଇ ଦିଆ ଯାଇଛି ।

# ବାରିପଦା ସାପ୍ତାହିକ ହାଟରେ ପ୍ରବଳ ଭିଡ

## ସାମାଜିକ ଦୂରତା ରହୁନି କି ମାସ୍କ ଠିକ୍‌ରେ ପିନ୍ଧୁ ନାହାନ୍ତି ଲୋକେ

ବାରିପଦା,୨୩/୦୪ (ନି.ପ୍ର): ଜିଲ୍ଲାରେ କରୋନା ପରିସ୍ଥିତି ଦିନକୁ ଦିନ ସଙ୍ଗୀନ ହେଉଥିବା ବେଳେ, ଜିଲ୍ଲା ପ୍ରସାଶନ ଓ ପୋଲିସ ପ୍ରସାଶନ ପକ୍ଷରୁ ଲୋକଙ୍କୁ ସାମାଜିକ ଦୂରତା ନିୟମ ଓ ମାସ୍କ ପିନ୍ଧିବା ଉପରେ ସଚେତନତା କରାଯିବା ସହିତ ଅମାନିଆଙ୍କୁ ରାସ୍ତାଘାଟରେ ଧରି ପୋଲିସ ଫାଇନ କରୁଥିବାର ଦେଖାଯାଉଛି । ତେବେ ବାରିପଦା ସହରର ଷ୍ଟେସନ ବଜାର ସ୍ଥିତ ସାପ୍ତାହିକ ହାଟ ସପ୍ତାହର ରବିବାର ଓ ଗୁରୁବାର ରେ ବସୁଥିବା ବେଳେ, ଆଜି ହାଟରେ ନା ଦେଖାଯାଇଥିଲା ସାମାଜିକ ଦୂରତା ନା ଲୋକେ ଠିକରେ ମାସ୍କ ପିନ୍ଧିଥିଲେ। ବେପରୁଆ ଭାବରେ ଲୋକେ ଏବେବି ଚଳପ୍ରଚଳ କରୁଥିବାରୁ କରୋନା



ସଂକ୍ରମଣ ଉଗ୍ରରୂପ ନେବାକୁ ଅଧିକ ସମୟ ନେବ ନାହିଁ ବୋଲି କୁହାଯାଉଛି । ତେବେ କରୋନାର ପ୍ରଥମ ଲହର ପରି ବର୍ତ୍ତମାନ ସମୟରେ ବାରିପଦା ସାପ୍ତାହିକ ହାଟକୁ ତକତପୁର ସ୍ଥିତ ବାରିପଦା ଆରଏମସି ପଡିଆକୁ ସ୍ଥାନାନ୍ତର କରିବାକୁ ଦାବୀ ହେଉଛି । ଏହି ସପ୍ତାହିକ ହାଟକୁ ତକତପୁର ସ୍ଥିତ ଆରଏମସି ହାଟ ପଡିଆକୁ ଉଠାଇ ନେବାର ବିଧିବଦ୍ଧ ନୋଟିସ ଜାରୀ ହୋଇଥିଲେ ମଧ୍ୟ ଏବଂ ତକତପୁର ଠାରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରି ହାଟର ଭିତ୍ତିଭୂମୀ ନିର୍ମାଣ କରାଯାଇଥିଲେ ମଧ୍ୟ ତାହା ସଠିକ କାମରେ ଲାଗୁନାହିଁ । ଦୋକାନୀ ମାନେ ସେଠାକୁ ବ୍ୟବସାୟ ପାଇଁ ଯାଉନାହାନ୍ତି କି ପ୍ରସାଶନ ପକ୍ଷରୁ ମଧ୍ୟ ହାଟ ସ୍ଥାନାନ୍ତର ପାଇଁ ଠୋସ ପଦକ୍ଷେପ ଦୁଇ ବର୍ଷ ଭିତରେ ନିଆଯାଇ ନାହିଁ । ଏଣୁ ବର୍ତ୍ତମାନ ସେହି ଫାଙ୍କା ସ୍ଥାନକୁ ପ୍ରସାଶନ ପକ୍ଷରୁ ସାପ୍ତାହିକ ହାଟକୁ ଉଠାଇ ନେବାକୁ ବୁଦ୍ଧିଜିବୀ ମହଲରେ ଦାବୀ ହେଉଛି ।

## ମହାରାଷ୍ଟ୍ରରେ ଅଗ୍ନିକାଣ୍ଡରେ କୋଭିଡ ରୋଗୀଙ୍କର ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ଦୁଃଖ ପ୍ରକାଶ

ଭୁବନେଶ୍ୱର,୨୩/୦୪ (ନି.ପ୍ର): ମହାରାଷ୍ଟ୍ରରେ ଅଗ୍ନିକାଣ୍ଡରେ କୋବିଡ ରୋଗୀଙ୍କର ମୃତ୍ୟୁ ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସେ ଟ୍ୱିଟ୍ କରି କହିଛନ୍ତି ଯେ ଏହି ଦୁର୍ଘଟଣାରେ ଲୋକ ମାନଙ୍କର ଜୀବନ ଚାଲିଯିବା ଘଟଣା ବିଷୟରେ ଜାଣି ସେ ଦୁଃଖୀ । ଶୋକ ସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ବ୍ୟକ୍ତ କରିବା ସହ ଆହତ ମାନଙ୍କର ଆଶୁ ଆରୋଗ୍ୟ କାମନା କରୁଛି ବୋଲି ସେ କହିଛନ୍ତି ।

# ଖଇରାରେ କରୋନା ୧୭୧ ଚିହ୍ନଟ

ଖଇରା,୨୩/୪(ନିପ୍ର) ଖଇରା ବ୍ଲକ ରେ ଆଜି ସୁଧା ୧୭୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ମାତ୍ର ପ୍ରଶାସନ ର ଆଖି ଦୃଶିଆ ପଦ କ୍ଷେପ ନେଉ ନଥିବାର ଦେଖିବାକୁ ମିଳିଛି । କିଛି ଦିନ ପୂର୍ବରୁ ଯାତ୍ରା ପରିବେଷଣ ଖଇରା ଅଂଚଳରେ ହୋଇଥିବାରୁ ସଂକ୍ରମଣ ଅଧିକ ହେଉଥିବାର ସାଧାରଣରେ ଚର୍ଚ୍ଚା ହେଉଛି । ଗତ ୨୩ ଦିନ ମଧ୍ୟରେ ୧୦୫୨ ଜଣଙ୍କର ଆଣ୍ଟିଜେନ ପରୀକ୍ଷା କରିଥିବା ବେଳେ ସେଥି ମଧ୍ୟରୁ ଆଜି ଶୁକ୍ରବାର ସୁଧା୧୭୧ ଜଣ ପଜିଟିଭ ହେବା ନେଇ ସାଧାରଣରେ ଆତଙ୍କିତ ଦେଖା ଦେଇଛି । ଖଇରା ଗ୍ରାମାଞ୍ଚଳ ହୋଇ ଥିବାରୁ ପ୍ରଶାସନ ପକ୍ଷରୁ ଶନିବାର ଓ ରବିବାର ସଟଡାଉନ ହେବ ନାହିଁ ବୋଲି ତହସିଲଦାର ପ୍ରଦିପ କୁମାର ସାହୁ ପ୍ରକାଶ କରିଛନ୍ତି । ଜନ ଗହଳି ସ୍ଥାନ, ବିଭିନ୍ନ ସାପ୍ତାହିକ ହାଟ.ପରିବା ବଜାରରେ ସାମାଜିକ ଦୂରତ୍ୱ ସାଙ୍ଗକୁ ମାସ୍କ ପିନ୍ଧ ବାକୁ ଗୁରୁତ୍ୱ ଦିଆ ଯିବ ବୋଲି ଶ୍ରୀ ସାହୁ ପ୍ରକାଶ କରିଛନ୍ତି । ସେହିପରି ହୋଟେଲ ଓ ଢାବରେ ବସି ଖାଇବାକୁ ବାରଣ କରାଯାଇଥିବା ବେଳେ ଖାଦ୍ୟ ପାର୍ସଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ବାଲିଆପାଳର ବିଶିଷ୍ଟ ରାଜନେତା ତଥା ସାହିତ୍ୟିକ କୁମାର ଚକ୍ରବର୍ତ୍ତୀଙ୍କ ପରଲୋକ

ବାଲିଆପାଳ,୨୩/୦୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକର ଜଣେ ନିଷ୍କଳଙ୍କ ରାଜନେତା ତଥା ସାହିତ୍ୟିକ କୁମାର ଚକ୍ରବର୍ତ୍ତୀଙ୍କର ଗୁରୁବାର ରାତ୍ରୀରେ ପରଲୋକ ହୋଇଯାଇଛି ।ରାତ୍ରୀ ପ୍ରାୟ ୧୦ଟା ୩୦ ମିନିଟ ସମୟରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ ।ପରିବାର ଲୋକେ ତାଙ୍କୁ ସ୍ଥାନୀୟ ଇଡକୋ ଡାକ୍ତରଖାନାକୁ ନେଇଯାଇଥିଲେ ଚିକିତ୍ସାଧୀନ ଅବସ୍ଥାରେ ହୃଦଘାତରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । କରୋନା କଟକଣା ସତ୍ତ୍ୱେ ତାଙ୍କ ମୃତ୍ୟୁ ଖବର ପାଇ ଆଜି ସକାଳେ ତାଙ୍କର ହାସିମପୁରସ୍ଥିତ ବାସଭବନରେ ବହୁ ଅନୁଗାମୀ, ରାଜନେତା, ଲେଖକ, ସାମ୍ବାଦିକଙ୍କ ସୁଅ ଛୁଟିଥିଲା । ପୂର୍ବତନ ସାଂସଦ ଖାରବେଳ ସ୍ୱାଇଁ, ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତି, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ବିଜେଡି ନେତା ବଳରାମ ସାହୁ, ବିଜେପି ନେତା ଅରବିନ୍ଦ ବେହେରା, ପୂର୍ବତନ



ମଧୁପୁରା ସରପଞ୍ଚ ମୁରଲୀ ମୋହନ ସାହୁ, ବିଜେଡି ବ୍ଲକ ସଭାପତି ଗୋବିନ୍ଦ ଦାସ, ମଧୁପୁରା ସରପଞ୍ଚ ଦୋଳ ଗୋବିନ୍ଦ ମୁର୍ମୁ, ସମିତି ସଦସ୍ୟ ପ୍ରତିନିଧି ମନ୍ମଥ ବାରିକ, ବିଜେଡି କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ଅଜୟ ସାମଲ, ଇଂ ସୁଶାନ୍ତ ଚକ୍ରବର୍ତ୍ତୀ, ନିଳାମ୍ବର ସାହୁ, ଓଡିଶା ସାହିତ୍ୟଏକାଡେମୀ ସଦସ୍ୟ କବି କାଳିପଦ ପଣ୍ଡା, ଅଧ୍ୟାପକ ସୁକାନ୍ତ କୁମାର ଗିରି, କବି ବ୍ରଜେନ୍ଦ୍ରନାଥ ଗିରି, ପୂର୍ବତନ ସମିତି ସଦସ୍ୟ ଶ୍ରୀଧର ବିଶ୍ୱାଳ, ସାମ୍ବାଦିକ ରାଧାକୃଷ୍ଣ ସାହୁ, ଅଜୟ କୁମାର ସାହୁ, ସନ୍ୟାସୀ ବେହେରା, କବି ବ୍ରଜେନ୍ଦ୍ର ନାଥ ଗିରି, ବ୍ୟୋମକେଶ ସାହୁ, ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ, ଉଦୟନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ରାଉତ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଂଚି ଶେଷ ଦର୍ଶନ କରିବା ସହ ମର ଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସେହିପରି କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଶ୍ୟାମାପ୍ରସାଦ ବେହେରା, ପ୍ରମେୟ ଉତ୍ତର ଓଡିଶା ମୁଖ୍ୟ ସତ୍ୟଶିବ ଦାସ, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ବରିଷ୍ଠ ନାଗରିକ ପରିଷଦର ସଭାପତି ନାରାୟଣ ପ୍ରସାଦ ସାହୁ, ଜ୍ୟୋର୍ତିବିଦ ତ୍ରିଲୋଚନ ଖଣ୍ଡା, ନଳିନୀକାନ୍ତ ପାଢୀ ସମେତ ବହୁ ବିଶିଷ୍ଟ ସାହିତ୍ୟିକ ତାଙ୍କର ଶୋକ ବାର୍ତ୍ତାରେ ବାଲିଆପାଳ ଜଣେ ଦକ୍ଷ ନେତା ଏବଂ ବରପୁତ୍ରକୁ ହରାଇଲା ବୋଲି ମତ ଦେବା ସହ ତାଙ୍କ ଅମର ଆତ୍ମାକୁ ସଦଗତି କାମନା କରିଛନ୍ତି । ଏହି ଦୁଃଖ ସମୟରେ ଭଗବାନ ତାଙ୍କ ପରିବାର ଧୈର୍ଯ୍ୟ ଏବଂ ସାହାସ ଦିଅନ୍ତୁ ବୋଲି ସମବେଦନା ଜଣାଇଛନ୍ତି । କୁମାରବାବୁଙ୍କ ରାଜନୀତି ଜୀବନ ଥିଲା ବହୁ ସଂଘର୍ଷମୟ । ୧୯୭୮ରେ ଅଧ୍ୟାପନା ଚାକିରୀ ଛାଡି ସେ କଂଗ୍ରେସ ଦଳରେ ପ୍ରବେଶ କରିଥିଲେ । ବିଗତ ୧୦ ବର୍ଷ ଧରି ସେ ବିଭିନ୍ନ ପୁସ୍ତକ ଲିଖନ ଏବଂ ସାହିତ୍ୟ କାର୍ଯ୍ୟକ୍ରମରେ ଭାଗ ନେଉଥିଲେ । ୨୦୧୫ରେ ଧ୍ୱନିପ୍ରତିଧ୍ୱନି ପକ୍ଷରୁ ତାଙ୍କୁ 'ବାଲେଶ୍ୱର ବରପୁତ୍ର' ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ୨୦୧୮ ରେ ସାହିତ୍ୟକୃତି ପାଇଁ ଓଡିଶା ସାହିତ୍ୟ ଏକାଡେମୀ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ତାଙ୍କ ଲିଖିତ ଗଳ୍ପ ପୁସ୍ତକ ଷୋଡଷୀ, ନିଧୁ ବନର ରାଧା, ପ୍ରେମ ପାଞ୍ଚଜନ୍ୟ, ଡେଜାର ଟ୍ରେଡ ଭିଲ୍ଲା, କବିତା ପୁସ୍ତକ ଗିତିଭାରତୀ, ଝରାପାଖୁଡା, ମଗ୍ନ ମନର ଫୁଲ ବିଥି, ପ୍ରିୟା, ପ୍ରବନ୍ଧ ରଚନା ଆଲୋଚନା ସମାଲୋଚନା ଏବଂ ତାଙ୍କର ୭୦୦ ପୃଷ୍ଠ ସମ୍ବଳିତ ଆତ୍ମଜିବନୀ ବ୍ୟର୍ଥ ଉପତ୍ୟାକାର ସୌଦାଗର ଥିଲା ଅନବେଦ୍ୟ କୃତି ସମ୍ବାଦ ସାହିତ୍ୟ ଘର ବାଲିଆପାଳ ଶାଖାର ମୁଖ୍ୟ ଉପଦେଷ୍ଟା, ବରିଷ୍ଠ ନାଗରିକ ପରିଷଦ, ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖା ଭଳି ଉତ୍ତର ଓଡିଶାର ବହୁ ଅନୁଷ୍ଠାନ ସହ ସେ ଜଡିତ ଥିଲେ ।

# ବିମଳାକୁ କେବେ ମିଳିବ ଦିବ୍ୟାଙ୍ଗ ଭତ୍ତା

## ଅର୍ଥ ଅଭାବରୁ ଝିଅ ପାଠ ପଢାରେ ବାନ୍ଧିଲେ ଡୋରି

ଖଇରା,୨୩/(ନିପ୍ର) ଖଇରା ବ୍ଲକ ଯେଉଁଠି ଗରୀବ ଲୋକର କ୍ରନ୍ଦନ ଶୁଭେନି ପ୍ରଶାସନିକ ଅଧିକାରୀଙ୍କ କାନକୁ । ସତେ ଯେମିତି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି ଆମର ପ୍ରଶାସନ । ସରକାରଙ୍କ ଭତ୍ତା ଯୋଜନା କାହା ପାଇଁ, ଏଠି ଉଠିଛି ପ୍ରଶ୍ନ । ହରିପୁର ପଂଚାୟତ ଦିଘି ଗ୍ରାମର ଚିନ୍ତାମଣି ମହାକୁଡଙ୍କ ସ୍ତ୍ରୀ ବିମଳା ମହାକୁଡ ଆଜକୁ ଦଶ ବର୍ଷ ହେଲା ମାନସିକ ବିକଳାଙ୍ଗ । ପାଖରେ ରହିଅଛି ବିକଳାଙ୍ଗ ପ୍ରମାଣ ସାର୍ଟିଫିକେଟ । ଭତ୍ତା ପାଇବା ପାଇଁ କେତେ କାକୁତି ମିନତୀ ହୋଇ ପଂଚାୟତ ଠାରୁ ଆରମ୍ଭ କରି ବ୍ଲକ ପର୍ଯ୍ୟନ୍ତ ଆବେଦନ କରି ଦୌଡି ଦୌଡି ନୟାନ୍ତ ହେଲେଣି । ହେଲେ ଶୁଣିବାକୁ କେହି ନାହିଁ ।



ଚିନ୍ତାମଣିଙ୍କ ଚିନ୍ତା କହିଲେ ନସରେ । ରାତି ପାହିଲେ ପଂଚ ପ୍ରାଣୀ କୁଟୁମ୍ବଙ୍କ ଖାଇବା ଚିନ୍ତା । ଝିଅର ପାଠ ପଢିବାକୁ ଇଛା ଥିଲେ ମଧ ଯୁକ୍ତ ୨ ପରେ ପାଠ ପଢାରେ ଡୋରୀ ବନ୍ଧା ହୋଇଗଲାଣି । ଯେଉଁ ବୟସରେ ହାତରେ ବହି, କାଗଜ, କଲମ ଧରିବା କଥା ସେହି ହାତ ଧରୁଛି ରୋଷେଇ ସରଞ୍ଜାମ ହାଣ୍ଡି ଓ କଡା । ମ୍ୟାଟ୍ରିକ୍ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଝିଅ ବହୁ କଷ୍ଟରେ ସାହାଯ୍ୟ ଭିକ୍ଷା କରି ଯୁକ୍ତ ଦୁଇ ପାଠ ଶେଷ କରି ଘରେ ବସିଛି । ପ୍ରଶାସନର ନଜର କେବେ ପଡୁଛି ଏହି ପରିବାର ଉପରେ ଓ ବିମଳା କେବେ ପାଇବେ ମାନସିକ ବିକଳାଙ୍ଗ ଭତ୍ତା ଦେଖିବାକୁ ବାକି ରହିଲା ।

# ଜଳପଥ ଦେଇ ଓଡିଶା ଆସିପାରନ୍ତି ପ୍ରବାସୀ : ସୁରକ୍ଷା ବଢିଲା

ଭୁବନେଶ୍ୱର,୨୩/୦୪ (ନି.ପ୍ର): ଜଳପଥ ଦେଇ ପ୍ରବାସୀ ଓଡିଶା ଆସିବାର ସମ୍ଭାବନା ରହିଥିବାରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିଛି ସମୁଦ୍ର ତଟ ସୁରକ୍ଷା ବଳ। ରେଲୱେ ଓ କୋଷ୍ଟ ଗାର୍ଡ ସିକୁରୀଟି ଏଡିଜି ପ୍ରାଣବିନ୍ଦୁ ଆଚାର୍ଯ୍ୟ କହିଛନ୍ତି ଯେ ୧୮ ଟି ମେରାଇନ ଷ୍ଟେସନ ରେ ଚେକିଂ ଚାଲିଛି। ଫିଶ ଲାଣ୍ଡିଂ ଷ୍ଟେସନ ରେ ସୁରକ୍ଷା ବଢ଼େଇ ଦିଆଯାଇଛି। ମେରାଇନ ଷ୍ଟେସନରେ ପେଟ୍ରୋଲିଂ ଚାଲୁଛି ଏବଂ ସବୁ ବୋଟରେ ଚେକିଂ କରାଯାଉଛି। ପ୍ରତ୍ୟେକ ଥାନାରେ ସାଗର ରକ୍ଷକ ଦଳ ଆମକୁ ବାହାରୁ ଜଳପଥ ଦେଇ ଆସୁଥିବା ଲୋକଙ୍କ ବିଷୟରେ ସୂଚନା ଦେଉଛନ୍ତି। ରାତିରେ ମଟର ସାଇକେଲରେ ପେଟ୍ରୋଲିଂ ଚାଲୁଛି। କୋଷ୍ଟାଲ ଏରିଆରେ ଜୋରଦାର ଚେକିଂ ଚାଲିଛି। ବାହାରୁ କୌଣସି ବୋଟ ଆସିପାରିବ ନାହିଁ। ଯଦି କୌଣସି ବୋଟ ନିୟମ ନମାନି ନିୟମ ଭାଙ୍ଗେ ତାହାଲେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବା ସହ ବାହାରୁ ଆସିଥିବା ବୋଟ କୁ ସିଜ କରାଯିବ। ଆସିଥିବା ଲୋକଙ୍କ ସମ୍ପର୍କରେ ଖବର ଦିଆଯାଇ ସେମାନଙ୍କୁ କ୍ୱାରେଂଟାଇନରେ ରଖାଯିବ ବୋଲି ସେ କହିଛନ୍ତି।

## ମୁଖ୍ୟ ଶାସନ ସଚିବଙ୍କ କୋଭିଡ୍ ସ୍ଥିତି ସମୀକ୍ଷା

ଭୁବନେଶ୍ୱର,୨୩/୦୪ (ନି.ପ୍ର): ଜିଲ୍ଲାପାଳମାନେ ସେମାନଙ୍କର କୋଭିଡ୍ କଲ୍ ସେଂଟରଗୁଡ଼ିକୁ ୨୪ ଘଂଟିଆ ସମ୍ପୂର୍ଣ୍ଣ ସକ୍ରିୟ ଏବଂ ପ୍ରତିକ୍ରିୟାଶୀଳ ରଖିବା ସହ ଅତି କମ୍ ସମୟ ମଧରେ ରୋଗୀମାନଙ୍କ ପାଖରେ ପହଂଚିବା ଏବଂ ଘରେ ଥିବା ଆଇସୋଲେସନ୍ ମାମଲାଗୁଡ଼ିକ ଉପରେ ନଜର ରଖିବାକୁ କୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର। ଶୁକ୍ରବାର ଦିନ ରାଜ୍ୟରେ କୋଭିଡ୍ ପରିସ୍ଥିତି ଉପରେ ସମୀକ୍ଷା କରିବା ଅବସରରେ ମୁଖ୍ୟ ସଚିବ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ରୋଗୀ ଯେତେବେଳେ ଆବଶ୍ୟକ କରନ୍ତି କିମ୍ବା ଗୁରୁତର ରୋଗୀଙ୍କୁ ଡାକ୍ତରଖାନା ଅଣାଯିବା ଉଚିତ୍ । ଗୁରୁତର ରୋଗୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଷୟରେ ସେମାନଙ୍କ ପରିବାର ସଦସ୍ୟଙ୍କୁ ସୂଚନା ଦେବା ପାଇଁ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଯାହା ଦ୍ୱାରା ସେମାନେ ଡାକ୍ତରଖାନାରେ ଭିଡ ଜମାଇବେ ନାହିଁ। ସମସ୍ତ ଜିଲ୍ଲା ଅମ୍ଳଜାନ ସୁବିଧା ଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ଉଚିତ୍ ।

## ବାଙ୍କତିରା ଜଳସେଚନ ପ୍ରକଳ୍ପର ଟେଣ୍ଡର ପ୍ରକ୍ରିୟା ଆରମ୍ଭ : କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସନ୍ତୋଷ ପ୍ରକାଶ

ବାଲେଶ୍ୱର,୨୩/୦୪ (ନି.ପ୍ର): ବାଙ୍କତୀରା ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ବାଙ୍କତୀରା ଜଳସେଚନ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ହୋଇ ଆସୁଥିବା ଦାବି ପୂରଣ ନିମନ୍ତେ ସବୁଜ ସଙ୍କେତ ମିଳିଛି। କାର୍ଯ୍ୟାରମ୍ଭ ପାଇଁ ବିଭାଗ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବାକୁ ନେଇ କମିଟି ପକ୍ଷରୁ ସନ୍ତୋଷ ପ୍ରକାଶ ପାଇଛି। ସଭାପତି ଶୁଭଙ୍କର ମହାପାତ୍ର, ସାଧାରଣ ସଂପାଦକ ପ୍ରତାପ ଚନ୍ଦ୍ର ନାୟକ ଜଣାଇଛନ୍ତି ଯେ ବୁଢ଼ାବଳଙ୍ଗ ନଦୀର ଅମୃତିଆ ନାଳର ମୁକୁଳା ମୁହଁ ବନ୍ଦ କରିବା ପାଇଁ ଶେଷରେ ପ୍ରଶାସନ ତରଫରୁ ଟେଣ୍ଡର କାମ ଆରମ୍ଭ ହୋଇଛି। ଏହି ଅମୃତିଆ ନାଳର ମୁକୁଳା ମୁହଁ ଯୋଗୁଁ ଦୀର୍ଘଦିନ ଧରି ବୁଢ଼ାବଳଙ୍ଗ ନଦୀର ସାମାନ୍ୟ ବନ୍ୟାଜଳ ରେମୁଣା ଓ ସଦର ବ୍ଲକ୍‌ର ୧୫ଟି ପଞ୍ଚାୟତ ଯଥା ନିଜାମପୁର, ଚଷାଖଣ୍ଡ, ନଗ୍ରମ, ଦହପଡ଼ା, ବୁଆଁଳ, ଓଡ଼ଙ୍ଗୀ, ଓଲନ୍ଦା ସାରଗାଁ, ସିନ୍ଧିଆ, ଗୋପୀନାଥପୁର, ବାହାବଳପୁର ପ୍ରମୁଖ ପଞ୍ଚାୟତର ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଉଥିଲା ଏବଂ ରାସ୍ତାଘାଟ, ବିଲ ବନ୍ଧ ଇତ୍ୟାଦି କ୍ଷତିଗ୍ରସ୍ତ ହେବା ସଙ୍ଗେସଙ୍ଗେ ଗମନା ଗମନ ବନ୍ଦ ହୋଇଯାଉଥିଲା। ଏହି ବୁଢ଼ାବଳଙ୍ଗ ନଦୀର ଅମୃତିଆ ନାଳର ମୁକୁଳା ମୁହଁ ବନ୍ଦ କରିବା ପାଇଁ କ୍ରିୟାନୁଷ୍ଠାନ କମିଟି ତରଫରୁ ବାରମ୍ବାର ଦାବି ହୋଇଆସୁଥିଲା। ଶେଷରେ ଏହି କାମପାଇଁ ଜଳସମ୍ପଦ ବିଭାଗ ତରଫରୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ପ୍ରାୟ ୭୧ଲକ୍ଷ ଟଙ୍କା ବିନିଯୋଗରେ ଏହି କାର୍ଯ୍ୟ ୩ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବା ସକାଶେ ନିର୍ଦ୍ଦେଶ ଦିଆଯାଇଛି। ଜଳସେଚନ ବିଭାଗର ଟେଣ୍ଡର ପ୍ରକ୍ରିୟା ପାଇଁ ପ୍ରକାଶିତ ଖବରକୁ ଏହି ପଞ୍ଚାୟତ ସମୂହର ଲୋକ, ଚାଷୀକୂଳ ଆନନ୍ଦର ସହିତ ସ୍ୱାଗତ କରିବା ସଙ୍ଗେସଙ୍ଗେ କ୍ରିୟାନୁଷ୍ଠାନ କମିଟି ତରଫରୁ ସମସ୍ତଙ୍କୁ ଧନ୍ୟବାଦ ଦିଆଯାଇଛି।

# ଦାଦନ ଶ୍ରମିକ ଜିଲ୍ଲାକୁ ଫେରିବା ପରେ ଜିଲ୍ଲାରେ ବେକାରୀ ସମସ୍ୟା ଉତ୍କଟ

ବାରିପଦା,୨୩/୦୪ (ନି.ପ୍ର): ଆଦିବାସୀ ଅଧ୍ୟୁଷିତ ଓଡିଶାର ସର୍ବବୃହତ ଜିଲ୍ଲା ମୟୂରଭଞ୍ଜ ଏକ ପ୍ରାକୃତିକ ସମ୍ପଦ ଭରା ଜିଲ୍ଲା ଭାବରେ ଏଠାରେ ଭରପୂର ଖଣିଖାଦାନ ଥାଇ ମଧ୍ୟ କୌଣଷି ଶିଳ୍ପ ସଂସ୍ଥାନ ନଥିବାରୁ ଏବଂ ନିକୋ କେବୁଲ କାରଖାନା, ସ୍ପିନିଂ ମିଲ ପରି ଜିଲ୍ଲାରେ ଯାହାବି ଛୋଟମୋଟ ଶିଳ୍ପ ସଂସ୍ଥା ଥିଲା ତାହା ଇତି ମଧ୍ୟରେ ବନ୍ଦ ହୋଇ ଯାଇଥିବାରୁ ଏବଂ ଜିଲ୍ଲାରେ ଅସଂଖ୍ୟ ପର୍ଯ୍ୟଟନ ସ୍ଥଳି ରହିଥିଲେ ମଧ୍ୟ ଦୀର୍ଘବର୍ଷ ଧରି ଦାବୀ ହୋଇ ଆସୁଥିଲେ ମଧ୍ୟ ସେଗୁଡିକର ଉନ୍ନତିକରଣ କାର୍ଯ୍ୟ ହୋଇ ପାରୁନାହିଁ । ଏଣୁ ଜିଲ୍ଲାରେ ସବୁଥାଇବି ପର୍ଯ୍ୟଟନ ଶିଳ୍ପର ବିକାଶ ହୋଇ ପାରିନଥିବାରୁ ଜିଲ୍ଲାରେ ବେକାରୀ ସମସ୍ୟା ପୂର୍ବରୁ ମଧ୍ୟ ଚରମ ସୀମାରେ ପହଂଚିଥିଲା । ତେବେ ବିଗତ ୨୦୨୦ ମସିହା ମାର୍ଚ୍ଚ ମାସରେ କରୋନା ଆସିବା ପରେ ସାରା ଦେଶରେ ଲକଡାଉନ ଓ ସର୍ଟଡାଉନ ଭଳି ନିୟମ ଲାଗୁହୋଇ ଥିବା ବେଳେ ଜିଲ୍ଲାରୁ ହଜାର ହଜାର ସଂଖ୍ୟାରେ ବାହାର ରାଜ୍ୟରେ କାମ କରୁଥିବା ଦାଦନ ଶ୍ରମୀକ ଘରକୁ ଫେରିଥିଲେ । ଫଳରେ ଜିଲ୍ଲାରେ ବେକାରୀ ସମସ୍ୟା ଆହୁରି ତୀବ୍ର ହୋଇଥିଲା । ତେବେ ମଝିରେ କରୋନା ସଂକ୍ରମଣରେ କିଛିଦିନ ରୋକ ଲାଗିଥିବା ବେଳେ ବାହାର ରାଜ୍ୟରୁ ଫେରିଥିବା କିଛି ଦାଦନ ଶ୍ରମୀକ ପୁଣି ନିଜ କର୍ମସ୍ଥଳକୁ ଫେରିଯାଇ କାମରେ ଲାଗିଥିଲେ । ମାତ୍ର କରୋନାର ୨ୟ ଲହର ସାରାଦେଶରେ ଶଂକଟମୟ ପରିସ୍ଥିତି ସୃଷ୍ଟି କରିଥିବାରୁ ଏବେ ପୁଣି ବହୁ ସଂଖ୍ୟାରେ ଦାଦନ ଶ୍ରମୀକ ଜିଲ୍ଲାକୁ ଫେରିଛନ୍ତି ଓ ଆଗାମୀ ଦିନରେ ମଧ୍ୟ ଫେରିବେ ବୋଲି ଜଣାଯାଇଛି । ତେବେ ବାହାର ରାଜ୍ୟରୁ



ଫେରିଥିବା ଏହି ଶ୍ରମୀକ ମାନେ ଗରୀବ ଓ ମଧ୍ୟବିତ୍ତ ଶ୍ରେଣୀର ହୋଇଥିବାରୁ ଏବେ ସେମାନଙ୍କୁ ଘାରିଛି ଜିବୀକା ଚିନ୍ତା । ସରକାର କାଗଜପତ୍ରରେ ବେକାର ମାନଙ୍କୁ ଜିବୀକା ଯୋଗାଇ ଦେବା ପାଇଁ ବହୁ ଯୋଜନା କରୁଥିଲେ ମଧ୍ୟ ତୃଣମୂଳ ସ୍ତରରେ ତାହା ସଠିକ ହିତାଧିକାରୀଙ୍କ ନିକଟକୁ ପହଂଚି ପାରୁ ନଥିବା ଦେଖାଯାଉଛି । ସରକାର ମହାତ୍ମାଗାନ୍ଧି ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଗ୍ରାମାଂଚଳ ବେକାର ମାନଙ୍କୁ କାମ ଯୋଗାଇ ଦେବାର ଯୋଜନା କରୁଥିଲେ ମଧ୍ୟ ଲୋକେ କାମ କରିମଧ୍ୟ ଜାନୁୟାରୀ ମାସ ଠାରୁ ଶ୍ରମୀକ ମାନେ ମଜୁରୀ ଅର୍ଥ ପାଇନଥିଲେ । ତେବେ ମାର୍ଚ୍ଚ ୧୨ ତାରିଖ ଓ ମାର୍ଚ୍ଚ ୩୧ ତାରିଖରେ ୨ଟି କିସ୍ତିରେ ଶ୍ରମୀକ ମାନେ ଅଧାରୁ କମ ପରିମାଣର ମଜୁରୀ ପାଇଥିବାର ଜଣାଯାଇଛି । ସେହିଭଳି ଅନେକ ସ୍ଥଳରେ ଶ୍ରମୀକ ବଦଳରେ ମେସିନ କାମ କରିବାର ମଧ୍ୟ ନଜରକୁ ଆସୁଛି । ଶ୍ରମୀକ ମାନେ ସଠିକ ସମୟରେ ମଜୁରୀ ପାଉନଥିବାରୁ କାମକୁ ମଧ୍ୟ ଅନେକ ସମୟରେ ଆସୁନଥିବାର ଦେଖାଯାଉଛି । ଏଭଳି ପରିସ୍ଥିତିରେ ଗରୀବ ମଧ୍ୟବିତ୍ତ ବେକାର ଯୁବକ ମାନେ ଏବେ ନିଜ ଜୀବନ ଜୀବିକାକୁ ନେଇ ଚିନ୍ତାରେ କାଳ କାଟୁଥିବାର ଦେଖାଯାଉଛି । ଗାଁଗଣ୍ଡା ହାଟବଜାର, ଛକ, ରାସ୍ତାକଡରେ ବହୁ ବେକାର ଯୁବକ ଏବେ କିଛିନାକିଛି ଉଠାଦୋକାନ କରି ନିଜର ଗୁଜୁରାଣ ମେଂଟାଇବାକୁ ପ୍ରୟାସ କରୁଥିବା ବେଳେ, କିଛି ବେକାର ଯୁବକ ବିପଥଗାମୀ ହୋଇ ଅସାମାଜିକ କାର୍ଯ୍ୟରେ ଲିପ୍ତ ହୋଇ ଜିଲ୍ଲାରେ ଅପରାଧ ମଧ୍ୟ ବୃଦ୍ଧି କରୁଥିବାର ଦେଯାଯାଉଛି ।

## ଯୁବକଙ୍କର ମୃତ୍ୟୁ

ଖଇରା,୨୩/୦୪ (ନି.ପ୍ର): ଖଇରା ଥାନା ଆଳଦା ସ୍ଥିତ ସୁଧାଂଶୁ ବେହେରା କୋଠାରୁ ମିଥୁନ ସେକ ନାମକ ଜଣେ ଯୁବକର ମୃତ ଦେହ ଉଦ୍ଧାର କରାଯାଇଛି । ତାଙ୍କୁ ଖଇରା ମେଡିକାଲ ଆଣିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେ ଖଇରା ଅଂଚଳରେ ପକ୍କା କାମ କରୁଥିଲେ । ସେ କିଛିଦିନ ଧରି କାଜଲ ଖାଁ ନାମକ ମିସ୍ତ୍ରୀ ସହିତ କାର୍ଯ୍ୟ କାରି ଆସୁଥିଲା ବେଳେ ତାଙ୍କ ଠାରୁ ସମସ୍ତ ମଜୁରୀ ପଇସା ପାଇଥିଲେ । ତାଙ୍କର ମୃତ୍ୟୁର କାରଣ ଜଣା ପଡି ନଥିବା ବେଳା ପୋଷ୍ଟମୋଟମ ରିପୋର୍ଟ ପରେ ଜଣା ପଡିବ ବୋଲି ପୋଲିସ ପ୍ରକାଶ କରିଛି । ପୋଲିସ ଶବକୁ ଜବଦ କରିଛି । ମୃତ ମିଥୁନଙ୍କର ଘର କଲିକତାର ମୁର୍ସିଦାବାଦ ଜିଲାର ନବଜାଗିରି ଗାଁର ହୋଇ ଥିବ ବେଳେ ମୁନୁତାଜ ସେକ ଙ୍କ ପୁଅ ବୋଲି ଜଣା ପଡିଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା।
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo